ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

visit us at www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.24 . No.111 Bhubaneswar Saturday, June 12, 2021 | ୨୪ତମ ବର୍ଷ ସଂଖ୍ୟା–୧୧୧ ଭୁବନେଶ୍ୱର, ଶନିବାର, ଜୁନ୍ ୧୨, ୨୦୨୧ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹1.50 (Air Surcharge - 0.50P) Member-INS





ସୀମା ସୁରକ୍ଷା ସଙ୍ଗଠନ ଦ୍ୱାରା ପ୍ରତିଷ୍ଠିତ 'ସଡ଼କ ସୁରକ୍ଷା ଏବଂ ସଚେତନତା ପାଇଁ କେନ୍ଦ୍ରର ଉତ୍କର୍ଷତା' ଏବଂ 'ସଡ଼କ, ସେତୁ, ବାୟୁ କ୍ଷେତ୍ର ଏବଂ ଟନେଲ ପାଇଁ ଉତ୍କର୍ଷ କେନ୍ଦ୍ର' ଉଦ୍‌ଘାଟନୀ ଉତ୍ସବରେ କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ

## ପଶ୍ଚିମ ଓଡିଶାରେ କୋଭିଡ ପରିଚାଳନା ପାଇଁ ୨୫ କୋଟି ଟଙ୍କାର ସହାୟତା ଘୋଷଣା କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୧।୬(ପି.ଏନ): ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ସଂଧ୍ୟାରେ ଭିଡିଓ କନ୍‌ଫରେନ୍‌ସିଂ ଜରିଆରେ ପଶ୍ଚିମ ଓଡିଶାର ୧୧ଟି ଜିଲ୍ଲାରେ କୋଭିଡ ପରିଚାଳନା ପାଇଁ ଆହୁରି ୨୫ କୋଟି ଟଙ୍କାର ସ୍ୱତନ୍ତ୍ର ସହାୟତା ଘୋଷଣା କରିଛନ୍ତି। ଗତ ମାସରେ ପଶ୍ଚିମ ଓଡିଶାର ୧୧ଟି ଜିଲ୍ଲା ପାଇଁ ୨୫ କୋଟି ଟଙ୍କାର ସହାୟତା ଘୋଷଣା କରାଯାଇଥିଲା। ଏହି ସହାୟତା ରାଶିରେ କିଣା ଯାଇଥିବା ଜରୁରୀକାଳୀନ କୋଭିଡ ଉପକରଣକୁ ମୁଖ୍ୟମନ୍ତ୍ରୀ ଆଜି ଲୋକଙ୍କ ସେବାରେ ଉତ୍ସର୍ଗ କରିଛନ୍ତି । ଏହି ଅର୍ଥ ଦ୍ୱାରା ପଶ୍ଚିମ ଓଡିଶାର ୧୧ଟି ଜିଲ୍ଲା ବରଗଡ, ବଲାଙ୍ଗୀର, କଳାହାଣ୍ଡି, ସମ୍ବଲପୁର, ସୁନ୍ଦରଗଡ, ନୂଆପଡ, ଝାରସୁଗୁଡା, ବୌଦ, ସୁବର୍ଣ୍ଣପୁର, ଦେବଗଡ ଓ ଅନୁଗୁଳରେ ସମସ୍ତ ଜରୁରୀକାଳୀନ କୋଭିଡ ଉପକରଣ କିଣା ଯାଇଛି। ଭେଂଟିଲେଟର, ଅକ୍‌ସିଜେନ୍ ପାଇପ ଲାଇନ, ଅଟୋଆନାଲାଇଜର, ସିବିସି ମେସିନ୍, ଅକ୍‌ସିମିଟର ଆଦି ପାଇଁ ବ୍ୟବସ୍ଥା କରାଯାଇଛି। ଏହି ଅତିରିକ୍ତ ଅର୍ଥ ବ୍ୟବସ୍ଥା ଦ୍ୱାରା ଏହି ଜିଲ୍ଲାଗୁଡିକରେ କୋଭିଡ ଭିତିଭୂମି ଆହୁରି ସୁଦୃଢ ହୋଇପାରିବ ବୋଲି ମୁଖ୍ୟମନ୍ତ୍ରୀ ଆଶାପ୍ରକାଶ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଦୃଢ ବିଶ୍ୱାସ ପ୍ରକଟ କରି କହିଛନ୍ତି ଯେ ସମସ୍ତଙ୍କ ମିଳିତ ଉଦ୍ୟମରେ ଆମେ ଖୁବ ଶୀଘ୍ର ଏ ସଂକଟରୁ ମୁକ୍ତ ହେବୁ। ପଶ୍ଚିମ ଓଡିଶାରେ କୋଭିଡ ସ୍ଥିତିରେ ଉନ୍ନତି ଆସିଥିବାରୁ, ମୁଖ୍ୟମନ୍ତ୍ରୀ ଏହାର ସବୁ ଶ୍ରେୟ ପଶ୍ଚିମ ଓଡିଶାର ଜନସାଧାରଣଙ୍କୁ ଦେଇଛନ୍ତି। ଆଗଧାଡିରେ ରହି କାମ କରୁଥିବା ଡାକ୍ତର, ସ୍ୱାସ୍ଥ୍ୟକର୍ମୀ, ଅଙ୍ଗନବାଡୀ ଓ ଆଶାକର୍ମୀ ସମସ୍ତଙ୍କୁ ଶ୍ରେୟ ଦେଇ ସେମାନଙ୍କ ତ୍ୟାଗ ଓ ପରିଶ୍ରମ ପାଇଁ ଧନ୍ୟବାଦ ଜଣାଇଛନ୍ତି। ଆଗକୁ ପରିସ୍ଥିତିରେ ଆହୁରି ଉନ୍ନତି ଆସିବ ବୋଲି ସେ ଆଶାପ୍ରକାଶ କରିଛନ୍ତି।ପଶ୍ଚିମ ଓଡିଶାର ବିକାଶ ପରିଷଦ ଯେପରି ଅଧିକ ବିକାଶ କାମ କାର୍ଯ୍ୟକାରୀ କରିପାରିବ, ସେଥିପାଇଁ ଅଧିକ ପାଣ୍ଠି ଦିଆଯାଉଛି। ବିକାଶ ପରିଷଦ ଏହାର ଦାୟିତ୍ୱ ସଫଳ ଭାବରେ ନିର୍ବାହ କରିବ ବୋଲି ମୁଖ୍ୟମନ୍ତ୍ରୀ ଆଶାପ୍ରକାଶ କରିଥିଲେ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ କୋଭିଡ ମୁକାବିଲା ପାଇଁ ରାଜ୍ୟ ସରକାର ମାଗଣାରେ ଚିକିତ୍ସା ସୁବିଧା ଯୋଗାଇ ଦେଉଛନ୍ତି। ଅକ୍‌ସିଜେନ ଯୋଗାଣରେ ଓଡିଶା ନୂଆ ପରିଚୟ ସୃଷ୍ଟି କରି ଅନେକ ମୂଲ୍ୟବାନ ଜୀବନ ବଂଚାଇପାରିଛି। ଏ ସଂକଟ ସମୟରେ 'ପ୍ରତ୍ୟେକ ଜୀବନ ମୂଲ୍ୟବାନ' - ଏହା ଆମର ସିଦ୍ଧାନ୍ତ ବୋଲି ପ୍ରକାଶ କରି ପ୍ରତ୍ୟେକ ଲୋକ ଯେପରି ଉତମ ଚିକିତ୍ସା ସେବା ପାଇପାରିବ, ସେଥିପାଇଁ ଆମର ଉଦ୍ୟମ ଜାରି ରହିଛି।ଏହି କାର୍ଯ୍ୟକ୍ରମରେ ଯୋଜନା ଓ ସଂଯୋଜନା ମନ୍ତ୍ରୀ ପଦ୍ମନାଭ ବେହେରା, ଅର୍ଥ ମନ୍ତ୍ରୀ ନିରଞ୍ଜନ ପୂଜାରୀ, ମହିଳା ଓ ଶିଶୁବିକାଶ ମନ୍ତ୍ରୀ ଶ୍ରୀମତୀ ଟୁକୁନି ସାହୁ, ଗ୍ରାମ୍ୟ ଉନ୍ନୟମ ମନ୍ତ୍ରୀ ସୁଶାନ୍ତ ସିଂହ, ଶକ୍ତି ମନ୍ତ୍ରୀ ଦିବ୍ୟଶଂକର ମିଶ୍ର, ଉପମୁଖ୍ୟ ସଚେତକ ରୋହିତ ପୂଜାରୀ ଏବଂ ସାଂସଦ ଓ ବିଧାୟକ ମାନେ ଯୋଗ ଦେଇଥିଲେ। ପଶ୍ଚିମ ଓଡିଶା ବିକାଶ ପରିଷଦର ଅଧ୍ୟକ୍ଷ ଅସିତ ତ୍ରିପାଠୀ ସ୍ୱାଗତ ଭାଷଣ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉନ୍ନୟନ କମିଶନର ପି.କେ. ଜେନା, ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ପି.କେ. ମହାପାତ୍ର ଓ ଅନ୍ୟ ବରିଷ୍ଠ ଅଧିକାରୀ ମାନେ ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀଙ୍କ ସଚିବ (୫–ଟି) ଭି.କେ. ପାଣ୍ଡିଆନ କାର୍ଯ୍ୟକ୍ରମକୁ ସଂଚାଳନ କରିଥିଲେ।

## ସାମ୍ବାଦିକ ସ୍ୱାସ୍ଥ୍ୟ ବୀମା ଯୋଜନା ଲାଗି ଆବେଦନ ଜୁନ୍ ୨୬ ଯାଏଁ ବଢ଼ିଲା

ଭୁବନେଶ୍ୱର, ୧୧।୬(ପି.ଏନ): ରାଜ୍ୟରେ କାର୍ଯ୍ୟରତ ସାମ୍ବାଦିକ ସ୍ୱାସ୍ଥ୍ୟ ବୀମା ଯୋଜନା ପାଇଁ ଆବେଦନ ଅବଧି ଜୁନ୍ ୨୬ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଏନେଇ ସୂଚନା ଦେଇଛନ୍ତି ରାଜ୍ୟ ସରକାରଙ୍କ ଗଣମାଧ୍ୟମ ପରାମର୍ଶଦାତା ମାନସ ମଙ୍ଗରାଜ। କାର୍ଯ୍ୟରତ ସାମ୍ବାଦିକଙ୍କ ପାଇଁ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟବୀମା ଯୋଜନା ୨୦୧୬ ରେ ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ସୁବିଧା ପ୍ରଦାନ କରାଯାଉଛି।

## ସଚେତନ ନହେଲେ ପୁଣି ବିପଦ ଫେରିବ : ଡିଏମଇଟି

ଭୁବନେଶ୍ୱର, ୧୧।୬(ପି.ଏନ): ରାଜ୍ୟରେ ଦିନକୁ ଦିନ କରୋନା ସଂକ୍ରମଣ କମୁଛି ।ଏବେ ଦୈନିକ ସଂକ୍ରମଣ ହ୍ରାସ ପାଉଥିବା ସହ ଆଗକୁ ମୃତ୍ୟୁ ସଂଖ୍ୟା ବି କମିବ। ସ୍ଥିତିକୁ ଦେଖି ପରବର୍ତୀ ନିଷ୍ପତି ନିଆଯିବ ବୋଲି କହିଛନ୍ତି ଡିଏମଇଟି ସିବିକେ ମହାନ୍ତି । ତେବେ କରୋନା କମୁଛି ଭାବି ଲୋକ ସଚେତନ ନହେଲେ ପୁଣି ବିପଦ ଫେରିବ। ଲକଡାଉନ୍ ଯୋଗୁ ଗରିବ ଲୋକ, ବୁଲା ବେପାରୀ ଅସୁବିଧା ଭୋଗୁଛନ୍ତି ତେଣୁ ପରିସ୍ଥିତିକୁ ଦେଖି ଅନ୍‌ଲକ୍ ପ୍ରକ୍ରିୟା ଲାଗୁ ନେଇ ନିଷ୍ପତି ନିଆଯିବ ବୋଲି ସେ କହିଛନ୍ତି।

## ସୀମାନ୍ତରେ ୮ ମାଓବାଦୀ ଙ୍କ ଆତ୍ମସମର୍ପଣ

ମାଲକାନଗିରି, ୧୧।୬(ପି.ଏନ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ ରାଜ୍ୟ ସୁକୁମା ଜିଲ୍ଲାରେ ଲାଲ ବାହିନୀ ର ହାତ ଛାଡି ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୋଇ ସାଧାରଣ ଜୀବନ ଯାପନ କରିବା ପାଇଁ ଆଜି ସୁକୁମା ଜିଲ୍ଲା ପୋଲିସ ମୁଖ୍ୟାଳୟ ରେ ୮ ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି ।ଏମାନଙ୍କ ମଧ୍ୟରେ ଜଣଙ୍କ ନାମରେ ୨ ଲକ୍ଷ ଟଙ୍କା ପୁରସ୍କାର ରହିଥିବାବେଳେ ଅନ୍ୟ ଜଣେ ମାଓବାଦୀ ବନ୍ଧୁକ ସହ ଆତ୍ମସମର୍ପଣ କରିଥିଲା ।ସିଆରପିଏଫ ଡ଼ି ଆଇ ଜି ୟୋଙ୍ଗାନ ସିଂ, ସୁକୁମା ଜିଲ୍ଲାପାଳ ବିନୀତ ନନ୍ଦନବର, ସୁକୁମା ଜିଲ୍ଲା ଆରକ୍ଷୀ ଅଧିକ୍ଷକ କେ ଏଲ ଧ୍ରୁବ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସଚିନ୍ଦ୍ର ଚୋବେ, ସିଆରପିଏଫ କମଣ୍ଡାର ଧର୍ମେନ୍ଦ୍ର ସିଂ ଓ ତାସି ଗୟାଲିକ ଙ୍କ ସମ୍ମୁଖରେ ଆତ୍ମସମର୍ପଣ କରିଥିଲେ ।ଆତ୍ମସମର୍ପଣ କରିଥିବା ମାଓବାଦୀ ମାନେ ହେଲେ ୨ ଲକ୍ଷ ପୁରସ୍କାର ଘୋଷିତ ପ୍ଲୁଟୁନ ୪ ସଦସ୍ୟ ବଞ୍ଜାମ ଭୀମା, ଡ଼ି ଏ କେ ଏମ ଏସ ସଦସ୍ୟ ରବି, ଜିଆରଡ଼ି କମଣ୍ଡାର କୌସା, ମିଲିସିଆ ସଦସ୍ୟ ଦେବ, ଦରଦୀ ଗଙ୍ଗା, ସୋଡି ଦୁଲା, କବାସୀ ଦେବା ଓ ସି ଏନ ଏ ଏମ ସଦସ୍ୟ ମାଡ଼କି କଳାବତୀ ।ଏହି ୮ ଜଣଙ୍କ ମଧ୍ୟରୁ କବାସୀ ଦେବା ବନ୍ଧୁକ ସହ ଆତ୍ମସମର୍ପଣ କରିଥିଲା ।ଏମାନଙ୍କୁ ମାଓବାଦୀ ଥଇଥାନ ପ୍ୟାକେଜ ଅନୁଯାୟୀ ସମସ୍ତ ସୁବିଧା ଯୋଗାଇ ଦିଆଯିବ ବୋଲି ଏସପି ଶ୍ରୀ ଧ୍ରୁବ ପ୍ରକାଶ କରିଛନ୍ତି ।

## ପେଟ୍ରୋଲ, ଡିଜେଲ ପୁଣି ମହଙ୍ଗା, ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୨ ଟଙ୍କା

ନୂଆଦିଲ୍ଲୀ, ୧୧।୬(ପି.ଏନ): ଆନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ମୂଲ୍ୟ ହ୍ରାସ ପାଇବା ସତ୍ତ୍ୱେ ଘରୋଇ ବଜାରରେ ପେଟ୍ରୋଲ ଏବଂ ଡିଜେଲର ମୂଲ୍ୟ ବୃଦ୍ଧି ପାଇଛି । ସାର୍ବଜନୀନ କ୍ଷେତ୍ରରେ ତୈଳ ମାର୍କେଟିଂ କମ୍ପାନୀ ଗୁଡ଼ିକ ଗୋଟିଏ ଦିନ ପରେ ପୁନର୍ବାର ଉଭୟ ଇନ୍ଧନର ମୂଲ୍ୟ ବୃଦ୍ଧି କରିଛନ୍ତି । ଏହା ସହିତ ପେଟ୍ରୋଲ ଲିଟର ପିଛା ୨୯ ପଇସା ଏବଂ ଡିଜେଲ ଲିଟର ପିଛା ୨୮ ପଇସା ବୃଦ୍ଧି ପାଇଛି । ଦେଶର ଆର୍ଥିକ ରାଜଧାନୀ ମୁମ୍ବାଇରେ ପେଟ୍ରୋଲର ମୂଲ୍ୟ ଲିଟର ପିଛା ୧୦୨ ଟଙ୍କା ଅତିକ୍ରମ କରିଛି । ଇଣ୍ଡିଆନ ଅଏଲ ୱେବ୍‌ସାଇଟ୍ ଅନୁଯାୟୀ ଦେଶର ଚାରିଟି ମହାନଗରୀ ଦିଲ୍ଲୀ, ମୁମ୍ବାଇ, ଚେନ୍ନାଇ ଏବଂ କଲିକତାରେ ପେଟ୍ରୋଲ ମୂଲ୍ୟ ଯଥାକ୍ରମେ ୯୫.୮୫, ୧୦୨.୦୪, ୯୭.୧୯ ଏବଂ ୯୫.୮୦ ଲିଟର ପିଛା ରହିଛି । ଏଥି ସହିତ ଡିଜେଲ ମଧ୍ୟ ଏହି ମହାନଗରୀରେ ଲିଟର ପିଛା ଯଥାକ୍ରମେ ୮୬.୭୫, ୯୪.୧୫, ୯୧.୪୨ ଏବଂ ୮୯.୬୦ ଟଙ୍କାରେ ବିକ୍ରି ହେଉଛି । ଉଲ୍ଲେଖନୀୟ ଯେ, ଦେଶରେ ୧୩୫ଟି ଜିଲ୍ଲା ଅଛି ଯେଉଁଠାରେ ପେଟ୍ରୋଲର ମୂଲ୍ୟ ୧୦୦ ରୁ ଅଧିକ ଅଟେ । ସୂଚନାଯୋଗ୍ୟ ଯେ, ଆନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳର ମୂଲ୍ୟ ଗୋଟିଏ ଦିନ ପୂର୍ବରୁ କମ୍ ହୋଇଥିଲା । ବାଣିଜ୍ୟ ବନ୍ଦ ହେବା ବେଳକୁ ବରେଂଟ ଅଶୋଧିତ ବ୍ୟାରେଲ ୦.୨୧ ଡଲାରରୁ ୭୨.୩୧ ଡଲାର ଏବଂ ଡବ୍ଲୁଟିଆଇ ଅଶୋଧିତ ବ୍ୟାରେଲ ୦.୨୧ ଡଲାରରୁ ୭୦.୦୮ ଡଲାରକୁ ହ୍ରାସ ପାଇଛି । ସୂଚନାଯୋଗ୍ୟ, ଗତ ୨୩ ଦିନ ମଧ୍ୟରେ ପେଟ୍ରୋଲ ୫.୫୩ ଟଙ୍କା ଏବଂ ଡିଜେଲ ଲିଟର ପିଛା ୫.୯୭ ଟଙ୍କା ବ୍ୟୟବହୁଳ ହୋଇଛି ।

## ଭୀଷଣ ବର୍ଷା ଆଶଙ୍କା, ୬ ଜିଲ୍ଲାକୁ ରେଡ୍ ୱାର୍ଣ୍ଣିଂ

ଭୁବନେଶ୍ୱର, ୧୧।୬(ପି.ଏନ): ଆସନ୍ତା ୨୪ଘଂଟା ମଧ୍ୟରେ ରାଜ୍ୟର ଅନେକ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ସମ୍ଭାବନା ରହିଛି। ରାଜ୍ୟର ସମ୍ବଲପୁର, ସୋନପୁର, ବଲାଙ୍ଗୀର, ବୌଦ୍ଧ , ବରଗଡ ଓ ଅନୁଗୁଳ ଜିଲ୍ଲାରେ ଭୀଷଣ ବର୍ଷା ହେବାର ଆଶଙ୍କା ରହିଛି। ଏହି ଦୃଷ୍ଟିରୁ ଏହି ସବୁ ଜିଲ୍ଲାକୁ ରେଡ୍ ୱାର୍ଣ୍ଣିଂ ଜାରି କରାଯାଇଥିବା ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ମାଲକାନଗିରି, କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି, ନୂଆପଡା, ଢେଙ୍କାନାଳ , କଟକ ଓ ଦେବଗଡ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ସମ୍ଭାବନା ଥିବାରୁ ଏହି ଜିଲ୍ଲାଗୁଡ଼ିକୁ ପାଣିପାଗ କେନ୍ଦ୍ର ପକ୍ଷରୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି ।ଏହି ସମୟରେ ଅକସ୍ମାତ୍ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇପାରେ। ସେହିପରି ମାଟିରାସ୍ତା ଧସିଯିବା, ପାହାଡ଼ିଆ ଅଂଚଳରେ ଭୂ-ସ୍ଖଳନ ଓ ମ୍ୟୁନିସିପାଲିଟି ଅଂଚଳରେ ଯାତାୟାତ ବାଧାପ୍ରାପ୍ତ ହୋଇପାରେ। ଏଥିଯୋଗୁଁ ପନିପରିବା ଚାଷ ମଧ ନଷ୍ଟ ହେବାର ସମ୍ଭାବନା ରହିଛି। ତେଣୁ ସତର୍କତା ଅବଲମ୍ବନ କରିବା ପାଇଁ ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ରାଜ୍ୟବାସୀଙ୍କୁ ସତର୍କ କରାଇ ଦିଆଯାଇଛି ।ଏଥିସହିତ ଆସନ୍ତା ୨୪ ଘଂଟା ମଧ୍ୟରେ ପ୍ରବଳ ବର୍ଷା ପାଇଁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଥିବା ଜିଲ୍ଲାଗୁଡ଼ିକ ମଧ୍ୟରେ ଝାରସୁଗୁଡ଼ା, ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ,ବାଲେଶ୍ୱର,ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, ଜଗତସିଂହପୁର, ଖୋର୍ଦ୍ଧା, ପୁରୀ, ନୟାଗଡ଼,ଗଜପତି, ଗଞ୍ଜାମ, ରାୟଗଡାଓ କନ୍ଧମାଳ ଆଦି ରହିଛି।

## ରାଜଧାନୀରେ ୨୪ ଘଂଟାରେ ୪୮୫ ପଜିଟିଭ୍, ୧୦୦୪ ସୁସ୍ଥ

ଭୁବନେଶ୍ୱର, ୧୧।୬(ପି.ଏନ): ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ଅଂଚଳରୁ ଶୁକ୍ରବାର ଆଉ ୪୮୫ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେଥିରୁ ୧୦୨ ଜଣ କ୍ୱାରେଂଟାଇନ୍ ରୁ ରହିଥିବା ବେଳେ ୩୮୩ ଲୋକାଲ୍ କେସ୍ ରହିଛନ୍ତି। ଅପରପକ୍ଷରେ ୨୪ ଘଂଟାରେ ୧୦୦୪ ଜଣ ଆରୋଗ୍ୟ ହୋଇ ଘରକୁ ଫେରିଛନ୍ତି। ଏନେଇ ବିଏମ୍‌ସି ପକ୍ଷରୁ ଟ୍ୱିଟ୍ କରାଯାଇଛି। ବିଏମସିର ସୂଚନା ଅନୁସାରେ ଲୋକାଲ ଆକ୍ରାନ୍ତଙ୍କ ମଧ୍ୟରୁ ପଟିଆରୁ ସର୍ବାଧିକ ୩୧ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେହିପରି ନୟାପଲ୍ଲୀରୁ ୨୪ ଜଣ ,ଚନ୍ଦ୍ରଶେଖରପୁରରୁ ୨୧ ଜଣ , ପୋଖରୀପୁଟରୁ ୧୮ ଜଣ , ଓଲ୍ଡଟାଉନ୍‌ରୁ ୧୬ ଜଣ , ଟଙ୍କପାଣି ରୋଡ୍ ଓ ନିଳାଦ୍ରୀବିହାରରୁ ୧୪ ଜଣ ଲେଖାଏଁ, ପାତ୍ରପଡାରୁ ୧୩ ଜଣ, ସହୀଦନଗର ଓ ଡୁମଡୁମାରୁ ୧୨ ଜଣ ଲେଖାଏଁ , ଲକ୍ଷ୍ମୀସାଗରରୁ ୧୧ ଜଣ,ଝାରପଡାରୁ ୧୦ ଜଣ ଆକ୍ରାନ୍ତ ରହିଛନ୍ତି। ସେହିପରି ପଟିଆରୁ ୧୧ ଜଣ , ଚନ୍ଦ୍ରଶେଖରପୁରରୁ ୧୦ ଜଣ ,ଡୁମଡୁମାରୁ ୫ ଜଣ, ରସୁଲଗଡ, ସହୀଦନଗର, ନିଳାଦ୍ରୀବିହାରରୁ ୪ ଜଣ ଲେଖାଏଁ କ୍ୱାରେଂଟାଇନ୍ ମାମଲା ରହିଛି।

## ଛତୁ ଫୁଟିବା ଭଳି ଖୋଲୁଛି ୟୁଟ୍ୟୁବ ଚ୍ୟାନେଲ, ସାମାଜିକ ଗଣମାଧ୍ୟମ ପ୍ରତି ବିପଦ

ଭଦ୍ରକ, ୧୧।୬(ପି.ଏନ): ସାରା ରାଜ୍ୟରେ ଛତୁ ଫୁଟିବା ଭଳି ୟୁଟ୍ୟୁବ ଚ୍ୟାନେଲ ଖୋଲା ଯାଉଛି। ବର୍ତମାନ ଇଲୋକୋଟ୍ରନିକ୍ସ ଯୁଗରେ ସାଧାରଣ ଜନତା ମୋବାଇଲ ମାଧ୍ୟମରେ ବିଭିନ୍ନ ଖବର ଅନ୍ତର ରଖିବାକୁ ଆଗ୍ରହ ପ୍ରକାଶ କରୁଛନ୍ତି। ବଡ଼ବଡ଼ ଛାପା ଗଣମାଧ୍ୟମ ନିଜର ଟିଭି ଚ୍ୟାନେଲ ଖୋଲି ଖବର ପ୍ରସାରଣ କରୁଥିବା ବେଳେ ଅନେକ ୟୁଟ୍ୟୁଚ୍ୟାନେଲ ଏହାକୁ ଏକ ସାମାଜିକ ଅନୁଷ୍ଠାନ ପ୍ରଚାର କରି ଜନସାଧାରଣଙ୍କୁ ଶୋଷଣର ମାଧ୍ୟମ ସାଜିଛନ୍ତି। ଏହିସବୁ ଅନୁଷ୍ଠାନ ପକ୍ଷରୁ ବିଭିନ୍ନ ବର୍ଗର କଳାକାର, ସରକାରୀ ସ୍ତରରେ ବିଭିନ୍ନ କାର୍ଯ୍ୟ କରାଇ ଦେବା, ଲୋନ କରାଇ ଦେବା, ବିଭିନ୍ନ ସଂସ୍ଥାରେ କର୍ମଚାରୀ ନିଯୁକ୍ତି କରାଇ ଦେବା, ଆତ୍ମପ୍ରଚାର ଆଶାୟୀ ଆର୍ଥୀକ ସ୍ୱଚ୍ଛଳ ବ୍ୟକ୍ତି ବିଶେଷଙ୍କୁ ଠାବ କରି ସେମାନଙ୍କ ଠାରୁ ମୋଟା ଅଙ୍କର ଟଙ୍କା ଆଦାୟ କରି ଠକୁଥିବାର ଦେଖା ଯାଉଛି। ନିଜର ଟିଭି ଚ୍ୟାନେଲ ମାଧ୍ୟମରେ ମିଥ୍ୟା ଓ କଳାକାରନାମାକୁ ସତ୍ୟର ରୂପ ଦେଇ ସାମ୍ବାଦିକତା ପଦର ଅପମର୍ଯ୍ୟଦା କରିବାକୁ ପଛାଉ ନାହାନ୍ତି। ଖବରରୁ ପ୍ରକାଶ ଆଜକୁ ଅଢେଇବର୍ଷ ପୂର୍ବେ ଭଦ୍ରକ ଜିଲ୍ଲା ବାଗୁରାଇସ୍ଥ ଡ଼ଗମୁଣ୍ଡ ଅଂଚଳରେ ଜନୈକ ଭଦ୍ରମୁଖା ଧାରୀ ମହିଳା ଟିଭି ଚ୍ୟାନେଲ ଖୋଲି ଏହା ମାଧ୍ୟମରେ ସମ୍ବାଦ ପରିବେଷଣ, ପ୍ରାମାଣିକ ଚଳଚିତ୍ର ନିର୍ମାଣ, ସ୍ୱେଚ୍ଛାସେବୀ କାର୍ଯ୍ୟ, ପ୍ରତିଭା ସମ୍ମାନ, ଋଣ କରାଇଦେବା, ସୁବିଧାରେ ଜମିବାଡ଼ି କିଣାଇ ଦେବା, ବେକାରୀମାନଙ୍କୁ କର୍ମସଂସ୍ଥାନ ଯୋଗାଇ ଦେବା ଆଦି କାର୍ଯ୍ୟରେ ଲିପ୍ତ ରହି ବହୁ ଲୋକଙ୍କୁ ଆର୍ଥିକ ଶୋଷଣ କରୁଥିବାର ଅଭିଯୋଗ ମିଳିଛି। ପ୍ରାଥମିକ ସ୍ତରରେ ଟିଭି ଚ୍ୟାନେଲ ଅଫିସ ନାମରେ ବଡ଼ବଡ଼ ହୋର୍ଡିଂ, ପ୍ରଚାର ପ୍ରସାର କରି ସାଧାରଣଲୋକଙ୍କୁ ନିଜ ଆଡ଼କୁ ଆକୃଷ୍ଟ କରୁଛନ୍ତି। ବିଶ୍ୱାସରେ ଅନେକ ଯୁବକ ଯୁବତୀ, ବରିଷ୍ଠ ନାଗରିକ, ଅବସରପ୍ରାପ୍ତ କର୍ମଚାରୀ, ସମ୍ମାନ ଲୋଭୀ, ଅସହାୟ ବ୍ୟକ୍ତିମାନେ ଶୋଷଣର ଶିକାର ହୋଇଛନ୍ତି। ସଂସ୍ଥାର ମାଲିକାଣୀ ଓ ନିର୍ଦ୍ଦେଶକ ବାହାରକୁ ଭଦ୍ରତା ଓ ଚକଚକ୍ୟର ମୁଖା ପିନ୍ଧି ଭିତରେ ସମସ୍ତ ପ୍ରକାର ଦୁର୍ନୀତି, କଳାକାରନାମାରେ ଲିପ୍ତ ରହୁଛନ୍ତି। ପ୍ରଥମତଃ ଏହି ସଂସ୍ଥାର କର୍ମଚାରୀ ମାନଙ୍କୁ ବିଭିନ୍ନ ଅନୈତିକ କାର୍ଯ୍ୟରେ ଲିପ୍ତ କରାଇ ସେମାନଙ୍କୁ ପାରିଶ୍ରମିକ ଦେବାରେ ହଇରାଣ ହରକତ କରୁଛନ୍ତି। ଅଢେଇ ବର୍ଷ ମଧ୍ୟରେ ଏହି ସଂସ୍ଥା ବିଭିନ୍ନ ସ୍ଥାନକୁ ଅଫିସ ସ୍ଥାନାନ୍ତର କରୁଥିବା ବେଳେ କୌଣସି କର୍ମଚାରୀ ଦୀର୍ଘଦିନ କର୍ମସଂସ୍ଥାନ ପାଇ ପାରୁ ନାହାନ୍ତି। ସଂସ୍ଥାର ସାଧାରଣ କର୍ମଚାରୀଙ୍କ କଥାକୁ କିଏ ପଚାରେ; ଏହି ସଂସ୍ଥାରେ ଖୋଦ ମୁଖ୍ୟ ସମ୍ପାଦକ ଥିବା ଜନୈକ ବରିଷ୍ଠ ସାମ୍ବାଦିକ ମଧ ଠକାମୀରୁ ବାଦ ପଡ଼ି ନାହାନ୍ତି। ଏହି ସଂସ୍ଥାର ଭଦ୍ରକ ଅଫିସରେ କିଛିମାସ ପୂର୍ବେ ସଂପୃକ୍ତ ମୁଖ୍ୟ ସମ୍ପାଦକଙ୍କୁ ବଡ଼ ପଦବୀର ବସାଇ ତାଙ୍କ ଠାରୁ ଧାରସୂତ୍ରରେ ମୋଟାଅଙ୍କର ଟଙ୍କା ନେଇ ଫାଙ୍କିବା ଏବଂ ହାତାହାତି ଘଟଣା ପରେ ଟଙ୍କା ଫେରସ୍ତ ଦେବା ଭଳି ଘଟଣା ଲୋକଲୋଚନରେ ଏହି ସଂସ୍ଥାର କଳାକାରନାମା ପର୍ଦାଫାଶ କରିବାରେ ସହାୟକ ହୋଇଛି। ଏମାନେ ମଧ୍ୟ ସରକାରୀ କର୍ମଚାରୀଙ୍କ ଦୁର୍ବଳତାର ସୁଯୋଗ ନେଇ ଶୋଷଣ କରିବାକୁ ପଛାଉ ନାହାନ୍ତି। ଏହି କ୍ରମରେ ଭଦ୍ରକ ଜିଲ୍ଲା ଧାମନଗର ବ୍ଲକ ଦକ୍ଷିଣବାଡ଼ ଗ୍ରାମର ଅଶୋକ ଜେନା ନାମକ ଜନୈକ ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀଙ୍କ ମନରେ ବିଶ୍ୱାସ ଜନ୍ମାଇ ଧାମରାରେ ଜମି କିଣି ଏକ ବଡ଼ ପ୍ରେଜେକ୍ଟ ଜରିଆରେ ଲୋକଙ୍କୁ କର୍ମ ନିଯୁକ୍ତି ଦେବା ଆଳରେ ୬ ଲକ୍ଷ ଟଙ୍କା ପ୍ରାଥମିକ ଖର୍ଚ୍ଚ ନିମନ୍ତେ ତାଙ୍କ ଠାରୁ ଠକି ନେଇଛନ୍ତି। ଠକାମୀ ଜଣା ପଡ଼ିବା ପରେ ସଂପୃକ୍ତ ବ୍ୟକ୍ତି କୋର୍ଟରେ ଆଶ୍ରୟ ନେଇଛନ୍ତି। ଭଣ୍ଡାରୀପୋଖରୀ ଅଂଚଳର ଜନୈକ ବ୍ୟକ୍ତିଙ୍କ ଠାରୁ ଋଣ କରାଇ ଦେବା ଆଳରେ ୧ଲକ୍ଷ ୫ହଜାର ନେଇ ଟାଉନଥାନାରେ ଅଭିଯୋଗ ପରେ ଫେରାଇବା, ଧାମନଗରର ଜନୈକ ବିଧବା ମହିଳାଙ୍କ ଠାରୁ ୫୦ ହଜାର ଟଙ୍କା ନେଇ ଠକିବା, ଭଦ୍ରକର ହୋଟେଲ ମାଲିକଙ୍କ ଠାରୁ ଟଙ୍କା ନେଇ ନଫେରାଇବା, ଦିଲ୍ଲୀରେ ରହୁଥିବା ଜନୈକ ଓଡ଼ିଆ ଯୁବକଙ୍କ ଠାରୁ ନିଜ ପ୍ରୋଜେକ୍ଟରେ ବଡ଼ ପଦବୀ ଦେବା ଆଳରେ ଲକ୍ଷାଧିକ ଟଙ୍କା ଠକିନେବା ପରି ଘଟଣା ଦିନକୁ ଦିନ ଲୋକଲୋଚନକୁ ଆସିବାରେ ଲାଗିଛି। ଭଦ୍ରକ ଜିଲ୍ଲାରେ କିଛି ବ୍ୟକ୍ତି ନିଜକୁ ୟୁଟ୍ୟୁବ ଚ୍ୟାନଲର ମାଲିକ, ସାମାଜିକ କର୍ମୀ, ମାନବାଧିକାର କର୍ମୀ ଆଦି ପଦପଦବୀରେ ଭୂଷିତ କରାଇ ସମସ୍ତ ପ୍ରକାର ଦୁର୍ନୀତି କୁକର୍ମ କରିବାକୁ ପଛଉ ନାହାନ୍ତି। ସାଧାରଣ ଲୋକଙ୍କୁ ମଧ ହାତୀ ଦେବୁ ଘୋଡ଼ା ଦେବୁ କହି ଠକାଇବାରେ ଉସ୍ତାଦ ପାଲଟିଛନ୍ତି ତଥାକଥିତ ଆତ୍ମପ୍ରଚାର ବ୍ୟକ୍ତି। ଭଦ୍ରକରେ ଥିବା ଏହି ୟୁଟ୍ୟୁବ ସଂସ୍ଥାର ନିର୍ଦ୍ଦେଶକ ଥିବା ଜନୈକ ବ୍ୟକ୍ତି ନିଜର ପ୍ରକୃତ ନାମକୁ ବଦଳାଇ ଛଦ୍ମନାମରେ କାର୍ଯ୍ୟକରି ଆଇନ ଆଖିରୁ ଖସିଯିବା ତଥା ଆଇନର ଗଳାବାଟରେ ନିଜର ବ୍ୟବସାୟକୁ ଚଳାଇବାରେ ମାହିର ହୋଇ ଥିବାରୁ ଏହି ସଂସ୍ଥାର ଭିଜିଲାନ୍ସ ତଦନ୍ତ କରାଗଲେ ଅନେକ ଗୁମର ଖୋଲି ପାରିବ ବୋଲି ସାଧାରଣରେ ଆଲୋଚନା ହେଉଛି।


MAHARISHI PUBLIC SCHOOL ମା ନିଷାଦ...

2021-2022



ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservation as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on Facebook.com/Mps, Baripada










# ଟି ଟାଇମ୍

## ଜୋକ୍ସ



ଚିଣ୍ଟୁ-ବାପା କାଲି ଆମ ସ୍କୁଲକୁ ଯିବ, ଗୋଟେ ଛୋଟିଆ ଗେଟ ଟୁଗେଦର ଅଛି
ବାପା-କିଏ କିଏ ଆସୁଛନ୍ତି ?
ଚିଣ୍ଟୁ-କେହି ନୁହେଁ, ମୁଁ ତମେ ଆଉ ପ୍ରିନ୍ସପାଲ।

ହରି-ମୁଁ ଯେତେବେଳେ ଏଠାକୁ ଆସିଲି ଖାଲି ପାଦରେ ଆସିଥିଲି ।
ଶାମ- ମୁଁ ତ ଖାଲି ଦେହରେ ଆସିଥିଲି।
ହରି-କିପରି ?
ଶାମ- ମୁଁ ପରା ଏଇଠି ଜନ୍ମ ହୋଇଛି ।

# ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ



ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍‌ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

# ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ । ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

## ପୁରାଣ କାହାଣୀ

# ରାମାୟଣ ଆଦ୍ୟକାଣ୍ଡ



ସରଜୁ ନଦୀ କୂଳରେ ଅବସ୍ଥିତ ଅଯୋଧ୍ୟା ନଗରୀ ହେଉଛି କୋଶଳ ରାଜ୍ୟର ରାଜଧାନୀ। କୋଶଳ ନରେଶ ରାଜା ଦଶରଥଙ୍କ ରାଜୁତ କାଳରେ ପ୍ରଜାମାନେ ଅତ୍ୟନ୍ତ ସୁଖରେ କାଳାତିପାତ କରୁଥିଲେ। ରାଜା ଦଶରଥଙ୍କ ତିନି ରାଣୀ ଥିଲେ କୌଶଲ୍ୟା, କୈକେୟୀ ଏବଂ ସୁମିତ୍ରା। ମାତ୍ର ବହୁ ଦିନ ଧରି ରାଜା ଅପୁତ୍ରୀକ ଥିଲେ। ତେଣୁ ଋଷି ବଶିଷ୍ଠଙ୍କ ପରାମର୍ଶ କ୍ରମେ ଋଶ୍ୟଶୃଙ୍ଗ ମୁନୀଙ୍କୁ ନିମନ୍ତ୍ରଣ କରି ତାଙ୍କରି ଦ୍ୱାରା ରାଜା ପୁତ୍ରଷ୍ଟି ଯଜ୍ଞର ଆୟୋଜନ କଲେ। ଯଜ୍ଞର ଫଳର ସ୍ୱରୁପ ପ୍ରଥମେ ରାଣୀ କୌଶଲ୍ୟାଙ୍କ ଗର୍ଭରୁ ରାମ, ରାଣୀ କୈକେୟୀଙ୍କ ଗର୍ଭରୁ ଭରତ ଏବଂ ସୁମିତ୍ରାଙ୍କ ଗର୍ଭରେ ଲକ୍ଷ୍ମଣ ଓ ଶତୃଘ୍ନ ଜନ୍ମ ନେଲେ। ପୁରାଣ କହେ, ରାକ୍ଷାସ ରୂପି ରାବଣ ଦେବଗଣଙ୍କୁ ଅତ୍ୟାଚାର କରୁଥିଲା ଏବଂ ରାବଣର ମୃତ୍ୟୁ ମାନବାତାର ରାମଙ୍କ ଦ୍ୱାରା ନିଶ୍ଚିତ ଥିଲା। ତେଣୁ ରାବଣ ବଦ୍ଧ ନିମନ୍ତେ ମର୍ତ୍ତ୍ୟରେ ମାନବ ଅବତାର ଧାରଣ କରିବାକୁ ଭଗବାନ ବିା୍ଣୁ ଇଚ୍ଛା ପ୍ରକଟ କରନେତ୍ ତାଙ୍କରି ଅଂଶରୁ ଭଗବାନଙ୍କ ଗୁଣ ସମ୍ପନ୍ନ ଚାରିପୁଅ ଦଶରଥଙ୍କ କୋଳରେ ଜନ୍ମ ଗ୍ରହଣ କରିଥିଲେ। ସମୟ କ୍ରମେ ଚାରିପୁଅ ଶାସ୍ତ୍ର ବିଦ୍ୟା ଅଧ୍ୟୟନ ସହ ଶାସ୍ତ୍ର ବିଦ୍ୟାରେ ନିପୁଣତା ହାସଲ କଲେ। ରାମଙ୍କୁ ହୋଇଥାଏ ୧୬ ବର୍ଷ ବୟସ। ଋଷି ବିଶ୍ୱାମିତ୍ର ଦିନେ ରାଜା ଦଶରଥଙ୍କ ଦରବାରକୁ ଆସିଲେ। ବଣରେ ଯଜ୍ଞ ନଷ୍ଟ କରୁଥିବା ଅସୁର ଗଣଙ୍କୁ ନିପାତ କରିବା ପାଇଁ ସହାୟତା ସ୍ୱରୂପ ସେ ରାଜା ଦଶରଥଙ୍କୁ ପୁତ୍ର ରାମଙ୍କୁ ମାଗିଲେ। ଭ୍ରାତା ଲକ୍ଷ୍ମଣ ରାମଙ୍କୁ ଅନୁସରଣ କରିବାକୁ ଇଚ୍ଛା ପ୍ରକଟ କରନ୍ତେ ରାଜାଙ୍କ ସମ୍ମତି କ୍ରମେ ଋଷି ରାମ ଓ ଲକ୍ଷ୍ମଣଙ୍କୁ ଧରି ବରକୁ ଚାଲିଲେ। ସମୟ କ୍ରମେ ରାମ ଓ ଲକ୍ଷ୍ମଣ ଋଷି ମିଶ୍ୱାମିତ୍ରଙ୍କଠାରୁ ବହୁ ଶସ୍ତ୍ର ବିଦ୍ୟା ସହିତ ବିଭି୍ନ୍ନ ଦୈବୀ ଅସ୍ତ୍ର ମଧ୍ୟ ଲାଭ କଲେ ଓ ଋଷିଙ୍କ ହୋମରେ ବିଘ୍ନ ସୃଷ୍ଟି କରୁଥିବା ତାଡକା ଅସୁରୁଣୀ ସହିତ ଅନ୍ୟାନ୍ୟ ଅସୁରମାନଙ୍କୁ ବଦ୍ଧ କଲେ।

# ଗରିବରୁ ହେଲେ ଧନୀ

ଗରିବ ଚାଷୀ ପରିବାରରେ ଜନ୍ମ ହୋଇଥିଲା ତାଙ୍କର। ମାତ୍ର ନିଜର ଦୃଢଇଚ୍ଛା ଶକ୍ତି ଓ ପରିଶ୍ରମ ବଳରେ ସେ ଆଜି ପାଇଛନ୍ତି ସଫଳତା। କୌଣସି ଡିଗ୍ରୀ ନଥାଇ ମଧ୍ୟ ସେ ଆଜି ସଫଳ ଉଦେ୍ଦଶ୍ୟାଗପତି। ପ୍ରତିଷ୍ଠା କରିଛନ୍ତି ଏୟାରଲାଇନ କମ୍ପାନୀ। ଯାହାଦ୍ୱାରା ତାଙ୍କ ଅଞ୍ଚଳରେ ଜମୁଛି ପର୍ଯଣ୍ଟ୍ୟଟକଙ୍କ ଭିଡ। ଏହି ଉଦେ୍ଦଶ୍ୟାଗପତି ଜଣକ ହେଉଛନ୍ତି ବୁଦ୍ଧିପ୍ରକାଶ ଠାକୁର। ହିମାଚଳ ପ୍ରଦେଶ କୁଲୁ ଜିଲ୍ଲାର ଖାକନାଲ ଗ୍ରାମରେ ଏକ ଚାଷୀ ପରିବାରରେ ଜନ୍ମ ହୋଇଥିଲା ବୁଦ୍ଧି ପ୍ରକାଶଙ୍କର। ତାଙ୍କ ବାପା ନିଜ ଅଧିନରେ ଥିବା କିଛି ଜମି ଚାଷ କରି ପରିବାର ପ୍ରତିପୋଷଣ କରୁଥିଲେ। ନିଜେ ଅଶିକ୍ଷିତ ହେଲେ ମଧ୍ୟ ପିଲାମାନଙ୍କୁ ପାଠପଢାର ସୁଯୋଗ ଦେଇଥିଲେ ତାଙ୍କ ବାପା। ଯାହାଦ୍ୱାରା ବୁଦ୍ଧି ପ୍ରକାଶ ଓ ତାଙ୍କ ଦୁଇ ଭାଇ ଗ୍ରାମର ଏକ ସରକାରୀ ସ୍କୁଲରେ ପାଠପଢୁଥିଲେ। ପାଠପଢା ସହ ମଧ୍ୟ ବୁଦ୍ଧି ପ୍ରକାଶ ତାଙ୍କ ବାପାଙ୍କୁ ଚାଷ କାର୍ଯଣ୍ଟ୍ୟରେ ସାହାଯଣ୍ଟ୍ୟ କରୁଥିଲେ। ସ୍କୁଲ ଶେଷ କରିବା ପରେ ବୁଦ୍ଧି ଉଚ୍ଚ ଶିକ୍ଷା ପାଇଁ ଚାଲିଯାଇଥିଲେ ଚଣ୍ଡିଗଡ।



ସେଠାରେ ଯୁକ୍ତ ଦୁଇ ଶେଷ କରିବା ପରେ ଚଣ୍ଡିଗଡ ବିଶ୍ୱବିଦଣ୍ଟ୍ୟାଳୟରେ ସ୍ନାତକରେ ନାମ ଲେଖାଇଥିଲେ। ନାମ ସିନା ଲେଖାଇଦେଲେ କିନ୍ତୁ ପଢା ଶେଷ କରିପାରିଲେ ନାହିଁ। ପରିବାରର ଆର୍ଥିକ ଅବସ୍ଥା ତାଙ୍କୁ ଆଗକୁ ପଢିବା ପାଇଁ ଦେଇନଥିଲା ଏବଂ ସେ ଫେରି ଆସିଥିଲେ ଗ୍ରାମକୁ। ବାପାଙ୍କ ସହ ମିଶି ଆରମ୍ଭ କଲେ ସେଓ ଚାଷ। ଯାହାକି ଧୀରେ ଧୀରେ କରି ବୃଦ୍ଧି ପାଇଥିଲା। ନିଜ ଅଞ୍ଚଳ ବଣ୍ଟ୍ୟତୀତ ଅନଣ୍ଟ୍ୟ ରାଜଣ୍ଟ୍ୟରେ ବିକ୍ରି କରିବା ଆରମ୍ଭ କରିଥିଲେ ସେମାନେ। ଯାହାଦ୍ୱାରା ପରିବାରର ଆର୍ଥିକ ଅବସ୍ଥାରେ କିଛିମାତ୍ରାରେ ସୁଧାର ଆସିଥିଲା। ମନାଲିଠାରୁ ମାତ୍ର ୯କିଲୋମିଟର ଦୂରରେ ଥିବା ତାଙ୍କ ଗ୍ରାମକୁ ଭ୍ରମଣ ଋତୁରେ ଅନେକ ସଂଖଣ୍ଟ୍ୟାରେ ପର୍ଯଣ୍ଟ୍ୟଟକଙ୍କ ଭିଡ ଲାଗିଥାଏ। ବର୍ଷକୁ ବର୍ଷ ପର୍ଯଣ୍ଟ୍ୟଟକଙ୍କ ବର୍ଦ୍ଧିତ ସଂଖଣ୍ଟ୍ୟାକୁ ଦୃଷ୍ଟିରେ ରଖି ବୁଦ୍ଧିପ୍ରକାଶ ଓ ତାଙ୍କ ବାପା ନିଜ ଗ୍ରାମରେ ଏକ ପାଞ୍ଚ ରୁମ ବିଶିଷ୍ଟ ଯାତ୍ରୀ ନିବାସ ନିର୍ମାଣ କରିଥିଲେ। ଏହାର ପ୍ରାୟ ୬ବର୍ଷ ପରେ ତାଙ୍କର ଏହି ଯାତ୍ରୀ ନିବାସ ସାର୍ଥକ ରିସୋର୍ଟରେ ପରିବର୍ତ୍ତିତ ହୋଇଥିଲା। ୫ଟି ରୁମ ବଦଳରେ ୬୫ଟି ରୁମ ରହିଲା। ରିସୋର୍ଟ ଭଲ ଚାଲିବା ସହ ତାଙ୍କ ପରିବାରର ଆର୍ଥିକ ଅବସ୍ଥାରେ ମଧ୍ୟ ବହୁ ସୁଧାର ଆସିଥିଲା। ଧୀରେ ଧୀରେ କରି ବୁଦ୍ଧିପ୍ରକାଶ ମନାଲି ର ପ୍ରତି ଅଞ୍ଚଳରେ ଜଣେ ସମ୍ମାନସ୍ପଦ ହୋଟେଲ ମାଲିକ ଭାବେ ପରିଚିତ ହୋଇଗଲେ। ବିଭିନ୍ନ ଟୁରିଜିମ କମ୍ପାନୀ ମାନଙ୍କ ସହ କାର୍ଯଣ୍ଟ୍ୟ କରିବାର କିଛିବର୍ଷ ପରେ ସେ ହିମାଳୟ ହଲିଡେଜ ନାମରେ ନିଜର ଏକ କମ୍ପାନୀ ଆରମ୍ଭ କରିଥିଲେ। ଏହି କମ୍ପାନୀ ପର୍ଯଣ୍ଟ୍ୟଟକ ମାନଙ୍କୁ ସେମାନଙ୍କୁ ଇଚ୍ଛା ଓ ବଜେଟ ଅନୁଯାୟୀ ସ୍ଥାନକୁ ବୁଲାଇନେଲା। ମାତ୍ର ଏତିକିରେ ତାଙ୍କ ମନଭରି ନଥିଲା। ସେ ଚାହୁଁଥିଲେ କି ଅଧିକରୁ ଅଧିକ ପର୍ଯଣ୍ଟ୍ୟଟକ ମନାଲି ଆସିବା ସହ ତାଙ୍କ ଗ୍ରାମକୁ ମଧ୍ୟ ଆସନ୍ତୁ। କିନ୍ତୁ ଏଥିରେ ବାଧା ସାଜୁଥିଲା ଗମନାଗମନ। ମନାଲିକୁ ସିଧାସଳଖ ଟ୍ରେନ କିମ୍ବା ବିମାନ ଯାଉନଥିଲା ଏବଂ ବସରେ ଯିବା ପର୍ଯଣ୍ଟ୍ୟଟକଙ୍କ ପାଇଁ ବିପଦଜ୍ଜନକ ହେଉଥିଲା। ଏହି ଅସୁବିଧା ସବୁକୁ ଦୂର କରିବା ପାଇଁ ବୁଦ୍ଧିପ୍ରକାଶ ହିମାଳୟ ହଲିଡେଜ କମ୍ପାନୀ ଅଧିନରେ ଆରମ୍ଭ କଲେ ଏୟାର ହିମାଳୟ ନାମରେ କମ୍ପାନୀ। ନିଜ ସଞ୍ଚିତ ଅର୍ଥ ଓ ବଣ୍ଟ୍ୟାଙ୍କରୁ ଋଣ କରି ନିଜ ଅଞ୍ଚଳରେ ପ୍ରତିଷ୍ଠା କଲେ ଏହି ପ୍ରଥମ ଘରୋଇ ବିମାନ ଚଳାଚଳ କମ୍ପାନୀ। ୨୦୧୪ ଅପ୍ରେଲରେ ଅନଣ୍ଟ୍ୟ ଏକ କମ୍ପାନୀ ଠାରୁ ୯ଟି ସିଟ ଥିବା ଏକ ବିମାନ ଭଡାରେ ଆଣି ଚଣ୍ଡିଗଡ ଠାରୁ କୁଲୁ ରୁଟରେ ଚଳାଇଥିଲେ। ପର୍ଯଣ୍ଟ୍ୟଟକଙ୍କ ଭିଡକୁ ଲକ୍ଷଣ୍ଟ୍ୟ କରି ବିମାନକୁ ଦିନରେ ଦୁଇରୁ ତିନି ଥର ଚଳାଯାଇଥିଲା। କିନ୍ତୁ ୨୦୧୫ ବୁଦ୍ଧିପ୍ରକାଶଙ୍କ ପାଇଁ ଖରାପ ସମୟ ଆଣିଥିଲା। କମ୍ପାନୀ ପ୍ରତିଷ୍ଠା ସମୟର ଜଣେ ସହଯୋଗୀ ହାତ ଛାଡି ଦେଇଥିବାରୁ ଏକାକୀ ବୁଦ୍ଧିଙ୍କୁ ସମସ୍ତ କାର୍ଯଣ୍ଟ୍ୟ ସମ୍ଭାଳିବାକୁ ପଡିଥିଲା। ଆର୍ଥିକ ସଙ୍କଟ ଯୋଗୁଁ ବଣ୍ଟ୍ୟବସାୟରେ ମାନ୍ଦାବସ୍ଥା ଆସିଥିଲା। ତଥାପି ମଧ୍ୟ ବୁଦ୍ଧି ହାର ମାନିନଥିଲେ। ତାଙ୍କର ନିଷ୍ଠା ଆଜି ବି ଏୟାର ହିମାଳୟକୁ ଭାଙ୍ଗିବାକୁ ଦେଇନାହିଁ। ବୁଦ୍ଧିପ୍ରକାଶଙ୍କ କହିବାନୁଯାୟୀ, ରାସ୍ତା କଠିନ ହୋଇଥିଲେ ମଧ୍ୟ ମୁଁ ମୋ ସ୍ୱପ୍ନ ପୂରଣ କରିବାରୁ ବିଚୁଣ୍ଟ୍ୟତି ହେବି ନାହିଁ।

# ବିହାରରେ ହେବ ବିଶ୍ୱର ସବୁଠାରୁ ବଡ଼ ମନ୍ଦିର

ପାଟନା ଖୁବଶୀଘ୍ର ବିହାରରେ ତିଆରି ହେବାକୁ ଯାଉଛି ବିଶ୍ୱର ସବୁଠାରୁ ବଡ଼ ମନ୍ଦିର। ଏଥିପାଇଁ ସମସ୍ତ ପ୍ରସ୍ତୁତି ଚୂଡାନ୍ତ ପର୍ଯଣ୍ଟ୍ୟାୟରେ ପହଞ୍ଚି ସାରିଛି। ପୂର୍ବରୁ ଏହି ମନ୍ଦିର ତିଆରି ପାଇଁ ତାରିଖ ଧାର୍ଯଣ୍ଟ୍ୟ ହୋଇଥିଲା ବେଳେ କାମ୍ବୋଡିଆ ସରକାରଙ୍କ ବିରୋଧ କାରଣରୁ ମନ୍ଦିରର ଢାଞ୍ଚାରେ ପରିବର୍ତ୍ତନ କରାଯାଉଛି। ପାଟନାସ୍ଥିତ ମହାବୀର ମନ୍ଦିର ଟ୍ରଷ୍ଟର କିଶୋର କୁଣାଳ କହିଛନ୍ତି ଯେ ଆମେ ଏଠାରେ ଏକ ବିରାଟ ରାମାୟଣ ମନ୍ଦିର ନିର୍ମାଣର ନିଷ୍ପତ୍ତି ନେଇଛୁ। ତେବେ କାମ୍ବୋଡିଆ ସରକାର ଅଭିଯୋଗ ଆଣିଥିଲେ ଯେ ପ୍ରସ୍ତାବିତ ମନ୍ଦିରର ଢାଞ୍ଚା ତାଙ୍କ ଦେଶରେ ଥିବା ଅଙ୍ଗକୋର ବାଟ ମନ୍ଦିରର ଢାଞ୍ଚା ସହ ଦିଶୁଛି। ସେଥିପାଇଁ ଆମେ ଏବେ ମନ୍ଦିରର ଢାଞ୍ଚାରେ ପରିବର୍ତ୍ତନ କରିସାରିଛୁ। ଆସନ୍ତା ହୋଲି ପର୍ବ ପରେ ମନ୍ଦିର



ନିର୍ମାଣ କାର୍ଯଣ୍ଟ୍ୟ ଆରମ୍ଭ ହେବ। ପ୍ରସ୍ତାବିତ ମନ୍ଦିରଟି ପଶ୍ଚିମ ଚମ୍ପାରଣଣ୍ଟ୍ୟ ଜିଲାର କେସରିଆ ନିକଟ ଜାନକି ନଗରର ୧୬୫ଏକର ସ୍ଥାନରେ ତିଆରି ହେବ। ପ୍ରଥମ ପର୍ଯଣ୍ଟ୍ୟାୟରେ ରାମାୟଣ ମନ୍ଦିର, ଶିବ ମନ୍ଦିର ଏବଂ ମହାବୀର ମନ୍ଦିରର ନିର୍ମାଣ ହେବାକୁ ଥିବା ବେଳେ ଏବାବଦରେ ୨୦୦କୋଟି ଟଙ୍କା ଖର୍ଚ୍ଚ କରାଯିବ। ମନ୍ଦିରର ମୁଖଣ୍ଟ୍ୟ ଆକର୍ଷଣ ହେଉଛି ଏହାର ୪୦୫ଫୁଟ ଉଚ୍ଚ ଅଷ୍ଟଭୂଜିୟ ମିନାର। ଏହା କାମ୍ବୋଡିଆର ମନ୍ଦିରର ମିନାର ଠାରୁ ୨୧୫ଫୁଟ ଅଧିକ ଉଚ୍ଚ ହେବ। ଏଥିସହ ମନ୍ଦିର ପରିସରରେ ୪୪ଫୁଟ ଉଚ୍ଚ ଏବଂ ୩୩ଫୁଟ ଗୋଲେଇ ବିଶିଷ୍ଟ ଏକ ଶିବ ଲିଙ୍ଗ ମଧ୍ୟ ପ୍ରତିଷ୍ଠା କରାଯିବାର ଯୋଜନା ରହିଛି। ଯାହା ବିଶ୍ୱର ସବୁଠାରୁ ବଡ଼ ଶିବ ଲିଙ୍ଗ ହେବ।

# ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ



ଓଡିଶା ମୟୂରଭଂଜ ଜିଲ୍ଲାର ବାରିପଦା ଠାରେ ଜନ୍ମିତ ଜଣେ ସୁଶାସକ ଓ ଭାଷା ଆନ୍ଦୋଳନର ପୁରୋଧା ଥିଲା। ସେ ରାଜ୍ୟର ମଙ୍ଗଳ ତଥା ପ୍ରଜାଙ୍କ ହିତ ପାଇଁ ସର୍ବଦା ଚେଷ୍ଟିତ୍ ଥିଲେ। ଶ୍ରୀରାମଚନ୍ଦ୍ର ଜଣେ ସରଳ ଓ ଅମାୟିକ ବ୍ୟକ୍ତି ଭାବେ ପରିଚିତ ଥିଲେ। ଛାତ୍ର ବୟସରେ ସହପାଠୀଙ୍କ ସହିତ ସରଳ ଭାବରେ ମିଶୁଥିଲେ। ପାଠ ପଢୁଥିବା ସମୟରେ ସେ ଅନେକ ସ୍ଥାନ ବୁଲି ଯାଇଥିଲେ। ମାତ୍ର ରାଜବେଶ ବା ରାଜ ଢ଼ଙ୍ଗଢ଼ାଙ୍ଗରେ ସେ ଯିବାକୁ ଇଚ୍ଛା କରୁନଥିଲେ। ତାଙ୍କର ଏହି ସରଳ ପ୍ରକୃତି ଯୋଗୁଁ ସେ ସବୁଠାରେ ସମସ୍ତଙ୍କର ଅତି ପ୍ରିୟପାତ୍ର ହୋଇଥିଲେ। ପ୍ରଜା ପାଳନ ରାଜାର ଧର୍ମ ଏ କଥା ଶ୍ରୀରାମଚନ୍ଦ୍ରଙ୍କୁ ଭଲ ଭାବେ ଜଣାଥିଲା। ରାଜଦଣ୍ଡ ଧରିବା ପରେ ଶ୍ରୀରାମଚନ୍ଦ୍ର ରାଜନୀତି ଓ ଦର୍ଶନଶାସ୍ତ୍ରକୁ ଭଲକରି ପଢ଼ିବାରେ ଲାଗିଲେ। ନିଜ ରାଜ୍ୟକୁ ଏକ ଆଦର୍ଶ ରାଜ୍ୟ କରି ଗଢ଼ିବା ପାଇଁ ସେ ବରାବର ଚେଷ୍ଟା କରୁଥିଲେ। ଗୁଣି ଓ ଉଦାର ଲୋକଙ୍କୁ ପାଖରେ ରଖି ସୁଚାରୁ ରୂପେ ରାଜ୍ୟ କରି ଗଢ଼ିବା ପାଇଁ ସେ ବରାବର ଚେଷ୍ଟା କରୁଥିଲେ। ଗୁଣି ଓ ଉଦାର ଲୋକଙ୍କୁ ପାଖରେ ରଖି ସୁଚାରୁ ରୂପେ ରାଜ୍ୟ ଶାସନ କରୁଥିଲେ। ଏହି ସମୟରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ କାର୍ଯ୍ୟଶୈଳୀ ସମଗ୍ର ରାଜ୍ୟରେ ଗୁଞ୍ଜରିତ ହେଉଥିଲା। ତାଙ୍କ ଗୁଣରେ ମୁଗ୍ଧ ହୋଇ ଶ୍ରୀରାମଚନ୍ଦ୍ର ତାଙ୍କୁ ରାଜ୍ୟ ସରକାରଙ୍କ ଓକିଲ ପଦରେ ନିଯୁକ୍ତି କରିଥିଲେ। ପଣ୍ଡିତ ଗୋପବନ୍ଧୁ ସେତେବେଳେ ସକଳ କାର୍ଯ୍ୟରେ ତାଙ୍କର ପରମ ସଖା ରୂପେ ପରାମର୍ଶଦାତାଥିଲେ। ଶ୍ରୀରାମଚନ୍ଦ୍ର ଓ ଗୋପବନ୍ଧୁ ମଧ୍ୟରେ ଏପରି ଘନିଷ୍ଠ ବନ୍ଧୁତା ଥିଲା ଯେ, କୌଣସି କାର୍ଯ୍ୟ କଲାବେଳେ ଶ୍ରୀରାମଚନ୍ଦ୍ର, ଗୋପବନ୍ଧୁଙ୍କ ପରାମର୍ଶ ନେଉଥିଲେ।

# ରେଷ୍ଟୁରାଣ୍ଟରେ ଦିଆଯାଉଥିଲା କୁକୁର ମାଂସ



ହାଇଦ୍ରାବାଦ ଖାସି ମାଂସ ନାମରେ କୁକୁର ମାଂସ ବିକ୍ରି କରୁଥିବା ଅଭିଯୋଗରେ ଏକ ରେଷ୍ଟୁରାଣ୍ଟ ଉପରେ ନିକଟରେ ଗ୍ରେଟର ହାଇଦ୍ରାବଦ ମୁଣ୍ଟ୍ୟନିସିପାଲ କର୍ପୋରେସନର ଅଧିକାରୀମାନେ ଚଢାଉ କରିଥିଲେ। ଏହି ରେଷ୍ଟୁରାଣ୍ଟର ମାଂସକୁ ଜବତ କରାଯାଇ ପରୀକ୍ଷା ନିମନ୍ତେ ଗବେଷଣାଗାରକୁ ପଠାଇଛନ୍ତି। ପୂର୍ବରୁ ଏଠାରେ କୁକୁର ମାଂସ ବିକ୍ରି ହେଉଥିବା ଅଭିଯୋଗ ଆସିଥିଲା ବେଳେ ସୋସିଆଲ ମିଡିଆରେ ମଧ୍ୟ ଏହି ଫଟୋ ଭାଇରାଲ ହୋଇଛି। ପୂର୍ବରୁ ମ୍ୟୁନିସିପାଲ କର୍ପୋରେସନ ପକ୍ଷରୁ ଏହି ରେଷ୍ଟୁରାଣ୍ଟକୁ ନୋଟିସ ପଠାଯାଇଥିଲା ବେଳେ ଏହାର ମାଲିକ ଇରଫାନ କହିଛନ୍ତି ଯେ ଆମେ କେବେ ବି କୁକୁର ମାଂସ ବିକ୍ରି କରିନାହୁଁ। ଆମ ରେଷ୍ଟୁରାଣ୍ଟର ଭାବମୂର୍ତ୍ତୀକୁ ଖରାପ କରିବା ପାଇଁ କିଛି ବିରୋଧି ଏଭଳି ଚକ୍ରାନ୍ତ କରିଛନ୍ତି।

# ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍। ଏଥିରେ ପାଞ୍ଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିନ୍ଥେଟିକ ଘାସ। କାର ନିର୍ମାତାମାନେ ସେହି ସିନ୍ଥେଟିକ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କ୍ରିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଚଳିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ। ଏହି କାର୍‌କୁ ପ୍ରଥମେ ଜର୍ମାନଠାରେ ସ୍ଟଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୭କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ଼ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍‌କୁ ନେଇ ଅଧିକ ଜାଗ୍ରତ ଅଛନ୍ତି । ଆମେରିକୀୟ କମ୍ପାନୀ ଫୋର୍ଡ଼ ଗିକି ସହିତ ମିଶି ଏହି ଦିଗରେ କାମ କରୁଛି ।




# ର୍‌ୟାଗିଂ: ଏକ ଅଶୋଭନୀୟ ମାନସିକତା



ଭୁବନେଶ୍ୱର (ପିଏନ୍): କେବଳ ଓଡ଼ିଶା ନୁହେଁ ଆଜି ଭାରତର ପ୍ରମୁଖ ଶିକ୍ଷାୟତନରେ ଏକ ପ୍ରକାର ଅଶ୍ୱସ୍ତିକର ବାତାବରଣ। ଜ୍ଞାନର ପୂଜାପୀଠ, ବୌଦ୍ଧିକ ଚିନ୍ତନର କ୍ଷେତ୍ର ଓ ଶିକ୍ଷା ତଥା ଜୀବନ ନୀତି ନିର୍ଦ୍ଧାରଣର ଏକାନ୍ତ କ୍ଷେତ୍ର କୁହାଯାଉଥିବା ଏହି ସ୍ଥାନରେ ପିଲାମାନଙ୍କ ବିଚାରଧାରାର ବିଭ୍ରମତା ଦେଖାଯାଇଛି। ଫଳସ୍ୱରୂପ ଛାତ୍ର ସମାଜ ବିପଦଗାମୀ ହେଉଛନ୍ତି। ନିକଟଅତୀତରେ ରେଭେନ୍ସା ପରି ପୁରାତନ ଓ ଗୌରବାନ୍ୱିତ ବିଶ୍ୱବିଦ୍ୟାଳୟ ପରିସରରେ ଜଣେ ଛାତ୍ରଙ୍କୁ ର୍‌ୟାଗିଂ କରାଯିବା ଘଟଣା ଲଜ୍ଜାକର ପରିସ୍ଥିତି ସୃଷ୍ଟି କରିଥିଲା। ଶିକ୍ଷାୟତନରେ ସରକାରୀ କ୍ଷେତ୍ରରେ ର୍‌ୟାଗିଂକୁ ନିଷିଦ୍ଧ କରାଯାଇଛି। ସର୍ବଭାରତୀୟ ସ୍ତରରେ ର୍‌ୟାଗିଂ ନିର୍ଯାତନା କ୍ଷେତ୍ରରେ ଓଡ଼ିଶାର ସ୍ଥାନ ଚତୁର୍ଥ। ଜାତୀୟ ଆଣ୍ଟି ର୍‌ୟାଗିଂ ହେଲପ୍ ଲାଇନର ତଥ୍ୟ ଅନୁଯାୟୀ ଗତ ଦଶବର୍ଷ ଭିତରେ ସାରା ଦେଶରେ ମୋଟ ୩୦୮୫ଟି ର୍‌ୟାଗିଂ ଆସିଛି। ଉତ୍ତର ପ୍ରଦେଶରେ ସର୍ବାଧିକ ୫୧୨, ପଶ୍ଚିମବଙ୍ଗରେ ୩୭୯, ମଧ୍ୟପ୍ରଦେଶରେ ୩୧୫ ଓ ଓଡ଼ିଶାରେ ୨୮୯ଟି ର୍‌ୟାଗିଂ ହୋଇ ଏହା ଚତୁର୍ଥ ସ୍ଥାନ ଅଧିକାର କରିଛି। ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ବା ୟୁଜିସି ଏ ନେଇ ଚିନ୍ତା ପ୍ରକଟ କରିବା ସହ ମାନ୍ୟବର ସୁପ୍ରିମକୋର୍ଟ, ୧୯୯୪ ଓ ୨୦୧୧ରେ ସେହିପରି ଓଡ଼ିଶା ହାଇକୋର୍ଟ ୧୯୯୧, ୨୦୦୪ ଓ ୨୦୧୨ରେ ଏ ନେଇ କଡ଼ା ଓ କଠୋର ଆଭିମୁଖ୍ୟ ପ୍ରକଟ ସହ ଏ ନେଇ ଐତିହାସିକ ରାୟ ମଧ୍ୟ ଦେଇଛନ୍ତି। ଅନୁଶାସନ ଓ ଛାତ୍ର ପରମ୍ପରାର ବିଚିତ୍ର ଆଦବ କାଇଦାକୁ ନେଇ କିଛି ପିଲା ଏପରି ଅମାନୁସିକ କାଣ୍ଡ ଘଟାଇଥାନ୍ତି। ଯାହା ପରବର୍ତ୍ତୀ ସମୟରେ ଏକ ପ୍ରକାର ମନୋମାଳିନ୍ୟ ସହ ଓ ଅସାମାଜିକତାକୁ ପ୍ରଶୟ ଦେଇଥାଏ। ଜଣେ ଶିକ୍ଷକ ଛାତ୍ରର ଆଚରଣର ସୁଧାର ପାଇଁ ଅନୁଶାସନ କରିଥାନ୍ତି। କିନ୍ତୁ ଏହା ନାମରେ କେତେକ ସ୍ଥାନରେ ମଧ୍ୟ ଶିକ୍ଷକମାନେ ଦଣ୍ଡର ସୀମାକ୍ରିକ୍ରମ ଲକ୍ଷ୍ମଣରେଖା ଡେଇଁ ପିଲାମାନଙ୍କୁ ମାନସିକ ଓ ଶାରୀରିକ ଭାବରେ ଭୟାନକ ଦଣ୍ଡବିଧାନ କରିଥାନ୍ତି। କେତେକ କ୍ଷେତ୍ରରେ କୋମଳମତି ଶିଶୁଙ୍କ ଜୀବନଦୀପ ନିର୍ବାପିତ ହୋଇଯାଇଥାଏ ଏହି ଅନୁଶାସନର ପଛରେ ଥିବା ର୍‌ୟାଗିଂକୁ ନେଇ। ଆମ ଗାଁଗହଳିରେ କିଛି ବାପ-ମାଆଙ୍କ ଭିତରେ ଏକ ବିଚିତ୍ର ମାନସିକତା ରହିଥାଏ, ତାହା ହେଉଛି ସେମାନେ ଶିକ୍ଷକଙ୍କୁ କହିଥାନ୍ତି ମୋ' ପିଲାଟିକୁ ଭଲ ମଣିଷ କରିବା ପାଇଁ ଆଖି ଦୁଇଟି ଛାଡ଼ି ତା ଭୁଲ କଲେ ଆଉ ସବୁଆଡ଼େ ମାଡ଼ ଦେଇପାରିବେ। ଏଇଠି ଗୋଟିଏ ଭୁଲ ରହିଯାଇଥାଏ। ଅନେକ ହୁଏତ ଜାଣିନଥାନ୍ତି ପିଲାଙ୍କୁ ମାଡ଼ ମାରି ବା ଭୟ ଦେଖାଇ କଠୋର ଅନୁଶାସନ ଅପେକ୍ଷା ସ୍ନେହ, ଶ୍ରଦ୍ଧା ଓ ଅନୁକରଣୀୟ ଆଦର୍ଶ ବ୍ୟକ୍ତିତ୍ୱ ଦ୍ୱାରା ବରଂ ସେମାନଙ୍କୁ ସଠିକ୍ ରାସ୍ତାରେ ନେଇହେବ। ଆଜିର ପିଲାମାନେ ପରିବର୍ତ୍ତିତ ହାଇଟେକ୍ ଓ ଇଣ୍ଟରନେଟ୍ ଯୁଗରେ ହାତପାଆନ୍ତାରେ ମୋବାଇଲ, ଟିଭି ଓ ଫେସ୍‌ବୁକ୍‌ର ମାୟାରେ ନିଜ ଜୀବନକୁ ବି ଏକ ପ୍ରକାର ଭୁଲି ଯାଉଛନ୍ତି। କହିବାକୁଗଲେ ର୍‌ୟାଗିଂ ହେଉଛି ଏକ ପ୍ରକାର ବିଚିତ୍ର ମାନସିକତା। ମୋ ଡାକ୍ତରୀ ପାଠପଢ଼ା ଜୀବନଠାରୁ ମନସ୍ତାତ୍ତ୍ୱିକ ଓ ମାନସିକ ରୋଗ ଚିକିତ୍ସା ପରି ଏକ ସମ୍ବେଦନଶୀଳ ଓ ଗୁରୁତ୍ୱପୂର୍ଣ୍ଣ ଚିକିତ୍ସା ଜୀବନ ଭିତରେ ମୁଁ ଦେଖିଛି ଯେ ର୍‌ୟାଗିଂ ପରି ଭୟଙ୍କର ନିର୍ଯାତନା ଜଣଙ୍କ ଜୀବନକୁ କିପରି ଗଭୀର ଭାବରେ କୁପ୍ରଭାବ ପକାଇଥାଏ। କେତେକ କ୍ଷେତ୍ରରେ ର୍‌ୟାଗିଂର ଶିକାର ହୋଇ ମୁମୂର୍ଷୁପ୍ରାୟ ଜୀବନ ତ ଚାଲିଯାଏ, କେତେକ କ୍ଷେତ୍ରରେ ସେମାନେ ସାରା ଜୀବନ ବିକଳାଙ୍ଗ ହୋଇଯାଆନ୍ତି। କେତେକ କ୍ଷେତ୍ରରେ ଦେଖାଯାଏ ର୍‌ୟାଗିଂ କରୁଥିବା ଚରିତ୍ରମାନେ ପୂର୍ବରୁ ମାନସିକ ପ୍ରସ୍ତୁତି ହୋଇ, ଏପରିକି କେତେକ ନିଶାଦ୍ରବ୍ୟ ସେବନ କରି ଏକ ଭିନ୍ନ ମିଜାସରେ ଅନ୍ୟ ଜଣଙ୍କୁ ଯନ୍ତ୍ରଣା ଦେଇ ଏକ ଆସୁରିକ ଆନନ୍ଦ ପାଇଥାନ୍ତି। ପରବର୍ତ୍ତୀ ସମୟରେ ସେମାନେ ଅନୁଶୋଚନା କଲାବେଳକୁ ନେଡ଼ିଗୁଡ଼ କହୁଣୀକୁ ବୋହିଯାଇଥାଏ। ଆଉ କେତେକ କ୍ଷେତ୍ରରେ ର୍‌ୟାଗିଂ ନାୟକମାନେ ନିଜ ପୂର୍ବ ଜୀବନରେ ର୍‌ୟାଗିଂର ଶିକାର ହୋଇଥିବାରୁ ଅନ୍ୟମାନଙ୍କ ଉପରେ ଏହାକୁ ସୁଝାଇ ଏକ ବିଚିତ୍ର ଆନନ୍ଦ ପାଇଥାନ୍ତି। କେତେକ ଭାବନ୍ତି ର୍‌ୟାଗିଂ କରିବା ଦ୍ୱାରା ର୍‌ୟାଗିଂର ଶିକାର ହେଉଥିବା ପିଲାମାନେ ତାଙ୍କୁ ଭୟ, ସମ୍ମାନ ଓ ତାଙ୍କ ଆଧିପତ୍ୟକୁ ସ୍ୱୀକାର କରିନିଅନ୍ତି। ଯଦିଓ କେତେକ କ୍ଷେତ୍ରରେ ଏହା ପ୍ରତିଶୋଧପରାୟଣ ହୋଇ ର୍‌ୟାଗିଂର ଶିକାର ଜଣଙ୍କ ସେମାନଙ୍କୁ ପାଲଟା ଅସାମାଜିକ ରୂପରେ ଜବାବ୍ ବି ଦେଇଥାଏ ଯାହାର ରୂପ ନେଇଥାଏ ଏକ ପ୍ରକାର ଭୟାନକ ହିଂସା। ଏହି ର୍‌ୟାଗିଂ ମାନସିକତା ଏକ ଅଭୂତପୂର୍ବ ବ୍ୟକ୍ତି ମାନସିକତାର କ୍ଷତବିକ୍ଷତ ରୂପ କହିଲେ ଅତ୍ୟୁକ୍ତି ହେବନାହିଁ। ର୍‌ୟାଗିଂ କରୁଥିବା ଚରିତ୍ରମାନେ କେତେକ କ୍ଷେତ୍ରରେ ନିଜେ ଅନ୍ୟ କାହାର ଇସାରାରେ ଭୟଭୀତ ହୋଇ ଏହାକୁ ପରିପ୍ରକାଶ କରିଥାନ୍ତି। ସମୟ ଅନୁଯାୟୀ ଶିକ୍ଷା ସଂସ୍କାର ଅପରିହାର୍ଯ୍ୟ ହୋଇପଡ଼ିଛି। ପିଲାମାନଙ୍କର ମାନସିକତାରେ ପରିବର୍ତ୍ତନ ଓ ଯୁଗମତେ ଶିକ୍ଷା ବ୍ୟବସ୍ଥା ସଂସ୍କାର ହେବା ଆବଶ୍ୟକ। ର୍‌ୟାଗିଂର ଶିକାର ହେଉଥିବା ପିଲାମାନେ ଆଦୌ ଭୟଭୀତ ନ ହୋଇ ବରଂ ଧୈର୍ଯ୍ୟ ଓ ସାହାସର ସହ ଏ ଘଟଣା ଅଭିଭାବକ ଓ ଶିକ୍ଷାୟତନର ପ୍ରଶାସକଙ୍କୁ ଜଣାନ୍ତୁ। ନିଜ ମନୋବଳ ଦୃଢ଼ କରି ଈଶ୍ୱର ଚିନ୍ତନକୁ ଗୁରୁତ୍ୱ ଦିଅନ୍ତୁ ଆଉ ର୍‌ୟାଗିଂର ଶିକାର ହୋଇଥିବା ପିଲାମାନଙ୍କୁ ତାଙ୍କ ଅଭିଭାବକମାନେ ତୁରନ୍ତ ମାନସିକ ରୋଗ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ। ଛାତ୍ରଟିଏ ଯଦି ନିଜକୁ ନିଜ ଏଭଳି କୁସଂସ୍କାରକୁ ପରିହାର କରିବ ଓ ଆତ୍ମସଂଯମୀ ହେବ ତେବେ ଶିକ୍ଷାନୁଷ୍ଠାନରୁ ର୍‌ୟାଗିଂ ଭଳି କୁତ୍ସିତ ପରମ୍ପରାର ପୂର୍ଣ୍ଣଚ୍ଛେଦ ପଡ଼ିବ।

**ଡାକ୍ତର ସମ୍ରାଟ କର, ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ୍, ପୁରୀଘାଟ ରୋଡ୍, କଟକ, ଦୂରଭାଷ: ୯୧୩୨୪୩୩୩୩୩**

# ଫରୱାର୍ଡ଼ ବ୍ଲକ ଓ ଆଜାଦ ହିନ୍ଦ ବାହିନୀ ପକ୍ଷରୁ ନେତାଜୀ ଜୟନ୍ତୀ ପାଳିତ

ଭୁବନେଶ୍ୱର (ପିଏନ୍): ଭାରତବର୍ଷର ମୁକ୍ତି ସଂଗ୍ରାମର ଅନନ୍ୟ ଯୋଦ୍ଧା, ସାମ୍ରାଜ୍ୟବାଦୀ ବିରୋଧୀ ସଂଗ୍ରାମର ମହାନାୟକ ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କର ଜନ୍ମ ଜୟନ୍ତୀକୁ ନେତାଜୀଙ୍କ ଦଳ ଅଲ୍ ଇଣ୍ଡିଆ ଫରୱାର୍ଡ଼ ବ୍ଲକ ଓ ଆଜାଦ ହିନ୍ଦ ବାହିନୀ, ଓଡ଼ିଶା କମିଟି ପକ୍ଷରୁ ଦେଶପ୍ରେମ ଦିବସ ଭାବରେ ପାଳିତ ହୋଇଯାଇଛି। ଭୁବନେଶ୍ୱରସ୍ଥିତ ନେତାଜୀ ଭବନରୁ ଏକ ଶୋଭାଯାତ୍ରା ବାହାରି ରସୁଲଗଡ଼ ଛକସ୍ଥିତ ନେତାଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ସେଠାରେ ଆଜାହ ହିନ୍ଦ ବାହିନୀ ପକ୍ଷରୁ ମଧ୍ୟ ନେତାଜୀଙ୍କୁ ସଲାମୀ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଫରୱାର୍ଡ଼ ବ୍ଲକର ସର୍ବଭାରତୀୟ ସାଧାରଣ ସମ୍ପାଦକ ତଥା ପୂର୍ବତନ ସାଂସଦ ଦେବବ୍ରତ ବିଶ୍ୱାସ ଯୋଗଦେଇ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ ଆଜାଦ ହିନ୍ଦ ବାହିନୀର ବିଶେଷ ଭାବରେ ପ୍ରଶିକ୍ଷଣପ୍ରାପ୍ତ କ୍ୟାଡ଼ରମାନେ ବାହିନୀର ଅଧ୍ୟକ୍ଷ ଜ୍ୟୋତିରଞ୍ଜନ ମହାପାତ୍ରଙ୍କ ନେତୃତ୍ୱରେ କଟକ ଜାନକୀନାଥ ଭବନକୁ ଯାଇ ସେଠାରେ ନେତାଜୀଙ୍କୁ ସଲାମୀ ଜଣାଇବା ସହ ନେତାଜୀଙ୍କ ଜନ୍ମମାଟିରେ ତାଙ୍କ ସ୍ୱପ୍ନର ଭାରତବର୍ଷ ଗଠନ ପାଇଁ ଉଦ୍ୟମ ଅବ୍ୟାହତ ରଖିବାକୁ ଶପଥ ନେଇଥିଲେ। ଅପରାହ୍ନରେ ଭୁବନେଶ୍ୱର ନେତାଜୀ ଭବନ ପରିସରରେ ଅଲ ଇଣ୍ଡିଆ ଫରୱାର୍ଡ଼ ବ୍ଲକ ଓ ଆଜାଦ ହିନ୍ଦ ବାହିନୀ ପକ୍ଷରୁ ଦେଶପ୍ରେମ ଦିବସ ସମାରୋହ ଅନୁଷ୍ଠିତ ହୋଇଥିଲା। ଫରୱାର୍ଡ଼ ବ୍ଲକର ରାଜ୍ୟ ସାଧାରଣ ସମ୍ପାଦକ ଜ୍ୟୋତିରଞ୍ଜନ ମହାପାତ୍ର ଏହି ସମାରୋହରେ ସଭାପତିତ୍ୱ କରିଥିବା ବେଳେ ଫରୱାର୍ଡ଼ ବ୍ଲକର ସର୍ବଭାରତୀୟ ସାଧାରଣ ସମ୍ପାଦକ ଦେବବ୍ରତ ବିଶ୍ୱାସ, ବରିଷ୍ଠ ସାମ୍ବାଦିକ ରବି ଦାସ, ପରିବେଶବିତ ପ୍ରଫୁଲ୍ଲ ସାମନ୍ତରାୟ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏହି ସମାରୋହକୁ ଉଦ୍‌ଘାଟନ କରି ଶ୍ରୀ ବିଶ୍ୱାସ ନେତାଜୀଙ୍କ ସଂଗ୍ରାମର ଗାଥା ଚିରଦିନ ସ୍ମରଣୀୟ ହୋଇ ରହିବ ବୋଲି ମତବ୍ୟକ୍ତ କରିବା ସହ ନେତାଜୀ ସ୍ୱାଧୀନତା ସଂଗ୍ରାମକୁ ନେତୃତ୍ୱ ଦେଲା ବେଳେ ଯେଉଁ ଭାରତବର୍ଷର ପରିକଳ୍ପନା କରିଥିଲେ ତାହା ଏବେ ମଧ୍ୟ ସାକାର ହୋଇପାରିନାହିଁ ବୋଲି ସେ ମତବ୍ୟକ୍ତ କରିଥିଲେ। ଧର୍ମକୁ ରାଜନୀତିଠାରୁ ଉର୍ଦ୍ଧ୍ୱରେ ରଖି ଭାରତବର୍ଷରେ ସାଧାରଣ ମଣିଷର ସ୍ୱାର୍ଥରକ୍ଷା ପାଇଁ ସରକାର ସଂକଳ୍ପବଦ୍ଧ ଭାବରେ କାର୍ଯ୍ୟ କରିବା, ଭୋକ, ଭୟ ଓ ଭ୍ରଷ୍ଟାଚାରମୁକ୍ତ ରାଜନୀତି ସଂକ୍ରାନ୍ତରେ ନେତାଜୀଙ୍କ ବିଚାର ଆଜି ମଧ୍ୟ ପ୍ରାସଙ୍ଗିକତା ବହନ କରୁଛି। ଏହାକୁ ବିଚାର କରି ଫରୱାର୍ଡ଼ ବ୍ଲକ ଓ ଆଜାଦ ହିନ୍ଦ ବାହିନୀର ସାଥୀମାନେ ନେତାଜୀଙ୍କ ସ୍ୱପ୍ନର ଭାରତବର୍ଷ ଗଠନ ଦିଗରେ ନିଜର ଅଭିଯାନ ଜାରି ରଖିବାକୁ ଆହ୍ୱାନ ଦେଇଥିଲେ। ସ୍ୱାଧୀନତା ସଂଗ୍ରାମରେ ନେତାଜୀଙ୍କ ବିକଳ୍ପ ନଥିଲା, ବ୍ରିଟିଶ ବିରୋଧୀ ସଂଗ୍ରାମର ଏହି ବେସାଲିସ ଯୋଦ୍ଧାଙ୍କ ଆଦର୍ଶ, ନିଷ୍ଠା, ଦେଶପ୍ରେମ ଏବଂ ସାଧାରଣ ଜନତାଙ୍କ ପ୍ରତି ଥିବା ଅଙ୍ଗିକାରବଦ୍ଧତାକୁ ଦେଶର ଯୁବପିଢ଼ି ଆଦର୍ଶ ଭାବରେ ଗ୍ରହଣ କରି ନେତାଜୀଙ୍କ ପଥର ପଥିକ ହେବା ପାଇଁ ଉଭୟ ଅତିଥି ଶ୍ରୀ ରବି ଦାସ ଏବଂ ପ୍ରଫୁଲ୍ଲ ସାମନ୍ତରାୟ ନିଜ ବକ୍ତବ୍ୟରେ ମତ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି ସଭାରେ ଯୁବନେତା ରତିକାନ୍ତ ପରିଡ଼ା, ଫରୱାର୍ଡ଼ ବ୍ଲକର ନେତା ସର୍ବେଶ୍ୱର ମିଶ୍ର, ଶମ୍ଭୁ ପ୍ରସାଦ ମହାନ୍ତି, ଗାୟତ୍ରୀ ନାଏକ ପ୍ରମୁଖ ନିଜର ବକ୍ତବ୍ୟ ରଖି ଉପସ୍ଥିତ ଶ୍ରୋତାଙ୍କୁ ନେତାଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ଆହ୍ୱାନ ଦେଇଥିଲେ। ସନ୍ଧ୍ୟାରେ ଯୁବ ସଂଗଠକ ଦେବୁ ପଟ୍ଟନାୟକ, ପ୍ରଦୀପ ଦାସ, ଯସ୍ମିନ ରାୟ, ସତ୍ୟବ୍ରତ ପଣ୍ଡା, ସ୍ୱାତି ମୁକ୍ତା ପ୍ରମୁଖଙ୍କ ନେତୃତ୍ୱରେ ଦେଶାତ୍ମବୋଧକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ନେତାଜୀ ସୁଭାଷ ବୋଷ ଓ ବୀର ସୁରେନ୍ଦ୍ର ସାଏ ଥିଲେ ଦେଶପ୍ରେମ ଓ ବୀରତ୍ୱର ପ୍ରତୀକ



ଭୁବନେଶ୍ୱର (ପିଏନ୍): ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନ ପକ୍ଷରୁ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ୧୨୫ତମ ଜୟନ୍ତୀ ଓ ସମ୍ବଲପୁର ମାଟିର ଗୌରବ ବୀର ଶହୀଦ ସୁରେନ୍ଦ୍ର ସାଏଙ୍କ ୨୧୩ତମ ଜୟନ୍ତୀରେ ସ୍ଥାନୀୟ ପ୍ରତିମୂର୍ତ୍ତିଠାରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ବରିଷ୍ଠ ସାମ୍ବାଦିକ ତଥା ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନର ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ଶତପଥୀ ମତବ୍ୟକ୍ତ କରି କହିଲେ ଯେ, ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଦେଶପ୍ରେମ, ବୀରତ୍ୱ ଅତୁଳନୀୟ। ତାଙ୍କର ଆହ୍ୱାନ 'ତୁମେ ମୋତେ ରକ୍ତ ଦିଅ, ମୁଁ ତୁମକୁ ସ୍ୱାଧୀନତା ଦେବି' ପ୍ରତ୍ୟେକ ଦେଶପ୍ରେମୀଙ୍କୁ ଆଜିବି ଅନୁପ୍ରାଣିତ କରେ। ତାଙ୍କ ମୃତ୍ୟୁ ସମ୍ବନ୍ଧରେ ବହୁ ତଥ୍ୟ ଆଜି ଲୋକଲୋଚନକୁ ଆସିପାରିନାହିଁ। ଇଂରେଜମାନଙ୍କ ବିରୋଧରେ ଦୃଢ଼ ଭାବରେ ସଂଗ୍ରାମ କରି ଆଜାଦ ହିନ୍ଦ ଫୌଜ ନାମକ ବାହିନୀ ଗଠନ କରିଥିଲେ ଯାହା ତାଙ୍କ ଦେଶପ୍ରେମ, ସାହସିକତା ପ୍ରମୁଖକୁ ଦର୍ଶାଇଥାଏ। ଠିକ୍ ସେହିପରି ସମ୍ବଲପୁର ମାଟିର ଗୌରବ ବୀର ସୁରେନ୍ଦ୍ର ସାଏ ପ୍ରଚଣ୍ଡ ସ୍ୱାଭିମାନୀ, ମାଟି, ଭାଷାପ୍ରାଣ ତଥା ଇଂରେଜ ବିରୋଧରେ ତାଙ୍କର ସଂଗ୍ରାମ ବେଶ ପ୍ରଶଂସନୀୟ ଥିଲା। ଓଡ଼ିଶା ତଥା ଦେଶମାତୃକା ପାଇଁ ଉଭୟଙ୍କ ବଳିଦାନ ଚିର ସ୍ମରଣୀୟ। ଏହି ଅବସରରେ ଭାଷା ତଥା ପୂଜ୍ୟପୂଜାପ୍ରାଣ ପଦ୍ମନାଭ ଦାଶଙ୍କୁ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ସ୍ମୃତି ସମ୍ମାନ ଓ ସାମ୍ବାଦିକ ନିରଞ୍ଜନ ରେଡ଼ିଙ୍କୁ ବୀର ସୁରେନ୍ଦ୍ର ସାଏ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା। ଅଭିଯାନର ବରିଷ୍ଠ ସଦସ୍ୟ ଶିକ୍ଷାବିତ, ଭାଷାଯୋଦ୍ଧା ସୀତାବଲ୍ଲଭ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଭିଯାନର ବ୍ରଜବନ୍ଧୁ ପରିଡ଼ା, ପୂଜ୍ୟପୂଜାପ୍ରାଣ ଲକ୍ଷ୍ମୀଧର ବେହେରା, ବିଜୟ ରାଉ, ବି. ମୁରଲୀଧର, ରୋହିତ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ ବୋଲି ମୁଖପାତ୍ର ଅରବିନ୍ଦ ତ୍ରିପାଠୀ ଜଣାଇଛନ୍ତି।

# ସଡ଼କ ସୁରକ୍ଷା ଜୀବନ ରକ୍ଷା



ଶୀତ ସକାଳ ବୁଲା ସରିଗଲା । ମୁଁ ଚା ଦୋକାନରେ ମୋର ବନ୍ଧୁକୁ ଅପେକ୍ଷା କରିଥିଲି । ସେହି ସମୟରେ କେତେ ଲୋକ ସେଠାରେ ରୁଣ୍ଡ ହୋଇ ସଦ୍ୟ ଦୁର୍ଘଟଣା ବିଷୟରେ ଆଲୋଚନା କରୁଥିଲେ । ସେହିମାନଙ୍କ ଭିତରୁ କିଏ ଜଣେ କହିଲେ ଶୀତ ଦିନ କୁହୁଡ଼ି ସମୟରେ ଗାଡ଼ି ଚଲେଇବା ଆଦୌ ଠିକ୍ ନୁହେଁ । ଏହି ସମୟରେ ହିମାଂଶୁ ବାବୁ ଚା ଦୋକାନ ଭିତରକୁ ପଶି ଆସିଲେ । ଆଉ କହିଲେ ଶୀତ ସକାଳରେ ଗାଡ଼ି ଚଲେଇବା ବହୁତ ଭଲ । କୁହୁଡ଼ିକୁ ଦେଖି ଡରିଗଲେ ଗୁରୁତ୍ୱପୂର୍ଣ୍ଣ କାମ କିପରି ହେବ? ଦେଖି ଚାହିଁ ସାବଧାନତାର ସହିତ ଗାଡ଼ି ଚଲେଇଲେ ଅସୁବିଧା ହେବନାହିଁ ।

ମୁଁ କହିଲି ଆଜ୍ଞା ଆଜି କ'ଣ ଏତେ ଡ଼େରି ହେଲା । ସେ କହିଲେ ନାଇଁମ ସକାଳୁ ସକାଳୁ ନିଦ ଭାଙ୍ଗିଲାନି । ହଉ ଆସ ଚା ପିଇବା । ମୁଁ କହିଲି ଆଜିକାଲି ବହୁତ ଦୁର୍ଘଟଣା ହେଉଛି । ସେ କହିଲେ କରୋନା କାଳରେ ଗାଡ଼ି ଘୋଡ଼ା ଚାଲୁ ନଥିଲା । ସେଥିପାଇଁ କମ୍ ଦୁର୍ଘଟଣା ହେଉଥିଲା । କରୋନା ଟିକା ଦ୍ୱିତୀୟ ପାଳି ଶେଷ ହେଲା ବେଳକୁ ଦେଖିବ ସହର ବଜାର ଚଳ ଚଞ୍ଚଳ ହୋଇଯିବ । ସ୍କୁଲ କଲେଜ ଯିବା ପାଇଁ ପିଲାମାନେ ରାସ୍ତାରେ ଧାଡ଼ି ଲାଗିଯିବେ । କଳକାରଖାନା, ହାଟ ବଜାର, ଅଫିସ ଦପ୍ତର ଯିବା ଆସିବା ପାଇଁ ଯାନବାହାନ ସଡ଼କ ଉପରେ ଦୌଡ଼ିବା ଆରମ୍ଭ ହୋଇଯିବ । ତେବେ ଦେଖିବ ଦୁର୍ଘଟଣା କମୁଛି ନା ବଢୁଛି ।

ମୁଁ ଜାଣିବା ପାଇଁ ପଚାରିଲି ଆଜିକାଲି ଡ୍ରାଇଭରମାନେ ଦାୟିତ୍ୱହୀନ ହୋଇଗଲେଣି । ସେଇଥିପାଇଁ ଏତେ ଦୁର୍ଘଟଣା ହେଉଛି । ସେ କହିଲେ କେହି ଜଣେ କ'ଣ ଜାଣିଶୁଣି ତା' ପେଟପାଟଣା ସହିତ ଖେଳେ । ଏପରି ଅଘଟଣ ପାଇଁ ଆମ୍ଭେମାନେ ହିଁ ଦାୟୀ ।

ଧରନ୍ତୁ ବସ୍‌ଟିରେ ଯିବାକୁ ଜାଗା ନାହିଁ । ଆମ୍ଭେ ଠିଆହୋଇ ଭିଡ଼ରେ ଗାଡ଼ିରେ ଖୁନ୍ଦି ହୋଇ ଯାଉଛେ । ଗାଡ଼ି ଅଧିକ ଲୋଡ଼ ହେଲେ ଗାଡ଼ି ଚଳାଇବାକୁ ଅସୁବିଧା ହେବ । ଖାଲି ସେତିକି ନୁହେଁ ସେହି ବସ୍ ଭିତରେ ଦୁଃଖସୁଖ ହେବା ମୋବାଇଲ ବିନା ଇଅରଫୋନରେ ଗୀତ ଶୁଣିବା ଆଦି ଚାଲେ ।

ହାଟ ବଜାର ଅଫିସ ସାମ୍ନା ଆଦି ଜନଗହଳିପୂର୍ଣ୍ଣ ସ୍ଥାନରେ ବେନିୟମ ପାର୍କିଙ୍ଗ କରିବାକୁ ଆମ ଲୋକମାନେ ପଛାନ୍ତି ନାହିଁ । ବସ ଭିତରେ, ବସ ଉପରେ, ଆଉ ରାସ୍ତା କଡ଼ରେ ଭିଡ଼ଭାଡ଼ । ତେବେ ଅତି ସାବଧାନତାର ସହିତ ଏହାକୁ ଅତିକ୍ରମ କରିବାକୁ ହେବ । ଯଦି ଟିକେ ଅଲମ ବିଲମ ହୁଏ, ତେବେ କିଭଳି ଅଘଟଣ ଘଟିବ ଅନୁମାନ କରୁଥିବେ ।

କେତେକ ଅଭିଭାବକମାନେ ଛୋଟ ପିଲାମାନଙ୍କୁ ସ୍କୁଟି ବାଇକ ଦେଉଛନ୍ତି । ସେମାନଙ୍କ ପିଲାମାନଙ୍କୁ ସ୍କୁଲ ଯିବାରେ ଅସୁବିଧା ନ ହେଉ । ସେହି ପିଲାମାନେ ଦ୍ରୁତ ଗତିରେ ଗାଡି ଚଳାଉଥିବାର ଦେଖାଯାଏ । ସହରରେ ଟ୍ରାଫିକ୍ ରୁଲ କଡ଼ାକଡ଼ି ଭାବେ ପାଳନ କରାଯାଏ । ଏହାଫଳରେ ପିଲାମାନେ ଜୋରିମାନା ଦିଅନ୍ତି ବା ଗାଡ଼ି ଚଳାନ୍ତି ନାହିଁ । ମାତ୍ର ଗ୍ରାମାଞ୍ଚଳମାନଙ୍କରେ ଏପରି ହେଉଥିବାର ଦେଖାଯାଏନାହିଁ । ଅଭିଭାବକମାନେ ଚିନ୍ତା କରିବା ଦରକାର ସେମାନଙ୍କ ପିଲାଙ୍କ ଜୀବନ ସେମାନଙ୍କ ସାମୟିକ ଖୁସିଠାରୁ ଅଧିକ ମୂଲ୍ୟବାନ ଅଟେ ।

ମୁଁ ହିମାଂଶୁବାବୁଙ୍କୁ କହିଲି ଆପଣ ପବ୍ଲିକଙ୍କୁ ଦୋଷ ଦେଲେ ଚଳିବ ନାହିଁ । କେତେକ ଡ୍ରାଇଭର ନିଶା ସେବନ କରି ଗାଡ଼ି ଚଳାନ୍ତି । ଗାଡ଼ି ଚଳାଇବା ବେଳେ ସେଫ୍‌ଟି ବେଲଟ୍ ବାନ୍ଧନ୍ତି ନାହିଁ କି ବାଇକ ଚଳାଇବା ବେଳେ ହେଲମେଟ୍ ପିନ୍ଧନ୍ତି ନାହିଁ । ରାସ୍ତା ଓଭର ଟେକ୍ କଲାବେଳେ ଗାଡ଼ି ହେଡ଼ଲାଇଟ ଡିପର ବା ସିଗନାଲ ଦିଅନ୍ତି ନାହିଁ । ମୋ' ବନ୍ଧୁ ଜଣକ କହିଲେ ଯଦି କେହି ଏପରି କରୁଥା'ନ୍ତି, ତାହା ନିଶ୍ଚୟ ଆଇନଗତ ଅପରାଧ । ସେମାନେ ନିଶ୍ଚୟ ଦଣ୍ଡ ପାଇବେ ।



ମୁଁ କହିଲି ସେତିକି ନୁହେଁ । ସ୍କୁଲ କଲେଜ ଓ ଜନଗହଳିପୂର୍ଣ୍ଣ ସ୍ଥାନମାନଙ୍କରେ ଗାଡ଼ିଗୁଡ଼ିକ ଧୀର କରାଯାଏ । ରେଲୱେ କ୍ରସିଙ୍ଗ ଫାଟକ ବନ୍ଦ ଥିବା ବେଳେ ବାଇକ ସାଇକେଲ ବା ଅନ୍ୟ ଯାନବାହନ ଯାତାୟାତ କରିବା କାନୁନଗତ ଅପରାଧ । ସେପରି ଅନୀତି କାର୍ଯ୍ୟ କରିବାକୁ ପଛାଉନାହାନ୍ତି ଆଜିକାଲିର ଯୁବକଯୁବତୀମାନେ । କର୍ମବ୍ୟସ୍ତ ଯୁବକ ଯୁବତୀମାନେ ସମୟ ବଞ୍ଚାଇବାକୁ ଯାଇ ବେଳେ ବେଳେ ମୃତ୍ୟୁର ସମ୍ମୁଖୀନ ହେଉଛନ୍ତି ।

ଆମ୍ବୁଲାନ୍ସ ଓ ଦମ୍‌କଳ (ଫାୟାର ଇଞ୍ଜିନ)କୁ ଯାତାୟାତ ପାଇଁ ବାଧା ସୃଷ୍ଟି କରିବା ଅନୁଚିତ । ସଡ଼କ ଉପରେ ଯାତାୟାତ କରୁଥିବା ଜରୁରୀକାଳୀନ ଯାନବାହନକୁ ବାଟ ଛାଡ଼ିଦେବା ଏକ ନୈତିକ କର୍ତ୍ତବ୍ୟ । ଗାଡ଼ି ୟୁ ଟର୍ଣ୍ଣ କଲାବେଳେ ସିଗନାଲ ଦେଲେ ଦୁର୍ଘଟଣା ଆଶା ରହେନାହିଁ । ରାତି ଅନିଦ୍ରା ହୋଇ ଦୀର୍ଘ ସମୟ ଧରି ଗାଡ଼ି ଚଳାନ୍ତୁ ନାହିଁ । ଗାଡ଼ି ଚଳାଇବା ବେଳେ ଟ୍ରାଫିକ୍‌ର ନୀତିନିୟମ ପାଳନ କରନ୍ତୁ ।

ଜାତୀୟ ସଡ଼କ ସୁରକ୍ଷା ପାଇଁ କଡ଼ାକଡ଼ି ଭାବରେ ଆମ ଦେଶ ଓ ରାଜ୍ୟରେ ନୀତିନିୟମମାନ କାର୍ଯ୍ୟକାରୀ କରାଯାଉଛି ।

ସଡ଼କ ସୁରକ୍ଷା ନିୟମ ଲଙ୍ଘନ କଲେ କଠୋର ଦଣ୍ଡରେ ଦଣ୍ଡିତ ହୋଇପାରନ୍ତି । ଡ୍ରାଇଭିଙ୍ଗ ନୀତିନିୟମ ଭଙ୍ଗ କଲେ ଏକ ହଜାର ଟଙ୍କା ଜୋରିମାନା ଦେବାକୁ ପଡ଼ିବ । ଦ୍ରୁତଗତିରେ ଗାଡ଼ି ଚଲାଇ (ଲାଇଟ୍ ଭେଇକିଲ) ହାଲୁକା ଗାଡ଼ି ପାଇଁ ୨ ହଜାର ଟଙ୍କା ଓ ଓଜନଦାର ହେବା ଭେଇକିଲ ପାଇଁ ୪ ହଜାର ଟଙ୍କା ଦଣ୍ଡବିଧାନ କରାଯାଇଛି । ମଦ ପିଇ ଗାଡ଼ି ଚଲାଇଲେ ୧୦ ହଜାର ଟଙ୍କାରୁ ୧୫ ହଜାର ଟଙ୍କା ଦଣ୍ଡ ବିଧାନର ବ୍ୟବସ୍ଥା ଅଛି ।

ବିନା ହେଲମେଟରେ ବାଇକ ଚଲାଇଲେ ବା ଯାତ୍ରା କଲେ ୧ ହଜାର ଟଙ୍କା । ଡ୍ରାଇଭର ଓ ପ୍ୟାସେଞ୍ଜର ସେଫଟି ବେଲ୍‌ଟ ନ ପିନ୍ଧିଲେ ୧ ହଜାର ଟଙ୍କା ଜୋରିମାନା ଦେବେ । ଗାଡ଼ି ଚଲାଇବାବେଳେ ମୋବାଇଲ ଫୋନ ବ୍ୟବହାର କଲେ ୫ ହଜାର ଟଙ୍କାରୁ ୧୦ ହଜାର ଟଙ୍କା ଜୋରିମାନା ଭରିବାକୁ ପଡ଼ିବ ।

ଗାଡ଼ିର କ୍ଷମତାଠାରୁ ଅଧିକ ପ୍ୟାସେଞ୍ଜର ନେଲେ ଏକ୍‌ଷ୍ଟ୍ରା ପ୍ୟାସେଞ୍ଜର ପ୍ରତି ୨୦୦ ଟଙ୍କା ଜୋରିମାନା ଦେବାକୁ ହେବ । ବିନା ଇନ୍‌ସୁରାନସରେ ଗାଡ଼ି ଚଲାଇଲେ ୨ହଜାରରୁ ୪ ହଜାର ଟଙ୍କା ଜୋରିମାନା ହୋଇପାରେ । ସରକାର ପ୍ରାଣପଣେ ଉଦ୍ୟମ କରୁଛନ୍ତି, ସଡ଼କ ଦୁର୍ଘଟଣା ହ୍ରାସ ପାଇଁ ।

ସଡ଼କ ଦୁର୍ଘଟଣାରେ ଆହତ ବ୍ୟକ୍ତିମାନଙ୍କୁ କଟକ ଓ ଭୁବନେଶ୍ୱର ସହରର ନିର୍ଦ୍ଦିଷ୍ଟ ବେସରକାରୀ ହସ୍ପିଟାଲରେ ୪୮ ଘଣ୍ଟା ପର୍ଯ୍ୟନ୍ତ ମାଗଣାରେ ଚିକିତ୍ସା ବ୍ୟବସ୍ଥା ପ୍ରଦାନ କରାଯିବ ।

ଅଜଣା ଗାଡ଼ି ଧକ୍କାରେ ମୃତ୍ୟୁବରଣ କରୁଥିବା ବ୍ୟକ୍ତିଙ୍କ ଆଇନତଃ ଉତ୍ତରାଧିକାରୀଙ୍କୁ ୨ ଲକ୍ଷ ଟଙ୍କାର କ୍ଷତିପୂରଣ ଓ ଗୁରୁତର ଆହତଙ୍କୁ ୫୦ ହଜାର ଟଙ୍କାର ସହାୟତା ମିଳିବ । ଦୁର୍ଘଟଣାରେ ଆହତ ବ୍ୟକ୍ତିମାନଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରୁଥିବା ସାହାଯ୍ୟକାରୀ ବ୍ୟକ୍ତିଙ୍କୁ ସୁରକ୍ଷା ସହିତ ୨ ହଜାର ଟଙ୍କାର ପ୍ରୋତ୍ସାହନ ରାଶି ପ୍ରଦାନ ନିମନ୍ତେ "ଗୁଡ଼ ସମରିଟାନ ପଲିସି" ଆରମ୍ଭ କରାଯାଇଛି । ଯାହା ସମ୍ବାଦପତ୍ରମାନଙ୍କରେ ପ୍ରକାଶ ପାଇଛି । ଆମ ସରକାର ଓ ପୋଲିସ ପ୍ରଶାସନ ବିଭାଗକୁ ଅଶେଷ ଧନ୍ୟବାଦ । ସେମାନେ ଆଇନ ଅବମାନନାକାରୀକୁ ଦଣ୍ଡ ଦେବା ସହିତ ତଜ୍ଜନିତ କ୍ଷୟକ୍ଷତି ଭରଣା କରିବା ପାଇଁ ସଙ୍କଳ୍ପବଦ୍ଧ ।

ହିମାଂଶୁବାବୁ କହିଲେ ସରକାର ଅର୍ଥ ପ୍ରଦାନ କରିପାରନ୍ତି । ମୃତ ବ୍ୟକ୍ତିଙ୍କୁ ଜୀବନ ପ୍ରଦାନ କରିପାରିବେନି । ମୁଁ କହିଲି ହଁ ଏହା ନିରାଟ ସତ କଥା । ଆମେ ନିଜେ ସଜାଗ ହେବା ସତର୍କତା ଅବଲମ୍ବନ କରିବା । ଟ୍ରାଫିକ୍ ନୀତିନିୟମ ପାଳନ କରିବା ପାଇଁ ଆମ ପୋଲିସ ବାବୁମାନଙ୍କୁ ଖାଲି ଧନ୍ୟବାଦ ନୁହେଁ ଦରକାର ପଡ଼ିଲେ ସାହାଯ୍ୟ ସହଯୋଗ କରିବା ଉଚିତ । ଅନ୍ୟ ଭାଇଭଉଣୀଙ୍କୁ କହିବା-ସଡ଼କ ସୁରକ୍ଷା ଜୀବନ ରକ୍ଷା । ଟ୍ରାଫିକ୍ ନୀତିନିୟମ ମାନି ଚଳ ଓ ନିଜ ଧନଜୀବନ ସୁରକ୍ଷିତ କର । ନିଜ ସୁରକ୍ଷା ନିଜ ହାତରେ ।

**ଅକ୍ଷୟ ପଣ୍ଡା**

*ଆଳି, ଲୋକାପଡ଼ା, ମୋ- ୯୩୩୭୪୯୨୩୦୭*

## 'ଆହ୍ୱାନ' ତରଫରୁ ନେତାଜୀ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳିତ

ଯାଜପୁର (ପିଏନ୍)-'ଆହ୍ୱାନ' ତରଫରୁ ଯାଜପୁରର ଗୋଖନାସ୍ଥିତ କାର୍ଯ୍ୟାଳୟରେ ସଭାପତି ବିଶ୍ୱଜିତ ସାହୁଙ୍କ ଅଧ୍ୟକ୍ଷତାରେ ଆଜାଦ୍ ହିନ୍ଦ ଫୌଜର ପ୍ରତିଷ୍ଠାତା ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ଓଡ଼ିଶା ମାଟିର ଲଢୁଆ ପୁଅ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳନ କରାଯାଇଛି । ଏହି ଅବସରରେ ସମାଜସେବୀ ହୃଷିକେଶ ପତି ଯୋଗଦେଇ ନେତାଜୀ କିପରି ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଜର୍ମାନୀର ଶାସକ ହିଟଲରଙ୍କ ସହ ଯୋଗସୂତ୍ର ସ୍ଥାପନ କରି ଗୋରା ଶାସକମାନଙ୍କ କବଳରୁ ଭାରତକୁ ସ୍ୱାଧୀନ କରିବାପାଇଁ ଅକ୍ଳାନ୍ତ ଉଦ୍ୟମ କରିଥିଲେ ଏବଂ ଓଡ଼ିଶାରେ ବୀର ସୁରେନ୍ଦ୍ର ସାଏ ଇଂରେଜମାନଙ୍କ ବିରୁଦ୍ଧରେ ବିଦ୍ରୋହ କରି ଭାରତର ମୁକ୍ତି ସଂଗ୍ରାମର ନେତୃତ୍ୱ ନେଇଥିଲେ ବୋଲି ବକ୍ତବ୍ୟ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଲଳିତେଶ୍ୱର କଳା ପରିଷଦର ସଭାପତି ନଟବର ଜେନା, ପୂର୍ବତନ ଏମ୍.ପି. ଅଞ୍ଚଳ ଦାସ, ଶିକ୍ଷାବିତ୍ ହରେକୃଷ୍ଣ ମହନ୍ତ, ରତିକାନ୍ତ ମଲ୍ଲିକ, ସୁଶାନ୍ତ କୁମାର ଜେନା, ଶୁଭେନ୍ଦୁ ସାମଲ, ଶ୍ରୀକାନ୍ତ ଜେନା, ପ୍ରିୟଙ୍କା ପ୍ରିୟଦର୍ଶିନୀ, ରବୀନ୍ଦ୍ର ରାଉତ, ଶୁଭ୍ରଜିତ ସାହୁ, ସୌମ୍ୟଜିତ ସାହୁ, ଜୟଦେବ ରାଉତ, ଗୋବିନ୍ଦ ଚନ୍ଦ୍ର ବାରିକ ପ୍ରମୁଖ ଏଥିରେ ଯୋଗ ଦେଇଥିଲେ । ଶେଷରେ ସହ-ସମ୍ପାଦକ ଅକ୍ଷୟ କୁମାର ପୃଷ୍ଟି ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

# ପରୀକ୍ଷିତ ଜେନା : ଚିର ସବୁଜ ତଥା ନିତ୍ୟ ନୂତନ



ଗତ ଷାଠିଏ ଦଶକ ଥିଲା ଭାରତୀୟ ସିନେମାର ସୁବର୍ଣ୍ଣ ଯୁଗ। ଯଦିଓ ତିରିଶ ଦଶକରୁ ହିନ୍ଦି, ତେଲୁଗୁ ଓ ତାମିଲ ସିନେମାର ଯଥେଷ୍ଟ ଅଗ୍ରଗତି ଘଟିଥିଲା, ମାତ୍ର ପଚାଶ ଓ ଷାଠିଏ ଦଶକରେ ତାହ ପରିପକ୍ୱ ହୋଇଥିଲା। ଆଶାତୀତ ଚଳଚ୍ଚିତ୍ର ନିର୍ମାଣ ହେବା ସହିତ କ୍ଷୁଦ୍ର ସହରଗୁଡ଼ିକରେ ସିନେମା ହଲ୍‌ମାନ ଖୋଲିଥିଲା। ଏହାଛଡ଼ା ପିକ୍‌ଚର ପୋଷ୍ଟ ଏବଂ ଫିଲ୍ମ ଫେୟାର ପରି ଲୋକପ୍ରିୟ ଇଂରାଜୀ ସିନେମା ପତ୍ରିକା ପାଇଲା, ବ୍ୟାପକ ମଧ୍ୟ ହୋଇଥିଲା। ଅବଶ୍ୟ ସେତେବେଳକୁ ହିନ୍ଦି, ତେଲୁଗୁ, ତାମିଲ ଓ ବଙ୍ଗଳା ଭାଷାରେ ଚଳଚ୍ଚିତ୍ର ପତ୍ରିକାମାନ ପ୍ରକାଶିତ ହୋଇଥିଲା। ସେ କାଳର ଶିକ୍ଷିତ ଯୁବକ ଯୁବତୀମାନେ ଯେତିକି ସିନେମା ଦେଖୁଥିଲେ, ତାହାଠାରୁ ଅଧିକ ସମୟ ପିକ୍‌ଚର ପୋଷ୍ଟ ଓ ଫିଲ୍ମ ଫେୟାର ପଢିବାରେ ବ୍ୟସ୍ତ ରହୁଥିଲେ। ଏହି ପତ୍ରିକା ଦୁଇଟି କେବଳ ସହରାଞ୍ଚଳରେ ନୁହେଁ, ଗ୍ରାମାଞ୍ଚଳରେ ମଧ୍ୟ ଉପଲବ୍ଧ ହେଉଥିଲା। ପାଠକମାନେ ସହରରୁ ମଗାଇ ନେଉଥିଲେ। ସେହି ସମୟରେ ଓଡ଼ିଆ ସିନେମା ନିର୍ମାଣ ବହୁତ କମ୍ ଥିଲା। ବର୍ଷକୁ ଗୋଟିଏ ହେଲେ ବଡ଼କଥା ଥିଲା। ତେଣୁ ଓଡ଼ିଆରେ ଚଳଚ୍ଚିତ୍ର ପତ୍ରିକାଟିଏ ପ୍ରକାଶନ ହେବା ଚିନ୍ତାର ବାହାରେ ଥିଲା। ଗାଁ ଗହଳିରେ ଇଂରାଜୀ ଜାଣିନଥିବା ସିନେମାପ୍ରେମୀ ମାନଙ୍କ ମନରେ ଦୁଃଖ ଥିଲା। କାରଣ ସେମାନେ ପିକ୍‌ଚର ପୋଷ୍ଟ ପଢିପାରୁ ନଥିଲେ। କୌଣସି ଏକ ଚଳଚ୍ଚିତ୍ର ଓ ତାହାର ପାର୍ଶ୍ୱଘଟଣାମାନ ଜାଣିପାରୁ ନଥିଲେ। ଆଧୁନିକ ଭଦ୍ରକ ଜିଲ୍ଲାର ମହୁରା ଗ୍ରାମରୁ ଆସି ସଚିବାଳୟରେ ଚାକିରୀ କରୁଥିବା ଜଣେ ଯୁବ ସିନେମାପ୍ରେମୀଙ୍କୁ ଏହା ବେଶ୍ ବାଧିଥିଲା। ଓଡ଼ିଆ ଭାଷାରେ ଚଳଚ୍ଚିତ୍ର ପତ୍ରିକାଟିଏ ବାହାର କରିବାକୁ ସେ ନିଷ୍ପତ୍ତି ନେଲେ। ପତ୍ରିକାଟିର ନାମ ହେଲା ବାଣୀଚିତ୍ର। ଏଥିପାଇଁ ଉଦ୍ୟମ କରିଥିବା ଯୁବକଜଣକ ହେଲେ ପରୀକ୍ଷିତ ଜେନା-ସାଧାରଣରେ ପରୀକ୍ଷିତ ଭାଇ। ପରୀକ୍ଷିତ ଭାଇ ଏହି ବାଣୀଚିତ୍ର ମାଧ୍ୟମରେ ଏକ ନୂତନ ଯୁଗର ଆରମ୍ଭ କଲେ-ନୂଆ ଚଳଚ୍ଚିତ୍ର ସାହିତ୍ୟର ଅୟମାରମ୍ଭ ହେଲା। ସେତେବେଳେ ଏକ ପତ୍ରିକାରେ ଫଟୋ ଛପା ହେବା ଏକ କଷ୍ଟସାଧ କାର୍ଯ୍ୟ ଥିଲା। ଏହାସତ୍ତ୍ୱେ ନିଜ ଉପରେ କଠିନ ବିଶ୍ୱାସ ରଖିଥିବା ପରୀକ୍ଷିତ ଭାଇ ଏକ ସାହସିକ ପଦକ୍ଷେପ ନେଇଥିଲେ। ୧୯୬୮ ମସିହାରୁ ତାହା ନିରବଚ୍ଛିନ୍ନ ଭାବେ ପ୍ରକାଶ ପାଇ ଆସୁଛି। ନିଜେ ତଥ୍ୟ ସଂଗ୍ରହ କରିବା, ଫଟୋ ସଂଗ୍ରହ କରିବା ବ୍ଲକ ବନେଇବା, ବିଜ୍ଞାପନ ସଂଗ୍ରହ କରିବା ଏବଂ ପତ୍ରିକାର ବିତରଣ କାର୍ଯ୍ୟ ସେ ନିଜେ ଦିନରାତି ପରିଶ୍ରମ କରି ସାରୁଥିଲେ। ରାଜ୍ୟର ସବୁ ସିନେମା ବ୍ୟକ୍ତିତ୍ୱ ସେହି ପତ୍ରିକା ସହିତ ସମ୍ପୃକ୍ତ ଅଛନ୍ତି। ଏବେ ମଧ୍ୟ ଅଛନ୍ତି। ବାଣୀଚିତ୍ରକୁ ବାଦ ଦେଇ କୌଣସି ପ୍ରଯୋଜକ, ନିର୍ଦ୍ଦେଶକ, ଅଭିନେତା, ଅଭିନେତ୍ରୀ, ଖଳନାୟକ, ସଙ୍ଗୀତ ନିର୍ଦ୍ଦେଶକ, ଗାୟକ, ନୃତ୍ୟ ନିର୍ଦ୍ଦେଶକ ଆଗକୁ ବଢିନାହାଁନ୍ତି। ସବୁ ସମୟରେ ଏମାନେ ପରୀକ୍ଷିତ ଭାଇଙ୍କ ଉପରେ ନିର୍ଭର କରୁଥିଲେ। ପରୀକ୍ଷିତ ଭାଇ ସେମାନଙ୍କୁ ପାରୁପର୍ଯ୍ୟନ୍ତ ସହାୟତା ଦେଇ ଆସୁଥିଲେ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯେ, ପରୀକ୍ଷିତ ଭାଇ ସମସ୍ତ ଚଳଚ୍ଚିତ୍ର ବ୍ୟକ୍ତିତ୍ୱଙ୍କୁ ପରୀକ୍ଷା କରି ଆସୁଥିଲେ। ବାଣୀଚିତ୍ର ପ୍ରଥମେ ସଫଳ ଅଭିନେତା, ଅଭିନେତ୍ରୀଙ୍କୁ ସମ୍ମାନିତ କରୁଥିଲା। ପରେ ରାଜ୍ୟ ସରକାର କିମ୍ବା ଅନ୍ୟମାନେ ସମ୍ମାନିତ କରୁଥିଲେ। ଏହା ହିଁ ତାଙ୍କ ବୁଦ୍ଧିମତା ଓ ଦୂରଦୃଷ୍ଟିର ପରିଚୟ ଥିଲା।

କେବଳ ଚଳଚ୍ଚିତ୍ର ସମ୍ପର୍କରେ ଲେଖିବା ତାଙ୍କର କାର୍ଯ୍ୟ ନଥିଲା। ୪ଗୋଟି ଚଳଚ୍ଚିତ୍ରରେ ଅଭିନୟ ମଧ୍ୟ କରିଥିଲେ। ପ୍ରାୟ ୨୦ଟି ବେତାର ନାଟକ ଲେଖିଥିଲେ। ଓଡ଼ିଆ ସିନେମାର ଜଣେ ବିଚାରକ ଭାବେ ତାଙ୍କର ୪୦ ବର୍ଷର ଅଭିଜ୍ଞତା ଥିଲା। ସିନେମା ବ୍ୟତୀତ ସେ ବହୁ ଡ୍ରାମା ଓ ଅପେରା ପ୍ରତିଯୋଗିତାରେ ବିଚାରକ ମଧ୍ୟ ଥିଲେ। କିଛିବର୍ଷ ତଳେ ବରଗଡ଼ରେ ଅନୁଷ୍ଠିତ ଯାତ୍ରା ମହୋତ୍ସବରେ ଜଣେ ବିଚାରକ ଭାବେ ବହୁ ପ୍ରତିଷ୍ଠିତ କଳାକାରଙ୍କ ଭୁଲ ତଥା ସଂଳାପ ଲେଖକଙ୍କ ଅପସଂସ୍କୃତିପୂର୍ଣ୍ଣ ସଂଳାପକୁ ନାପସନ୍ଦ କରିଥିଲେ। ଏହା ତାଙ୍କର ସ୍ପଷ୍ଟବାଦିତାର ପରିଚୟ ନିଶ୍ଚୟ। ସେ ସଂକଳନ କରିଥିବା 'ଆମ ଓଡ଼ିଆ ଚଳଚ୍ଚିତ୍ରର ଇତିହାସ' ପୁସ୍ତକଟି ଓଡ଼ିଆ ଚଳଚ୍ଚିତ୍ରର ଏକ ଜୀବନ୍ତ ଅଭିଧାନ। ତାଙ୍କ ଅବର୍ତ୍ତମାନରେ ଅର୍ଦ୍ଧ ଶତାବ୍ଦୀର ଓଡ଼ିଆ ସିନେମାର ଜଣେ ପ୍ରତ୍ୟକ୍ଷଦର୍ଶୀଙ୍କ ଅବସାନ ଘଟିଲା। ତାଙ୍କ ସ୍ଥାନ ଅପୂରଣୀୟ ରହିବ।

ପରୀକ୍ଷିତ ଭାଇଙ୍କୁ ଚିରସବୁଜ ତଥା ନିତ୍ୟ ନୂତନ କହିବାର ଯଥାର୍ଥତା ରହିଛି। ତାଙ୍କୁ ଷାଠିଏ ଦଶକରୁ ଦେଖି ଆସୁଥିବା ଲୋକଙ୍କ କହିବା ଅନୁସାରେ ସେ ସେତେବେଳେ ଯେମିତି ଥିଲେ ମୃତ୍ୟୁ ବେଳକୁ ମଧ୍ୟ ସେପରି ଥିଲେ-ଢ଼େଙ୍ଗା, ପତଳା ଚେହେରା, ସବୁବେଳେ କାର୍ଯ୍ୟବ୍ୟସ୍ତ। ୭୯ ବର୍ଷ ବୟସରେ ସେ ୭୦ କିଲୋମିଟର ବେଗରେ ମୋଟର ସାଇକେଲ ଚଳାଉଥିଲେ। ଏପରିକି ମୃତ୍ୟୁର ୧୦ ଘଣ୍ଟା ପୂର୍ବରୁ ସେ ସାଇକେଲ ଚଳାଇ ଜନଗହଳିପୂର୍ଣ୍ଣ ଇନ୍ଦ୍ରଧନୁ ମାର୍କେଟରେ ବୁଲିଥିଲେ। ତାଙ୍କର ପ୍ରିୟ ପୋଷାକ ହେଉଛି ସଫାରୀ ସୁଟ। ସେ କିପରି ଦୁବ୍‌ଲା ପତଳା ହୋଇ ରହି ଆସୁଛନ୍ତି ଏବଂ କାର୍ଯ୍ୟଦକ୍ଷ ରହୁଛନ୍ତି ବୋଲି ତାଙ୍କର ସମସାମୟିକ ସାଙ୍ଗମାନେ ଥଟ୍ଟାରେ କହୁଥିଲେ ସେ ଉତ୍ତର କେବଳ ତାଙ୍କର ହସ ଥିଲା।

ସେହିପରି ଭାବେ ତାଙ୍କୁ ନିତ୍ୟ ନୂତନ କହିବାର କାରଣ ହେଉଛି-ସେ ପ୍ରତ୍ୟେକ ଦିନକୁ ଜୀବନର ନୂଆ ଦିନ ଭାବେ ଗ୍ରହଣ କରିଥାଆନ୍ତି। ଗତକାଲିର ଅଘଟଣକୁ ଆଜିର ବିଷୟବସ୍ତୁ ଭାବେ ସେ ଗ୍ରହଣ କରନ୍ତି ନାହିଁ। ଦିନର ସମାପ୍ତି ସହିତ ସେ ଅଘଟଣର ସମାପ୍ତିକୁ ଧରିନିଅନ୍ତି। ଥରେ ଏକ ବିରଳ ଘଟଣାକ୍ରମରେ ଜଣେ ଅତି ଅନ୍ତରଙ୍ଗ ବନ୍ଧୁଙ୍କ ସହିତ ପରୀକ୍ଷିତ ଭାଇଙ୍କ ଝଗଡ଼ା ହେଲା। ପ୍ରଥମେ ମତାନ୍ତର-ପରେ ମନାନ୍ତର ଓ ଉଚ୍ଚବାଚ। ପାଖରେ ଆମ ସମେତ ଅନ୍ୟମାନେ ତାଜୁବ ହେଲୁ। ଦୁହେଁ ସେଦିନ ରାତ୍ରୀ ଭୋଜନ ନଖାଇ ସ୍ଥାନ ଛାଡ଼ିଥିଲେ। ମାତ୍ର ପରଦିନ ସେ ଦୁହେଁ ଗୋଟିଏ ଜାଗାରେ ବସି ଚା ଖାଇବାର ଦୃଶ୍ୟ ଆମକୁ ଅଡୁଆରେ ପକାଇ ଦେଇଥିଲା। ଏ ହେଉଛନ୍ତି ଆମ ପ୍ରିୟ ପରୀକ୍ଷିତ ଭାଇ। ତାଙ୍କୁ ଆମର ବିନମ୍ର ଶ୍ରଦ୍ଧାଞ୍ଜଳି। ସେ ତାଙ୍କ ପରିବାର, ଭାଇଭଉଣୀ, ପୁତ୍ରବଧୂ, ନାତିନାତୁଣୀମାନଙ୍କୁ ଜୀବଦ୍ଦଶାରେ ଯେପରି ଦେଖୁଥିଲେ, ସ୍ୱର୍ଗରେ ଥାଇ ଆଶୀର୍ବାଦ କରନ୍ତୁ।

**ବୈଷ୍ଣବ ଜେନା,** ସାମ୍ବାଦିକ, ମୋ: ୯୪୩୭୦୦୭୨୦୦

ସଂ ଗଚ୍ଛଧ୍ବଂ ସଂ ବଦଧ୍ବଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...

ଋଗ୍ ବେଦ ୧୦/୧୯୧-୨-୪




**ଭୁବନେଶ୍ୱର, ୨୦୨୧, ଜୁନ୍ ୧୨**

## ସ୍ୱାଗତଯୋଗ୍ୟ କିନ୍ତୁ ଯଥେଷ୍ଟ ନୁହେଁ

ମହାମାରୀ କରୋନାର ଦ୍ୱିତୀୟ ଲହର ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ରମୋଦୀଙ୍କ ଗତ ସୋମବାର ଦିନ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାରେ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ (ଏନଏଫଏସଏ) ପରିସରଭୁକ୍ତ ଦେଶର ଦୁଇ ତୃତୀୟାଂଶ ତଥା ୮୦ କୋଟି ଲୋକଙ୍କୁ ମାସିକ ୫କେଜି ଚାଉଳ କିମ୍ବା ଗହମ ଆସନ୍ତା ନଭେମ୍ବର ମାସ ପର୍ଯ୍ୟନ୍ତ ମାଗଣାରେ ଯୋଗାଇ ଦେବା ଘୋଷଣା ନିଶ୍ଚିତ ଭାବେ ଏକ ସମୟୋପଯୋଗୀ ଏବଂ ସ୍ୱାଗତ ଯୋଗ୍ୟ ପଦକ୍ଷେପ ବୋଲି ନିସନ୍ଦେହରେ କୁହାଯାଇପାରିବ। ପୂର୍ବରୁ ମେ ଓ ଜୁନ ଦୁଇ ମାସ ପାଇଁ ମାଗଣା ଖାଦ୍ୟଶସ୍ୟ ଯୋଗାଇ ଦେଇଥିବା ବେଳେ ଏବେ ଆଉ ୫ ମାସ ମାଗଣା ବଂଟନ କରିବାକୁ ଘୋଷଣା କରିଛନ୍ତି। କହିବା ବାହୁଲ୍ୟ ଯେ, ମହାମାରୀର ଦ୍ୱିତୀୟ ଲହରରେ ଦେଶର ବହୁ ପ୍ରଭାବିତ ରାଜ୍ୟ ଦୀର୍ଘକାଳୀନ ଲକଡାଉନ(ତାଲାବନ୍ଦ) ଘୋଷଣା କରିବା ପରିପ୍ରେକ୍ଷୀରେ ଅର୍ଥନୈତିକ କାର୍ଯ୍ୟକଳାପ ବନ୍ଦ ହୋଇଯିବା ଯୋଗୁଁ ଲୋକଙ୍କ ରୋଜଗାର କମିଛି। ବହୁ ଲୋକ କାମଧନ୍ଦା ନପାଇଁ ବେରୋଜଗାରୀ ହୋଇପଡିଥିବାବେଳେ ବେକାରୀ ହାର ବଢିଛି। ବିଶେଷ କରି କେନ୍ଦ୍ର ଓ ରାଜ୍ୟ ସରକାରୀ କର୍ମଚାରୀଙ୍କ ବ୍ୟତୀତ ଅନ୍ୟାନ୍ୟ କ୍ଷେତ୍ରର କର୍ମଚାରୀ ଓ ଦିନ ମଜୁରିଆ, ଗରିବ, ଅସହାୟ ଲୋକ ପ୍ରଭାବିତ ହୋଇଛନ୍ତି। ଏହାକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାରଙ୍କ ଏନଏଫଏସଏ ପରିସରଭୁକ୍ତ ଲୋକଙ୍କୁ ମୁଣ୍ଡପିଛା ୭ମାସ ପାଇଁ ମାସିକ ୫କେଜି ଲେଖାଏଁ ଖାଦ୍ୟଶସ୍ୟ ଯୋଗାଇଦେବା ଏକ ସ୍ୱାଗତଯୋଗ୍ୟ ନିଷ୍ପତି। ଅବଶ୍ୟ ଏଭଳି ଯୋଜନା ଆମ ଦେଶରେ ନୂଆ ନୁହେଁ। ପୂର୍ବରୁ ମହାମାରୀର ପ୍ରଥମ ଏହର ସମୟରେ ଦେଶବ୍ୟାପୀ ଦୀର୍ଘକାଳୀନ ଲକଡାଉନ ବେଳେ କେନ୍ଦ୍ର ସରକାର ଗତବର୍ଷ (୨୦୨୦) ଏପ୍ରିଲ ଠାରୁ ନଭେମ୍ବର ପର୍ଯ୍ୟନ୍ତ ଆଠ ମାସ ପାଇଁ ଏନଏଫଏସଏ ପରିସରଭୁକ୍ତ ଗରିବ ହିତାଧିକାରୀଙ୍କୁ ମାଗଣାରେ ମାସିକ ୫କିଲୋ ଚାଉଳ କିମ୍ବା ଗହମ ବଂଟନ କରିଥିଲେ। ଗତବର୍ଷ ଏଥିପାଇଁ ରାଜକୋଷ ଉପରେ ୧୯୨୦ ହଜାର କୋଟି ଟଙ୍କାର ଆର୍ଥୀକ ବୋଝ ପଡ଼ିଥିଲା। ଏଥର କିନ୍ତୁ ପରିସ୍ଥିତି ଭିନ୍ନ। ମହାମାରୀର ଦ୍ୱିତୀୟ ଲହର ବେଳେ ମହାମାରୀର ନିୟନ୍ତ୍ରଣ ପାଇଁ ଦେଶବ୍ୟାପୀ ସାର୍ବଜନୀନ ଟିକାକରଣ ଆରମ୍ଭ ହୋଇଛି। ଏହି ଟିକା ଦେଶର ସମସ୍ତଙ୍କୁ ମାଗଣାରେ ଦେବା ପାଇଁ ସରକାର ଘୋଷଣା କରିଛନ୍ତି। ତେବେ ଏକ ସରକାରୀ ରିପୋର୍ଟରେ ଆକଳନ ଅନୁଯାୟୀ ମାଗଣା ଖାଦ୍ୟଶସ୍ୟ ଓ ଟିକାକରଣ ବ୍ୟୟ ଭାର ଦେଶର ମୋଟ ଜିଡିପିର ୦.୪ ପ୍ରତିଶତ ହେବା ସମ୍ଭାବନା ରହିଛି। ମହାମାରୀ କରୋନାରେ ସୁଦୂର ପ୍ରସାରୀ ସଂକଟକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାରଙ୍କ ଏହି ଯୋଜନା ସାଂପ୍ରତିକ ଦୁର୍ଦ୍ଦିନ ସମୟରେ ଗରିବଙ୍କ ପାଇଁ ଏକ ପ୍ରାଥମିକ ରିଲିଫ ପ୍ୟାକେଜ୍ ବୋଲି କୁହାଯାଇପାରେ। ପୂର୍ବରୁ ଆମେ କହି ରଖିଛୁ, ମହାମାରୀ ଯୋଗୁଁ ଦେଶର କୋଟି କୋଟି ଲୋକ ଜୀବିକା ହରାଇଛନ୍ତି, ବେରୋଜଗାରୀ ହୋଇପଡ଼ିଛି, ଆୟ କମିଛି। ତେଣୁ ସେମାନଙ୍କ ପାଇଁ ମାଗଣା ଖାଦ୍ୟ ଶସ୍ୟ ଯୋଗାଣ ଏକ ଉପଶମକାରୀ ଯୋଜନା ସତ, କିନ୍ତୁ ସାଂପ୍ରତିକ ସମୟରେ ତେଲଠାରୁ ଆରମ୍ଭ କରି ଡାଲି ପର୍ଯ୍ୟନ୍ତ ବିଭିନ୍ନ ଅତ୍ୟାବଶ୍ୟକୀୟ ସାମଗ୍ରୀର ମୂଲ୍ୟ ଯେପରି ଆକାଶଛୁଆଁ ହୋଇଛି, ଏହି ମାଗଣା ଖାଦ୍ୟଶସ୍ୟ ବଂଟନ ଯୋଜନାର କିଛି ଅର୍ଥନାହିଁ ବୋଲି କହିଲେ ଭୁଲ ହୋଇନପାରେ। ଲୋକଙ୍କର କିଣିବା ସାମର୍ଥ୍ୟ ହରାଇଥିବା ବେଳେ କେବଳ କ'ଣ ଭାତ, ରୋଟି ଖାଇବ? ଡାଲି କିଲୋର ଦର ୧୨୦ ଟଙ୍କା ଉପରେ ରହିଥିବା ବେଳେ ରିଫାଇନ୍ ତେଲର ଲିଟର ପିଛା ୧୮୦ ଟଙ୍କାରେ ପହଁଚିଲାଣି। ଶୋରିଷ ତେଲର ଦାମ ୨୧୦ ଟଙ୍କା ରହିଛି । ଲୁଣ କିଲୋ ୨୦ଟଙ୍କା। ଏବେ ଯେପରି ପେଟ୍ରୋଲ, ଡିଜେଲର ଦୈନନ୍ଦିନ ମୂଲ୍ୟ ବଢିଚାଲିଛି, ପରିବହନ ଜନିତ ବ୍ୟୟ ଭାର ଯୋଗୁଁ ଅତ୍ୟାବଶ୍ୟକୀୟ ଖାଦ୍ୟ ସାମଗ୍ରୀର ମୂଲ୍ୟ ଆଗକୁ ଆହୁରି ବଢିବା ସମ୍ଭାବନାକୁ ଏଡାଇ ଦିଆଯାଇନପାରେ। ତେଣୁ ଗରିବ, ଦିନ ମଜୁରିଆ, ରୋଜଗାର ହରାଇଥିବା ତଥା ଏନଏଫଏସଏ ପରିସରଭୁକ୍ତ ହିତାଧିକାରୀଙ୍କୁ ଆର୍ଥୀକ ସହାୟତା ପ୍ରଦାନର ଆବଶ୍ୟକୀୟତା ରହିଛି। ଯାହାକି ତେଲ, ଲୁଣ କିଣିବାରେ ସେମାନଙ୍କୁ ସହାୟତା କରିବ। କେନ୍ଦ୍ର ସରକାର ଏହା ଉପରେ ଗୁରୁତ୍ୱର ସହକାରେ ବିଚାର କରି ତୁରନ୍ତ ପଦକ୍ଷେପ ନେବେ ବୋଲି ଆଶା କରୁ। ସରକାରୀ କର୍ମଚାରୀଙ୍କୁ ମହଙ୍ଗା ଭତା ପରି ଦେଶର ୮୦ କୋଟି ଲୋକଙ୍କ ପାଇଁ ଏଭଳି ସହାୟତାର ଜରୁରୀ ଆବଶ୍ୟକତା ରହିଛି। ଉଲ୍ଲେଖଯୋଗ୍ୟ ଯେ, ନିକଟରେ ଓଡିଶା ସରକାର ତଥା ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ରାଜ୍ୟରେ ଲକଡାଉନରେ ପ୍ରଭାବିତ ଉଠାଦୋକାନୀଙ୍କ ପାଇଁ ୨୬ କୋଟି ଟଙ୍କାର ସ୍ୱତନ୍ତ୍ର ପ୍ୟାକେଜ ଘୋଷଣା କରିଛନ୍ତି। ଯାହା ଉଠାଦୋକାନୀଙ୍କୁ ସହାୟତା କରିବ, ଏଥିରେ ସନ୍ଦେହ ନାହିଁ। ତେଣୁ କେନ୍ଦ୍ର ସରକାରଙ୍କ ମାଗଣା ଖାଦ୍ୟଶସ୍ୟ ବଂଟନ ଯୋଜନା ଏକ ସ୍ୱାଗତଯୋଗ୍ୟ, ସମୟୋଚିତ ପଦକ୍ଷେପ ହେଲେ ବି ଯଥେଷ୍ଟ ନୁହଁ, ଏହା କୁହାଯାଇପାରେ।



ସୌଭାଗ୍ୟ ରଂଜନ ମହାନ୍ତି(ରାଜା)

ସମ୍ମାନ ଭବନ,
ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର,
ରୋଡ ନଂ-୩, ଶିଶୁପାଳଗଡ,-୭୫୧୦୦୨
ମୋବାଇଲ ନଂ-୯୪୩୭୯୯୪୩୭୯

*ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ। ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉଦ୍‌ଗ୍ରୀବ। ଇ-ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ।*

**E-mail: editorpbkc@gmail.com**
**9853400829 (M), Fax: 0674-2550504**

# କେମିତି ଚାଲିଛି ମୂଲ୍ୟାୟନ

ପୃଥିବୀ ପୃଷ୍ଠରେ ଯଦି କିଏ ଆଜି ତାଣ୍ଡବ ରଚୁଛି, ସେ ହେଉଛି ଆଜିର ଦାନବ ମହାମାରୀ କରୋନା। ଯଦି ଏହି ମହାମାରୀ ସବୁଠାରୁ ବେଶୀ କେଉଁ କ୍ଷେତ୍ରକୁ ପ୍ରଭାବିତ କରିଥାଏ, ତେବେ ତହା ହେଉଛି ଶିକ୍ଷା ବ୍ୟବସ୍ଥା ଅଥବା ଶିକ୍ଷା ପ୍ରଣାଳୀ। ଦୀର୍ଘ ଦୁଇ ବର୍ଷ ହେବାକୁ ବସିଲାଣି, କିନ୍ତୁ ବିଦ୍ୟାଳୟଠାରୁ ଆରମ୍ଭ କରି ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ, ସବୁକିଛି ବନ୍ଦ ହୋଇ ପଡ଼ିରହିଛି, କେବଳ ବଡ଼ ବଡ଼ ତାଲାମାନ ଝୁଲୁଛି। ଶ୍ରେଣୀଗୃହ ପରିସରରେ ବିଦ୍ୟାର୍ଥୀ ମାନେ ଶିକ୍ଷା ଗ୍ରହଣ କରିବା ପରିବେର୍ତ୍ତ ଅନ୍‌ଲାଇନ୍ ଶିକ୍ଷାରେ ନିର୍ଭର କରି ପାଠ ପଢୁଛନ୍ତି ସତ, କିନ୍ତୁ ଆମର ଦଶମ ଶ୍ରେଣୀଠାରୁ ନେଇ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଭାରତ ସରକାରଙ୍କ ନିର୍ଦ୍ଦେଶକ୍ରମେ ବାତିଲ୍ କରିଦିଆଯାଇଛି, ଆମ ଶିକ୍ଷାବ୍ୟବସ୍ଥା ଏତେ ଦୁର୍ବଳଯେ ନିର୍ଣ୍ଣାୟକ ପରୀକ୍ଷା ନହୋଇ ମଧ୍ୟ ଛାତ୍ରଛାତ୍ରୀମାନେ କୃତକାର୍ଯ୍ୟ ହେବେ। ଯଦି ଏହାର ବିକଳ୍ପ ବ୍ୟବସ୍ଥା ଭାବେ ସରକାର ଯଦି ଚାହିଁଥାନ୍ତେ, ତେବେ ଶ୍ରେଣୀ ଗୃହରେ ପରୀକ୍ଷା କରାଯାଇ ପାରିଥାଆନ୍ତା, କାରଣ ଯଦି ପଚିଶ ଭାଗ କର୍ମଚାରୀଙ୍କୁ ନେଇ ସରକାରୀ ଦପ୍ତର ଚାଲି ପାରୁଛି, ତେଣୁ ପରୀକ୍ଷା କରାଇବାରେ ଅସୁବିଧା କେଉଁଠି ରହିଲା? ଯୁଗ୍ମ ଅଯୁଗ୍ମ ପଦ୍ଧତିରେ ମଧ୍ୟ ମୁହଁରେ ମାସ୍କ ଲଗେଇ ସରକାରୀ ଆଦେଶ ଅନୁସାରେ ସାମାଜିକ ଦୂରତା ରକ୍ଷାକରି ମଧ୍ୟ ଆୟୋଜନ କରାଯାଇ ପାରିଥାଆନ୍ତା, ଯାହା ତର୍କ ସାପେକ୍ଷ। ଏକ ନିର୍ଦ୍ଦିଷ୍ଟ ପଦ୍ଧତିରେ ମୂଲ୍ୟାୟନ କରି ଉତୀର୍ଣ୍ଣ ହେବାଦ୍ୱାରା ପରୀକ୍ଷାର୍ଥୀଙ୍କ ଭବିଷ୍ୟତ ଅନ୍ଧକାରମୟ ଛଡ଼ା ଆଉ କିଛି ବି ନୁହେଁ, କାରଣ ଯଦି ସଠିକ୍‌ଭାବେ ପରିଗଣନା କରି, ମେଧବୀ ଛାତ୍ର ଛାତ୍ରୀଙ୍କର ମୂଲ୍ୟାୟନ ହୋଇପାରିବ ନାହିଁ, ପୁର୍ବ ବର୍ଷ ଅଥବା ନୀଚ ଶ୍ରେଣୀର ଫଳାଫଳ ଆଧାରରେ ମୂଲ୍ୟାୟନ କରିବା ଆଦୌ ସମୀଚିନ ନୁହେଁ। ଏଥିରୁ ଅନେକ ତ୍ରୁଟି ବାହାରିବା ନିସନ୍ଦେହ ଯାହା ଶିକ୍ଷା ଅବ୍ୟବସ୍ଥାକୁ ପଦାରେ ପକାଇବା ଛଡ଼ା ଆଉ କିଛି ଉପାୟ ନାହିଁ। ଆମ ଭାରତ ସରକାର ପ୍ରଥମେ ସିବିଏସ୍‌ସି ଦଶମ ପରୀକ୍ଷା ବାତିଲ୍ କଲେ। ଏହାପରେ ଦ୍ୱାଦଶ ଶ୍ରେଣୀ ତାପରେ ଆଇସିଏସ୍‌ସି ଏବଂ ତାପରେ କେନ୍ଦ୍ର ସରକାରଙ୍କ ପଥ ଅନୁସରଣ କରି ରାଜ୍ୟ ସରକାର ମଧ୍ୟ ରାଜ୍ୟର ଦଶମ ଏବଂ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ବାତିଲ୍ କଲେ। କିଂ ଥରେ କେହି ବି ଚିନ୍ତା କରିଛନ୍ତି କି ଉଜ୍ଜ୍ୱଳ ଭବିଷ୍ୟତ ଆଡ଼କୁ ଗତି କରୁଥିବା ପରୀକ୍ଷାର୍ଥୀ ମାନଙ୍କ ଦିଗ କୁଆଡ଼େ? ବିକଳ୍ପ ପନ୍ଥା ଭାବେ ପ୍ରତ୍ୟେକ ବିକଳ୍ପ ଦିବସରରେ ସ୍ୱଳ୍ପ ଛାତ୍ରଛାତ୍ରୀଙ୍କୁ ନେଇ ସରକାରୀ ନିୟମ ଅନୁସାରେ ପରୀକ୍ଷା ହୋଇପାରିଥାଆନ୍ତା, କିନ୍ତୁ ବିଡ଼ମ୍ବନାର ବିଷୟ ଯେ ଏବେ ଆଉ ବିଚାର ବିମର୍ଷ କରିବା ପାଇଁ ସମୟ ନାହିଁ। ଆମେ ସମସ୍ତେ ଆଜି ଏକ କଠିନ ସମୟରେ ଉପନୀତ। ଶିକ୍ଷକ, ଶିକ୍ଷୟତ୍ରୀ ସଠିକ୍ ଭାବେ କିଭଳି ମୂଲ୍ୟାୟନ କରିବେ ତାହା ଏକ ବିରାଟ ପ୍ରଶ୍ନବାଚୀ, କାରଣ ଗୋଟେ ଶତାବ୍ଦୀରେ ଏହା ପ୍ରଥମ ଘଟଣା ଯାହା ଏକ ଅଲୋଡ଼ା ଇତିହାସ। ଯଦି ଏହାହିଁ ବର୍ତମାନ ପରିସ୍ଥିତିରେ ଏକମାତ୍ର ବିକଳ୍ପ ତେବେ ଉଚ୍ଚଶିକ୍ଷା ଅଭିଳାଷୀ କିମ୍ବା ମେଧାବୀ ମାନଙ୍କ ପାଇଁ ଏହା ପରୀକ୍ଷାର ବେଳ। ଅଭିଭାବକମାନଙ୍କ ପାଇଁ କଠିନ ଘଡ଼ିର ବେଳ, ସରକାର ଏବଂ ସମାଜ ପାଇଁ ଏକ ସତର୍କ ଆହ୍ୱାନ। ବିନା ପରୀକ୍ଷାରେ ଶିକ୍ଷାର୍ଥୀମାନେ ଉତୀର୍ଣ୍ଣ ହୋଇଯିବେ ସତ କିଂ ମାନସିକ ସ୍ତରରେ ଦୁର୍ବଳ ହେବା ମଧ୍ୟ ତାହାଠୁ ଆହୁରି ବଡ଼ ସତ୍ୟ କାହିଁକି ନା ଏବେ ଗ୍ରୀଷ୍ମ ଅବକାଶ ସମୟ ସହିତ ମହାମାରୀ ସମୟ, ତା ସତ୍ତ୍ୱେ ମଧ୍ୟ ବିକଳ୍ପ ଉପାୟରେ ସକାଳ ସମୟରେ ପରୀକ୍ଷା ହୋଇପାରିଥାନ୍ତା। ପରୀକ୍ଷାକେନ୍ଦ୍ର ଗୁଡ଼ିକୁ ସଂପୂର୍ଣ୍ଣ ଭାବେ ବିଶୋଧନ କରି ମାସ୍କ ବ୍ୟବହାର କରି ସାମାଜିକ ଦୂରତ୍ୱ ବଜାୟ ରଖି ପ୍ରତ୍ୟେକ ବିକଳ୍ପ ଦିବସରେ ଛାତ୍ରଛାତ୍ରୀ ମାନେ ପରୀକ୍ଷା ଦେଇ କୃତକାର୍ଯ୍ୟ ହୋଇପାରି ଥାଆନ୍ତେ ଏବଂ ଫଳାଫଳରେ ଉତୀର୍ଣ୍ଣ ଛାତ୍ରଛାତ୍ରୀମାନେ ଉଚ୍ଚଶିକ୍ଷା ଗ୍ରହଣ ପାଇଁ ଆବେଦନ କରିପାରନ୍ତେ। ଫଳରେ ଆଗାମୀ ଉତୀର୍ଣ୍ଣ ଶ୍ରେଣୀ ଅନ୍‌ଲାଇନ୍ ମାଧ୍ୟମରେ ଶିକ୍ଷାଗ୍ରହଣ କରନ୍ତେ ଯାହାକି ଗୋଟେ ଶିକ୍ଷାବର୍ଷ ନଷ୍ଟ ହେବାରୁ ବର୍ତିପାରନ୍ତା। ତେଣୁ ବିକଳ୍ପ ମୂଲ୍ୟାୟନ କେତେ ସଫଳ ହେବ ତାହା କେବଳ ଭବିଷ୍ୟତ କହିବ। ସମୟକୁ ଅପେକ୍ଷା କରିବା ଛଡ଼ା ଆମହାତରେ ଆଉ କୌଣସି ବିକଳ୍ପ ନାହିଁ। ବାସ୍ତବ ରୂପରେଖକୁ ଯଦି ନଜର ପକାଇବା ତାହାହେଲେ ଅନ୍ଧାରରେ ବାଡ଼ି ବୁଲାଇବା ସଦୃଶ ହେବ କାରଣ କାହାରବି ତିଳେମାତ୍ର ଅଭିଜ୍ଞତା ନାହିଁ, ନା ସରକାରଙ୍କର ନା ଅଭିଭାବକ ମହଲର, ନା ଛାତ୍ରଛାତ୍ରୀଙ୍କର କାରଣ ବିଗତ ଶହେ ବର୍ଷ ମଧ୍ୟରେ ପରୀକ୍ଷା ନଦେଇ ଶ୍ରେଣୀ ଉତୀର୍ଣ୍ଣ ହେବା କଥା କେହି ଜ୍ଞାନ ଉଠିବା ଦିନରୁ ଶୁଣି ନଥିଲେ କି ଦେଖିନଥିଲେ, ଯେପରିକି ଅଜାଗା ଘା' ଦେଖି ହୁଏନି କି ଦେଖେଇ ହୁଏନି। ସତରେ କ'ଣ ବିନା ପରିଶ୍ରମରେ ଆମେ ପରୀକ୍ଷାରେ ଉତୀର୍ଣ୍ଣ ହୋଇପାରିବା? ଶ୍ରେଣୀଗୃହରେ କ୍ଲାସ ନକରି, ଖସଡ଼ା ନପଢ଼ି ଉତୀର୍ଣ୍ଣ ହେବା ଶୁଣିବାକୁ ଆଶ୍ଚର୍ଯ୍ୟ ଲାଗିଲେ ବି ଆଜି ଏହା ସତ୍ୟରେ ପରିଣତ ହେବାକୁ ଯାଉଛି ଯାହା ନିର'ର ପ୍ରୟାସରେ ଯବନିକା ଘଟିବାକୁ ଯାଉଛି, ନିଷ୍ପତି କାହାର? ବିଚାର କିଏ କରିବ? ଦଶମ ଏବଂ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କ କ୍ୟାରିଅର ପାଇଁ ଘାଟି ସଦୃଶ। ଯାହା ମେରୁଦଣ୍ଡ। ଯଦି ଭବିଷ୍ୟତକୁ ବଦଳାଇବା ଅସମ୍ଭବ, ଯାହାକୁ ସର୍ବନାଶ ପରିପନ୍ଥୀ ଛଡ଼ା ଆଉ କିଛି କୁହାଯାଇ ପାରିବ ନାହିଁ। ତେଣୁ ଏବେଠାରୁ କୋମଳମତି ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ଅନ୍ଧାରକୁ ଠେଲିବାର କିଛି ଅଭିପ୍ରାୟ ନାହିଁ। ବିନା ଶ୍ରେଣୀ କକ୍ଷରେ ପାଠ ପଢ଼ିବାର ଯେମିତି ଅନୁଭୂତି ତାହା କେବେ ଘରେ ବସି ଡ଼ିଜିଟାଲ ମାଧ୍ୟମରେ କେବେବି ସମ୍ଭବ ନୁହେଁ। କାହିଁକି ନା ବିଭିନ୍ନ ସୁନାମଧନ୍ୟ ଅନୁଷ୍ଠାନରେ ପଢ଼ିବା କାଠିକର ବିଷୟ। ତେବେ ସର୍ବଭାରତୀୟ ସ୍ତରର ପରୀକ୍ଷା ପାଇଁ ଆମ ପିଲା ପ୍ରସ୍ତୁତି କିଭଳି କରିବେ? ଉହାମାରୀ ତାଲାବନ୍ଦ ସମୟରେ ସବୁ ପ୍ରଶିକ୍ଷଣ ସଂସ୍ଥାରେ ତାଲା ପଡ଼ିଛି। ଯେଉଁଥିପାଇଁ ପୂରାଦମ୍‌ରେ ଛାତ୍ରଛାତ୍ରୀମାନେ ପ୍ରସ୍ତୁତି ଚଳାଇଥାଆନ୍ତି, ଘରେ ବସିତାହା କେବେ ଜ୍ଞାନବର୍ଦ୍ଧକ ସଦୃଶ ହୋଇନଥାଏ। ଏମ୍ସ, ଆଇଆଇଟି ଭଳି ସର୍ବଭାରତୀୟ ସ୍ତରୀୟ ପ୍ରତିଯୋଗିତା ମୂଳକ ପରୀକ୍ଷା ମାଧ୍ୟମରେ ସିଟ୍ ମଳୁଥିବା ସଂସ୍ଥାରେ ଅଫ୍‌ଲାଇନ୍ ପରୀକ୍ଷା ଆୟୋଜନ ନକରି କେବଳ ବିନା ପରୀକ୍ଷାରେ ଉତୀର୍ଣ୍ଣ ହେଲେ ସୁଦ୍ଧା ଛାତ୍ରଛାତ୍ରୀଙ୍କ ମାନସିକ ଦୁର୍ବଳତା ସର୍ବଦା ବଜାୟ ରହିଥାଏ, ଯାହା ଫଳରେ ସେମାନେ ଆଗାମୀ ଭବିଷ୍ୟତରେ ସଂପୂର୍ଣ୍ଣ ରୂପେ ନିରାଶ ହେବେ। କାହିଁକି ନା ଆଜିର ପରିବର୍ତିତ ମୂଲ୍ୟାୟନ ପଦ୍ଧତିରେ ସମାନ୍ତରାଳ ଅଭାବ ପରିଲକ୍ଷିତ ହେବ ଯାହାଫଳରେ ଶିକ୍ଷା ବ୍ୟବସ୍ଥାର ସଂକଟ ପରିସ୍ଥିତିରୁ ମୁକୁଳିବା ଅସମ୍ଭବ ହେବ। ଖାଲି ଆମ ରାଜ୍ୟ ନୁହେଁ, ଏହା ସମଗ୍ର ଭାରତବର୍ଷର ଶିକ୍ଷାବ୍ୟବସ୍ଥା ପାଇଁ ଶୁଭଙ୍କର ନୁହେଁ। କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ସହ ବିଭିନ୍ନ ରାଜ୍ୟର ଶିକ୍ଷାମନ୍ତ୍ରୀମାନେ ଆଲୋଚନା କରି ସମାଧାନର ରାସ୍ତା ତିଆରି ହୋଇପାର'।। ବର୍ତମାନ ପରିସ୍ଥିତିରେ ଅନୁଧାନ ହେଲେ ଜଣାଯିବଯେ ଏହା କେବଳ ଅସ୍ଥାୟୀ ସମାଧାନ ଛଡ଼ା ଆଉକିଛି ନୁହେଁ। ଯଦି ଆଇନ୍ ଶିକ୍ଷାକୁ ନଜର କରିବା ତେବେ ଛାତ୍ର ଛାତ୍ରୀଙ୍କର ଆହୁରି ଭୟଙ୍କର ପରିସ୍ଥିତି ଉପୁଜିବାର କାରଣ ଯେତିକି ଆଇନ୍ ଭାଷା ଅଛି ତାହାକୁ ମଧ୍ୟ ପ୍ରତିଯୋଗିତା କିରିକି ବିଜେତା ହେବା ସମ୍ଭବ ନୁହେଁ। ବାଙ୍ଗାଲୋର ଭଳି ସହରରେ ପ୍ରଖ୍ୟାତ ଅନୁଷ୍ଠାନ ଏନ୍ ଏଲ୍ ୟୁରେ ସିଟ୍ ଟି ପାଇବା ଏହି ମୂଲ୍ୟାୟନ ବ୍ୟବସ୍ଥା ପାଇଁ ଏକ ଦୁରୁହ ବ୍ୟାପାର ହୋଇଯିବ। ମହାମାରୀ ତାଣ୍ଡବ ରଚୁଥିବାବେଳେ ସରକାରୀ ସ୍ତରର ଏହି ନିର୍ଣ୍ଣୟ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ପାଇଁ କେତେ ସହାୟକ ହେବ ତାହା ସମୟ କହିବ। ଯଦି ଏହିଭଳି ପ୍ରକ୍ରିୟା ଆଗାମୀ ଦିନରେ ବଜାୟ ରୁହେ, ତେବେ ଧୁଆ ମୂଳା, ଅଧୁଆ ମୂଳା ସବୁ ସମାନ ହୋଇଯିବେ।



ସୁନୀଲ କୁମାର ପାଟ୍ଟଶାଣି

ହାଉସ୍ ନଂ - ୭,
ମନ୍ଦାକିନୀ କମ୍ପ୍ଲେକ୍ସ
ଭୁବନେଶ୍ୱର - ୩୦

# ବରୁଣେଇର ଐତିହ୍ୟ ଓ ସଂସ୍କୃତି

ଓଡିଶାର ଶେଷ ସ୍ୱାଧୀନ ଦୁର୍ଗ ତଥା ପୂର୍ବ ରାଜଧାନୀ ରୂପେ ପ୍ରସିଦ୍ଧ ଖୋର୍ଦ୍ଧା ହେଉଛି ଓଡିଶାର ହୃତପିଣ୍ଡ। ଅତିତରେ ଖୋର୍ଦ୍ଧା ମୁଲକକୁ ଓଡିଶା କୁହାଯାଉଥିଲା। ଖୋର୍ଦ୍ଧା ସହରର ଉପକଣ୍ଠରେ ଅବସ୍ଥିତ ବରୁଣେଇ ଖୋର୍ଦ୍ଧା ଜିଲ୍ଲାର ଗର୍ବ ଓ ଗୌରବ ସହ କଳା ଓ ସଂସ୍କୃତି ତଥା ଐତିହାସିକ କିମ୍ବଦନ୍ତୀ କୁ ବହନ କରିଥାଏ। ଏହାର ପାଦ ଦେଶରେ ପାଇକମାନଙ୍କ ନେତୃତ୍ୱରେ ସ୍ୱାଧୀନତା ପାଇଁ ପ୍ରଥମ ସଶସ୍ତ୍ର ଗଣବିପ୍ଳବ ଜାଗି ଉଠିଥିଲା। ୧୮୨୭ ରେ ତାପଙ୍ଗ ଦଳବେହେରାଙ୍କ ଇଂରେଜ ବିରୁଦ୍ଧରେ ସଂଗ୍ରାମ ଓ ୧୮୩୬ ରେ କୃତିବାସ ପାଟ୍ଟଶାଣୀଙ୍କ ନେତୃତ୍ୱରେ ବାଣପପୁର ବିଦ୍ରୋହ ଇଂରେଜ ମାନଙ୍କ ନିଦ ହଜାଇ ଦେଇଥିଲା। ଯଦି ଖୋର୍ଦ୍ଧା ରାଜ୍ୟ ସୃଷ୍ଟି ହୋଇ ଖୋର୍ଦ୍ଧା ଦୁର୍ଗ ପ୍ରତିଷ୍ଠା ହୋଇନଥାନ୍ତା, ତେବେ ଭାରତର ପୂର୍ବ ଉପକୂଳ ବଙ୍ଗରୁ ଆନ୍ଧ୍ର-ଢାକାରୁ ହାଇଦ୍ରାବାଦ ପର୍ଯ୍ୟନ୍ତ ମୋଗଲ କବଳରେ କବଳିତ ହୋଇ ଲାଲ ହୋଇଯାଇଥାନ୍ତା। ମା ବରୁଣାଇ ଥିଲେ ଖୋର୍ଦ୍ଧା ରାଜାଙ୍କର ଇଷ୍ଟ ଦେବୀ ତଥା ଯୁଦ୍ଧଦେବୀ। ଶତ୍ରୁଙ୍କୁ ପ୍ରତିହତ କରିବାରେ ମା ବରୁଣାଇ ସଦାସର୍ବଦା ସହାୟ ହେଉଥିଲେ। ସୃଷ୍ଟିର ଆରମ୍ଭ କାଳରୁ କାୟା ବିସ୍ତାର କରି ଆସିଥିବା ତ୍ରେତୟା ଓ ଦ୍ୱାପର ଯୁଗର ଶ୍ରୀରାମ ଓ ପାଣ୍ଡବଙ୍କ ମହିମାକୁ ପରିସ୍ଫୁଟ କରୁଥିବା ବରୁଣେଇ ପାହାଡ ବୁକୁରେ ଖୋର୍ଦ୍ଧାରାଜାଙ୍କ ଯୁଦ୍ଧଦେବୀ ମା' ବରୁଣେଇ ଓ ଅରୁଣେଇ ପାଇକମାନଙ୍କ ଲୋମଟାଙ୍କୁରା ଇତିହାସର ସ୍ମୃତି ଜନ ମାନସରେ ସଦା ସର୍ବଦା ଜାଗ୍ରତ କରି ଆସୁଅଛି। ଅତିତରେ 'ବାରୁଣାବତ ନଗର' ଭାବେ ପରିଚିତ ଏହି ପାହାଡଟି ଏକ ବାରଣ ବା ହସ୍ତୀ ପରି ଦୃଶ୍ୟ ହେଉଥିବାରୁ ଏହାର ଅନ୍ୟନାମ 'ବାରଣାବତ' ଅଟେ। କାଳକ୍ରମେ ଏହା ଅପଭ୍ରଂଶ ହୋଇ ବାରୁଣୀ, ବରୁଣାଇ, ବରୁଣେଇ ଆଦି ନାମରେ ଲୋକ ମୁଖରେ କଥିତ ହେଉଛି। ଏହି ପାହାଡଟିର ଦୈର୍ଘ୍ୟ ୭ କି.ମି ଓ ପ୍ରସ୍ଥ ୮୦୦ ମିଟର ଏହାର ଶରୀର କୁଣ୍ଡା ପଥରରେ ଆଚ୍ଛାଦିତ ହୋଇ ରହିଛି। ପାହାଡର ପୂର୍ବ ଭାଗରେ ଉର୍ଦ୍ଧ୍ୱଭାଗ ୭ଟି ଓ ନିମ୍ନଭାଗ ୬ ପାଟି ଥିବାବେଳେ ପଶ୍ଚିମରେ ଉର୍ଦ୍ଧ୍ୱଭାଗ ଓ ନିମ୍ନ ଭାଗର ସଂଖ୍ୟା ଯଥାକ୍ରମେ ୪ ଓ ୩। ମୋଟ ଭାଗ ୨୦ ରୁ ୧୧ଟି ଉର୍ଦ୍ଧ୍ୱଭାଗ ଓ ୯ଟି ନିମ୍ନ ଭାଗ ହୋଇ ରହିଛି। ପାହାଡଟି ଭଙ୍ଗିଳ ପର୍ବତମାଳା ଶ୍ରେଣୀର। ପାହାଡର ବିଭିନ୍ନ ଅଂଶ ଭିନ୍ନ ଭିନ୍ନ ନାମରେ ପରିଚିତ। ଏହି ପର୍ବତମାଳା ଦୂରରୁ ଶ୍ରୀ ଅକ୍ଷର ଭଳି ଦେଖାଯାଉ ଥିବାରୁ ଏହାକୁ ଅଦ୍ୟାବଧି ଜନସ୍ମୃତି 'ଶ୍ରୀ ଅକ୍ଷର ବରୁଣେଇ ପାହାଡ'ବୋଲି କହିଥାନ୍ତି। ବରୁଣେଇ ପର୍ବତର ଉତ୍ତର ଦିଗରୁ ପାଦଦେଶ ଠାରୁ ମନ୍ଦିର ପର୍ଯ୍ୟନ୍ତ ପାବଚ୍ଛମାନ ରହିଛି। ସିଧା ୮୮ ଟି ପାବଚ୍ଛ ଅତିକ୍ରମ କଲାପରେ ବାମପଟେ ୯ଟି ଓ ଦକ୍ଷିଣ ପଟେ ୧୩ ଟି ପାବଚ୍ଛ ପରେ ମା ବରୁଣେଇ , କରୁଣେଇ ଙ୍କ ମନ୍ଦିର ପଡେ। ପର୍ବତର ପାଦ ଦେଶରୁ ୩୦୪.୮ ମିଟର ଉଚ୍ଚତା ବିଶିଷ୍ଟତଥା ୪୫.୭୨ ମିଟର ବା ୧୫୦ ଫୁଟ ଉଚ୍ଚତାରେ ମନ୍ଦିର ଅବସ୍ଥିତ। ୧୯୭୪ ମସିହାରୁ ମନ୍ଦିରକୁ ଯିବା ବାଟର ଦକ୍ଷିଣ ପାର୍ଶ୍ୱରେ ଏକ ଡାକବଙ୍ଗଳା ରହିଛି। ପର୍ବତର ଅଭ୍ୟନ୍ତରରୁ ଏକ ଚିରସ୍ରୋତା ଝରଣା ଦେବୀଙ୍କ ନାଭିସ୍ଥଳ ଦେଇ ପାଦ ତଳକୁ ବହିଯାଉଛି। ଯାହା ଆଜି 'ଅଦଲ କୁଣ୍ଡ' ନାମରେ ପରିଚିତ। ଏହି ମନ୍ଦିରରେ ମା 'ବରୁଣେଇ କରୁଣେଇ' ଭଗ୍ନୀଦ୍ୱୟ କଳାମୁଗୁନି ପଥରରେ ନିର୍ମିତ ଧଳା ଓ କଳା ଶାଢି ପରିଧାନ ପୂର୍ବକ ପ୍ରତିଷ୍ଠିତ। ଦୁଇ ପ୍ରସ୍ତର ମୂର୍ତ୍ତିର ଉଚ୍ଚତା ୧୮ ଇଂଚ। ଯାହା କିମ୍ବଦନ୍ତୀ କହେ ଗଜପତି ପୁରୁଷୋତ୍ତମ ଦେବ କାଂଚି ଅଭିଯାନ ସମୟରେ ବିଜୟନଗର ରାଜ୍ୟରୁ ଏହି ମୂର୍ତ୍ତି ବିଜୟ ସନ୍ତକ ଭାବେ ଆଣିଥିଲେ। ଇତିହାସ ତଥ୍ୟ ଆଧାରରେ ଏହି ମୂର୍ତ୍ତିର ନିର୍ମାଣ କାଳ ପଂଚଦଶ ଶତାବ୍ଦୀ। ଏହି ବରୁଣେଇ ପୀଠରେ ପାଳିତ ବିଭିନ୍ନ ପର୍ବ ପର୍ବାଣି ମରେ ରଜ ଓ ଦଶହରା ପ୍ରଧାନ। ଏହି ଦୁଇ ପର୍ବ ପ୍ରତିବର୍ଷ ମହାସମାରୋହରେ ଏଠାରେ ପାଳିତ ହୋଇଥାଏ। କେବଳ ଯେ ଖୋର୍ଦ୍ଧା ତାହାନୁହେଁ ଏହାର ଆଖ ପାଖ ତଥା ବହୁ ଦୂର ଦୂରାନ୍ତରୁ ଆବାଳ ବୃଦ୍ଧ ବନିତା ରଜ ସମୟରେ ଏଠାକୁ ଆସିଥାନ୍ତି। ଏହି ଦେବୀଙ୍କ ପାଖରେ ଲାଗି ହେଉଥିବା ଭୋଗର ଏକ ବିଶେଷତ୍ୱ ଅଛି। ପଣଷପତ୍ର ଠୋଲାରେ ଅରୁଆ ଚାଉଳ ପ୍ରସ୍ତୁତ କରି ଓ ପୁରଦିଆ ଏଣ୍ଡୁରି ପିଠା ଭୋଗ ଓଡିଶାର ଅନ୍ୟ କୌଣସି ମନ୍ଦିରରେ ଲାଗି କରା ଯାଇନଥାଏ। ମନ୍ଦିରର ସମୀପରେ ଦେବୀ କନକ ଦୁର୍ଗା, ହନୁମାନ ଓ ମହାଦେବ ମନ୍ଦିର ମ୍ଧ ଅବସ୍ଥିତ। ମନ୍ଦିରର ପାଦ ଦେଶରେ ଦୁଧଖାଇ ଠାକୁରାଣୀ ଙ୍କ ଆସ୍ଥାନ ରହିଛି। ରଜ ସମୟରେ ତିନିଦିନ ଧରି ଏକ ବଡମେଳା ଏଠାରେ ଅନୁଷ୍ଠିତ ହୋଇଥାଏ। ଏହି ମେଳାର ମୁଖ୍ୟ ଆକର୍ଷଣ ହେଉଛି ଠେକାମୁଆଁ। ଏହି ଠେକାମୁଆଁ ବାଣପୁରର ମା ଭଗବତୀଙ୍କ ପୀଠରେ ଲାଗି ହେଉଥିବା ଗଜାମୁଆଁ ପରି ପ୍ରସିଦ୍ଧି। ବରୁଣେଇର ପାଦ ଦେଶରେ ପାଇକମାନଙ୍କ ସ୍ମୃତିରକ୍ଷା ପାଇଁ ସ୍ଥାପିତ ହୋଇଛି ଶହୀଦ ସ୍ତମ୍ଭ। ମା ବରୁଣେଇ ଙ୍କ କୃପାଲାଭ ପାଇ ପାଇକ ବୀରମାନେ ଯୁଦ୍ଧରେ ଆଗେଇ ଯାଉଥିଲେ। ଏହି ବୀରମାନଙ୍କର ଗାଥାକୁ ମନେପକାଇ କବି କୃଷ୍ଣଚନ୍ଦ୍ର ତ୍ରିପାଠୀ 'ଲାଲ ମାଟିର ଖାର୍ଦ୍ଧାଗଡ' କବିତାରେ ଲେଖିଛନ୍ତି:- "ଏଇ ଯେ ଦିଶୁଛି ଲାଲ ମାଟିର ଖୋର୍ଦ୍ଧାଗଡ, ବରୁଣୀ ପାହାଡ ତଳେ ତଳେ ରହିଛି କେବଳ ପଡିଆ ବଡ। ଆସ କଳ୍ପନା ସୁଦୂରର ଅତୀତୁ ଆସ ହେ ଆସ, ଜାତି ନିଶ୍ୱାସ ବହୁ ଥିଲା ଏଥି ବୀର ଗଉରବେ ବରଷ ମାସ।"

ଏହି ବରୁଣେଇ ପାହାଡରେ ରହିଛି ଐତିହାସିକ ଖୋର୍ଦ୍ଧାଗଡ ଓ ଅନେକ ଦର୍ଶନୀୟ ସ୍ଥାନ। ପାହାଡ ଉପରେ ରହିଛି ପାଣ୍ଡବ ଗୁମ୍ଫା ବା ପାଣ୍ଡବ ଗୁହା। ଏହାକୁ ଅନେକେ ପାଣ୍ଡବ ହରା ମ୍ଭ କହିଥାନ୍ତି। ପାଣ୍ଡବ ଓ କୌରବ ମ୍ଭରେ ହୋଇଥିବା ପଶାଖେଳରେ ପାଣ୍ଡବମାନେ ହାରିଯାଇଥିବାରୁ ଏହା 'ପାଣ୍ଡବ ହରା' ନାମରେ ପ୍ରସିଦ୍ଧ। ପାହାଡ ଉପରେ ରହିଛି ଶ୍ରୀରାମ ପଥର , ସୀତାକୁଣ୍ଡ, ଓ ଦିଗବାରିଣୀ। କବିଙ୍କ ଭାଷାରେ :-" ଅତୀତ ଗୌରବ ମୂକ ସାକ୍ଷୀ ହୋଇ, ଖୋରଧାର ବୁକେ ଉଭା ବରୁଣେଇ। ପାଇକ ପୁଅଙ୍କ ରଣ ହୁଙ୍କାର , ପ୍ରତିଧ୍ୱନି ତୋଳେ ଗିରି ଗହ୍ୱର। ଏତ ବୀର ଶହୀଦଙ୍କ ତୀର୍ଥ ଭୂଇଁ , ଫୁଲି ଉଠେ ଛାତି ମାଟି ଦେଲେ ଛୁଇଁ"। ଆଜିର ଏହି ମହାମାରୀ କରୋନା ଛଡାଇ ନେଇଛି ସମସ୍ତ ପରମ୍ପରାକୁ। ତଥାପି ଜନ ମାନସରେ ଏହାର ଇତିହାସ ବିଜଡିତ କିମ୍ବଦନ୍ତୀ ଓ ପରମ୍ପରା ବଂଚିରହିଛି ଆଉ ରହିଥିବ।



ଉମା ଶଙ୍କର ପ୍ରସାଦ

ଉମା ଶଙ୍କର ପ୍ରସାଦ, ଖୋର୍ଦ୍ଧା
ମୋ - ୬୩୭୦୬୭୫୫୬୨

# ଜାଣେ ମୁଁ ମଧ୍ୟ ଦିନେ ମରିବି ! ମରିବା ପୂର୍ବରୁ ଯାହା ଇଛା କରିବି ?

ଅଶିକ୍ଷାର ଚରମ ସୀମାରେ ରହିଥିବା ଜଣେ ମଣିଷ ମଧ୍ୟ ଜନ୍ମର ଆନନ୍ଦ ଓ ମୃତ୍ୟୁର ବିଭୀଷିକା ମଧ୍ୟରେ ପ୍ରଭେଦ ଜାଣେ । ମୁଁ ମଧ୍ୟ ଦିନେ ମାରିବି। କିଂ ଏବେ ନୁହେଁ, କି କେବେ ମୋତେ ଜଣା ନାହିଁ। ସିଏ ମରିଗଲା, ତାହାର ସମୟ ସରିଗଲା । ମୋର ସମୟ ସରିଗଲେ ମୁଁ ମଧ୍ୟ ମାରିବି । କିଂ ମରିବା ପୂର୍ବରୁ ଯାହା ଇଛା କରିବି ! ମରିଯିବା ପରେ ଏହି ଜନ୍ମର ସମସ୍ତ ପାପକୁ ଛାଡ଼ି ପୁଣ୍ୟ, ଗୁଣ, ଧର୍ମ, ଜ୍ଞାନ ନେଇ ଅନ୍ୟତ୍ର ଜନ୍ମ ହେବି କୌଣସି ଅନ୍ୟ ଏକ ସ୍ଥାନରେ ଯାହା ନିରାକାରଙ୍କ ଇଛା ! କିଂ ଏହି ଜନ୍ମର ବନ୍ଧନ ମୁକ୍ତ ହୋଇ ନୂତନ ସଂସାର ଗଠନ କଲେ ମଧ୍ୟ ଏହି ଜନ୍ମରେ ବାଂଟିଥିବା ସମ୍ପର୍କ ଅନୁଯାୟୀ ନୂତନ ସମ୍ପର୍କ ସୃଷ୍ଟି ହେବ ଯାହା ସେହି ନିରାକାର ପରମାତ୍ମାଙ୍କ ଆଦେଶ ହେବ ! ଏହି ବିଚ୍ଛରଧାରାରେ ବଂଚୁଥିବା ମଣିଷଙ୍କ ମାପ ୯୯.୯୯ ପ୍ରତିଶତ ହେବ ଅନୁସନ୍ଧାନ କରାଗଲେ । ଏହିଭଳି ଭାବଧାରା ମଣିଷ ମନରେ ସୃଷ୍ଟି ହେବାର ରହସ୍ୟ କିଛି ଭିନ୍ନ। ଅଧିକଂ ଏହିଭଳି ବିଚ୍ଛର ମନରେ ଜାଗ୍ରତ କରାଇ ସାଧାରଣ ମଣିଷଙ୍କୁ ଯଥେଷ୍ଟ ମାତ୍ରାରେ ଶିକ୍ଷା ବାଣ୍ଟୁଥିବା ନିର୍ବୋଧଙ୍କ ସଂଖ୍ୟା ମଧ୍ୟ କିଛି କମ୍ ନୁହେଁ ଆମ ସମାଜରେ ! ନିଜେ ନିଜକୁ ପଚ୍ଛରି ବୁଝିଲେ ଜାଣିହେବଯେ କୌଣସି ସତ୍ୟକୁ ଗ୍ରହଣ କରିବା ଅପେକ୍ଷା ମିଥ୍ୟକୁ ଗ୍ରହଣ କରିବା ଅତି ଚଂଚଳ ହୋଇଥାଏ ସାଧାରଣ ଲୋକଙ୍କ ପାଖରେ । ହେଲେ ଏହି ଉପଦେଶ ଦେଉଥିବା ମଣିଷ କ'ଣ ବାସ୍ତବରେ ଜାର୍ଣ୍ଣି ଯେ ମଣିଷ ଏହିଜନ୍ମର ଫଳାଫଳ ନେଇ ଅନ୍ୟତ୍ର ଜନ୍ମ ହେବ ? କେଉଁଠି, କିପରି ହେବ ? ଯଦି ଜାର୍ଣ୍ଣି ତାହେଲେ ସେ ନିଶ୍ଚିତ ଭାବେ ନିଜ ବିଷୟରେ ଯଥେଷ୍ଟ ଜାଣିଥିବେ ! ହେଲେ ଏହିଶିକ୍ଷା ବାଣ୍ଟୁଥିବା ମଣିଷଙ୍କ ସେହିଭଳି ଉତ୍ତର କେବେ କିଏ ପାଇଛି ? ଆଉ ସେହି ଉତ୍ତର ଅନୁଯାୟୀ ତାହାର ସତ୍ୟତା ଅନୁଭବ କେବେ ହୋଇଛି ? ଅନେକ ପ୍ରଶ୍ନ, ଯାହାର ଉତ୍ତର ସବୁ ନାହିଁ, ଏବଂ ଶୂନ୍ୟ ମଧ୍ୟରେ ପ୍ରତିଫଳିତ ! ତଥାପି ସେହି ମରୀଚିକା ଭିତରେ ପହଁରିବା ଛାଡ଼ିହେଉନାହିଁ ! ସାଧାରଣ ନିର୍ବୋଧ କୌଣସି କାରଣରୁ ସେମାନଙ୍କ ବିଭିନ୍ନ ମିଥ୍ୟା ବଚନରେ ନିମଗ୍ନ ନିଜକୁ ପ୍ରତାରିତ କରିବାରୁ ବଂଚିତ ନୁହଁନ୍ତି । ସେ ଯାହା ହେଉ, ବର୍ତ୍ତମାନ ଆମେ ଆମ ସ୍ଥିତି ବିଷୟରେ ଆଲୋଚନା କରି ଦେଖିବା ବାସ୍ତବତଃ ଆମ ଜୀବନର ପ୍ରାରମ୍ଭ ଏବଂ ଶେଷ ମଧ୍ୟରେ କ'ଣ କରୁଛେ, ଏବଂ କରାଯିବା କଥା............!!

ନିଜର ଜୀବନ ଶେଷ ହେବା ପୂର୍ବରୁ ମନରେ ଯେଉଁ ପ୍ରକାଣ୍ଡ ଅହଂଭାବ ଏବଂ ଦକ୍ଷତାପୂର୍ଣ୍ଣ ବିଶ୍ୱାସ ସୃଷ୍ଟି ହୁଏ ସେଇଥିରେ ନିଜର ମୃତ୍ୟୁକୁ ଅନିବାର୍ଯ୍ୟ ବୋଲି ଜାଣି ମଧ୍ୟ ଅଜଣାର ଅଭିନୟ କରିଚ୍ଛଲିଛି ମନ ଆମର ! କିଂ ଏହା ସତ୍ୟଯେ ମୁଁ ମଧ୍ୟ ଦିନେ ମାରିବି ! ହେଲେ ନିଜର ମୃତ୍ୟୁକୁ ମରିବା ପୂର୍ବରୁ ଦେଖି ପାରିଲେ ହୁଏତ ମଣିଷ ମନରେ ସେସବୁ ଅବା'ର ପ୍ରଶ୍ନୋତ୍ତର ସୃଷ୍ଟି ନହୋଇ ସତ୍ୟର ଅନୁସନ୍ଧାନ ହୋଇପାରିଥା''।। କିଂ ମଣିଷକୁ ସତ୍ୟର ଅନୁସନ୍ଧାନ ବିପରୀତେ ମିଥ୍ୟା କୁହେଳିକା ମଧ୍ୟରେ ଛନ୍ଦି ପ୍ରତାରିତ କରି ସ୍ୱାର୍ଥ ହାସଲ କରୁଥିବା ଚତୁରଙ୍କ ମାୟାରେ ବାୟା ହୋଇ ଜୀବନ ନଷ୍ଟ କରୁଛନ୍ତି ନିର୍ବୋଧ । କାରଣ ନିଜର ମୃତ୍ୟୁକୁ ଦେଖିପାରୁଥିବା ମଣିଷ ମନରେ କେବେହେଲେ କୌଣସି ଅସାମାଜିକ, ଅମାନବୀୟ ଚିଂନ ସୃଷ୍ଟି ହୋଇପାରିବ ନାହିଁ । ମୃତ୍ୟୁର ସତ୍ୟତାକୁ ଅନୁଭବ କରିପାରୁଥିବା ମଣିଷ କେବେହେଲେ ଅମାନବିକ ଚରିତ୍ର ପ୍ରବାହ କରିପାରିବ ନାହିଁ । କୌଣସି ସାମାଜିକ ଅନୀତି କାର୍ଯ୍ୟରେ ଲିପ୍ତ ହେବାପୂର୍ବରୁ ପ୍ରଥମେ ନିଜର ମୃତ୍ୟୁ ସମ୍ମୁଖରେ ଛିଡା ହୋଇ ଅଟହାସ୍ୟ କରି ମଣିଷର କଳୁଷିତ ଚିଂନକୁ ନଷ୍ଟ କରିଦେବ । ତେଣୁ ନିଜେ କରୁଥିବା କାର୍ଯ୍ୟରେ ସଂସ୍କୃତ, ପରିମାର୍ଜିତ ବିଚ୍ଛର ସୃଷ୍ଟି ହେବା ସୁନିଶ୍ଚିତ । ଉପସ୍ଥିତ ସମୟରେ ନିଜର ପ୍ରବାହିତ ଚରିତ୍ରକୁ ନେଇ ଯଦି ପରଜନ୍ମରେ ଆମର ଅବତରଣ ହେବାର ସମ୍ଭାବନା ଆମ ମନରେ ଜାଗ୍ରତ ହୁଏ, ଏବଂ ଏହିସବୁ ବନ୍ଧନରୁ ମୁକ୍ତ ହୋଇ ନୂତନ ସମ୍ପର୍କ ସୃଷ୍ଟି ହେବାର ସମ୍ଭାବନା ଆମ ମନରେ ସୃଷ୍ଟି ହୁଏ ତାହେଲେ ବର୍ତ୍ତମନ କରିଚ୍ଛଲିଥିବା ଅସାମାଜିକ, ଅନୈତିକ, କୁସଂସ୍କାର, ଅନୈତିକ ଆର୍ଥିକ ସଂଚୟ, ଅନ୍ୟର ଭର୍ତ୍ସନା, ଦୁର୍ନୀତିରେ ଭରପୁର କୁତ୍ସା ରଟନା ଇତ୍ୟାଦିର ଭାରାକ୍ରା' ଗଣ୍ଡିଲିକୁ ନେଇ ପର ଜନ୍ମରେ କ'ଣ ଏହାଠାରୁ ଉନ୍ନତମାନର ଜୀବନ ମିଳିବା ଆଶା କରାଯାଇପାରେ ? ନିରାକାର କେବଳ ଜଣେ ମଣିଷର ଧନ, ସମ୍ପତ୍ତି, ସାମାଜିକ ସମ୍ମାନ, କ୍ଷମତା, ଦକ୍ଷତାକୁ ନେଇ ବିଚ୍ଛର କରିବେ ପରଜନ୍ମର ସଂସ୍ଥାପନା ? ଆଉ କିଛି ଜାଣିପାରିବେ ନାହିଁ ?!! ନାଁ ! ସେ ସବୁ ଜାର୍ଣ୍ଣି ! ସେ ସବୁ ଜାର୍ଣ୍ଣି ବୋଲି ମଧ୍ୟ ଆମେ ସବୁ ଜାଣୁ ! ତାହେଲେ ଉପସ୍ଥିତ ସମୟରେ କରିଚ୍ଛଲିଥିବା ଅମାନବୀୟ, କୁସଂସ୍କାର ପଛର ରହସ୍ୟ କଣ ? ! ବିଚ୍ଛର କରିବା............!!

ଏହା ମଣିଷର ଏକ ବଂଶାନୁକ୍ରମିକ ଜିନ୍‌ଗତ, ଜନ୍ମଗତ, ଚରିତ୍ର । ଶିକ୍ଷାରେ ଶମ୍ଭୁସିତ ସାମାଜିକ ସମ୍ମାନ କିମ୍ବା ଚତୁରତାରେ ବିଚକ୍ଷଣ ମଣିଷ, ମାନବୀୟ ଚରିତ୍ର ପ୍ରବାହ କରିବାର କୌଣସି ନିଶ୍ଚିତତା ନଥାଏ । ଅମାନବୀୟ ଚରିତ୍ର, ଅମାନୁଷିକ ଆଚରଣ, ସାମାଜିକ କୁସଂସ୍କାର, ଭ୍ରଷ୍ଟାଚ୍ଛର କେବଳ ନିଜର ଜନ୍ମଗତ ସ୍ୱଭାବ ଯାହା ପରିବର୍ତ୍ତନ କରିବା ସମ୍ଭାବନା ଖୁବ କମ୍ ଥାଏ ! ତେଣୁ ସେହିଭଳି ମଣିଷଙ୍କୁ କୌଣସି ସାମାଜିକ କ୍ଷେତ୍ରରେ ନିୟୋଜିତ କରାଯିବା ବିଧେୟ ନୁହେଁ। ସେମାନେ ଜୀବନର ମାନେ କ'ଣ ଜାର୍ଣ୍ଣି ନାହିଁ, କି ଜାଣିପାରିବା ଭଳି କ୍ଷମତା ଜ୍ଞାନ ନଥାଏ ସେମାନଙ୍କର । ଶିକ୍ଷାର କୌଣସି ମୂଲ୍ୟ ନାହିଁ ମାନବୀୟ ଚ୍ଛରିତ୍ରିକ ପ୍ରବାହ କ୍ଷେତ୍ରରେ । ତେଣୁ ସାମାଜିକ ଶିର୍ଷକ୍ଷେତ୍ରର ମଣିଷ ଗୁଡିକ ବାସ୍ତବବାଦୀ ହେବା ନିତା' ଆବଶ୍ୟକ ! ଅବାସ୍ତବ କୁହେଳିକାରେ ନିଜକୁ ଜ୍ଞାନିର ପରିଚୟ ଦେଉଥିବା ମଣିଷ ଗୁଡିକ ମାୟାବୀ ଚେହେରା ମାତ୍ର ! ସେମାନେ ବୁଝନ୍ତି ନାହିଁ ମଣିଷ ଜୀବନର ମୂଲ୍ୟ କ'ଣ ? ତେଣୁ ସାମାଜିକ ଭ୍ରଷ୍ଟାଚ୍ଛରରେ ଲିପ୍ତ ଅସଂଖ୍ୟ ଅମଣିଷଙ୍କୁ ପ୍ରତ୍ୟାଖ୍ୟାନ କରି ମାନବିକ ଚରିତ୍ର ପ୍ରବାହ କରୁଥିବା ମଣିଷଙ୍କୁ ସାମାଜିକ ଦାଇତ୍ୱ ଦିଆଗଲେ ଉତ୍ତୋରତ୍ତର ଉନ୍ନତିର ସମ୍ଭାବନାକୁ ଆଶା କରାଯାଇପାରେ ବୋଲି ଆମର ବିଚ୍ଛରରେ ଆପଣଙ୍କ ମତାମତ ଦେବେବୋଲି ଆଶା........!



ପଙ୍କଜ କୁମାର ପାଣିଗ୍ରାହୀ

ସୋସିଆଲ ଫୋରମ (ଭାରତ)
ଛତ୍ରପୁର, ଗାମ.
ଦୂରଭାଷ.: ୯୪୩୭୩୨୪୯୧୭.




## ଝୁମ୍ପୁରା ବଜାରରେ କରୋନା କଟକଣାକୁ ମାନୁ ନାହାନ୍ତି: ୪ଲୁଗା ଦୋକାନ ସିଲ୍ କଲା ପ୍ରଶାସନ

ଝୁମ୍ପୁରା: ସାରା ବିଶ୍ୱବାସୀ କରୋନା ମହାମାରୀର ବଳୟ ଭିତରେ । କରୋନା ମହାମାରୀ ସଂକ୍ରମଣର ଚେନ କୁ ରୋକିବା ପାଇଁ ରାଜ୍ୟ ସରକାର ଠାରୁ ଜିଲ୍ଲା ପ୍ରଶାସନ ଘନ ଘନ ବୈଠକ କରି ସଟ୍‌ଡାଉନ ଏବଂ ଲକ୍‌ଡାଉନ କରାଯାଇ କରୋନା କଟକଣାକୁ କଡାକଡି କରାଯିବା ସହ ଲୋକମାନଙ୍କୁ ସଚେତନ ମଧ୍ୟ କରାଯାଉଛି । ସକାଳ ୭ଟାରୁ ୧୧ଟା ପର୍ଯ୍ୟନ୍ତ କେତେକ ଅତ୍ୟାବଶ୍ୟକ ଦୋକାନ ଖୋଲିବାର ନିୟମ କରାଯାଇଛି । ତେବେ କରୋନା କଟକଣା କୁ ଉଲଘଂନ କରି ଝୁମ୍ପୁରା ବଜାରରେ ଛତା,ଜୋତା, ସୁନା, ଲୁଗାପଟା, ବାସନ କୁସନ, କସମେଟିକ୍, ହୋଟେଲ, ଚା' ,ପାନ ଏବଂ ଜଳଖିଆ ଆଦି ଦୋକାନ ସକାଳ ୫ଟା ରୁ ଖୋଲା ରହୁଥିବାରୁ ଝୁମ୍ପୁରା ବଜାରରେ ଜନଗହଳି ଲାଗି ରହୁଛି । ଦୋକାନୀମାନେ ପ୍ରଶାସନର ଦୃଷ୍ଟି ଆଢୁଆଳରେ ରହି ଗ୍ରାହକଙ୍କୁ ଦୋକାନ ଭିତରକକୁ ପ୍ରବେଶ କରି ବେଧଡକ ଭାବେ ସାମଗ୍ରୀ ବିକ୍ରି କରୁଥିବା ନଜରକୁ ଆସିଥିଲା । ଝୁମ୍ପୁରା ବଜାର ରେ ଖୋଲା ରହୁଥିବା ଦୋକାନ ଗୁଡିକରେ କୋଭିଡ୍ ନିୟମ କୁ ଖୋଲାଖୋଲି ଉଲଘଂନ କରାଯାଇଛି । ଦୋକାନ ଗୁଡିକରେ ଗ୍ରାହକମାନଙ୍କ ମଧ୍ୟରେ ସାମାଜିକ ଦୂରତା ରହୁ ନଥିବା ବେଳେ ଅଧିକାଂଶ ଲୋକ ଓଠ ତଳେ ମାକ୍ସ ଝୁଲେଇ ବଜାର ବୁଲୁଥିବାର ପ୍ରଶାସନ ନଜରରେ ପଡିଥିଲା । ଫଳରେ ଶୁକ୍ରବାର ଦିନ ଝୁମ୍ପୁରା ବ୍ଲକ ପ୍ରଶାସନ, ତହସିଲ୍ ପ୍ରଶାସନ, ଏବଂ ପୁଲିସ ପ୍ରଶାସନ ମିଳିତ ଭାବେ ଝୁମ୍ପୁରା ବଜାର ଉପରେ ଚଢାଉ କରିଥିଲେ । ସ୍ଥାନୀୟ ବିଡିଓ ବିଜୟ କୁମାର ନାୟକ, ତହସିଲ୍‌ଦାର ସୁଶ୍ରୀ ପ୍ରତିଭା ପୃଷ୍ଟି , ଅତିରିକ୍ତ ତହସିଲଦାର କ୍ରିଷେନସିଆ ତିର୍କୀ, ଝୁମ୍ପୁରା ପୁଲିସ୍ ପ୍ରଶାସନ ଏବଂ ତହସିଲ କର୍ମଚାରୀ ପ୍ରମୁଖ ଉପସ୍ଥିତ ରହି ଚଢାଉ କରିଥିଲେ । କୋଭିଡ୍ ନିୟମ କୁ ଖୋଲାଖୋଲି ଉଲଘଂନ କରି ଦୋକାନୀମାନେ ଦୋକାନ ଖୋଲା ରଖି କାରବାର କରୁଥିଲେ । ଦୋକାନ ରେ ଗହଳି ଲାଗିଥିବା ଗ୍ରାହକମାନଙ୍କ ମଧ୍ୟରେ ସାମାଜିକ ଦୂରତା ନଥିବା ସହିତ ଅନେକ ଗ୍ରାହକ ମାସ୍କ ପରିଧାନ କରି ନଥିବା ପ୍ରଶାସନ ଦେଖିବାକୁ ପାଇଥିଲା । ଫଳରେ କୋଭିଡ୍ ନିୟମ ଉଲଘଂନ କରିଥିବା ଦର୍ଶାଇ ଝୁମ୍ପୁରା ବଜାର ସାଧନା କ୍ଲୋଥଷ୍ଟୋର ,ପ୍ରଧାନ କ୍ଲୋଥଷ୍ଟୋର,ବାସିଦ୍ ଲୁଗା ଦୋକାନ ଏବଂ ମଫିଜ୍ ଲୁଗା ଦୋକାନ କୁ ଅର୍ଥ ଦଣ୍ଡରେ ଦଣ୍ଡିତ କରିବା ସହିତ ଦୋକାନ ଗୁଡିକୁ ୭ଦିନ ପାଇଁ ପ୍ରଶାସନ ପକ୍ଷରୁ ସିଲ୍ କରିଦିଆଯାଇଛି । ଅମାନିଆମାନଙ୍କୁ ଶାବାଡ କରିବା ପାଇଁ ଆଗକୁ ଆହୁରୀ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସ୍ଥାନୀୟ ବିଡିଓ ବିଜୟ କୁମାର ନାୟକ ସୂଚନା ଦେଇଛନ୍ତି ।


ମହାମାରୀ କରୋନାର ଦ୍ୱିତୀୟ ଲହରରେ ସମଗ୍ର ଓଡିଶାରେ ତାଲାବନ୍ଦର ପ୍ରଭାବ ଯୋଗୁଁ ଶ୍ରୀମନ୍ଦିରର ବଡଦାଣ୍ଡ ଜନଶୂନ୍ୟ


ଚଳିତବର୍ଷ ଶ୍ରୀଜୀଉଙ୍କର ଘୋଷଯାତ୍ରା ପାଇଁ ବଡଦାଣ୍ଡର ରଥଖଳାରେ କୋଭିଡ୍ ନିୟମ ମାନି ରଥନିର୍ମାଣରେ ନିମଗ୍ନ ବିଶ୍ୱକର୍ମାମାନେ ( ଫଟୋ-ସନାତନ)

## ପେଟ୍ରୋଲ ଡିଜେଲ ଶହେ ପାର ହେବା ପ୍ରତିବାଦରେ ସିପିଆଇର ଆନ୍ଦୋଳନ

ଜୟପୁର:ଦେଶରେ ପେଟ୍ରୋଲ ଡିଜେଲ ଦର ୧୦୦ ଟାଙ୍କା ରୁ ଉର୍ଦ୍ଧ୍ୱ ଏବଂ ସମସ୍ତ ନିତ୍ୟବ୍ୟବହାର୍ଯ୍ୟ ଜିନିଷର ଦର ଆକାଶଛୁଆଁ ହୋଇଥିବାରୁ ଅଜି ଭାରତୀୟ କମ୍ୟୁନିଷ୍ଟ ପାର୍ଟି କୋରାପୁଟ ଜିଲ୍ଲା ପରିଷଦ ପକ୍ଷରୁ ଜୟପୁର ସହର ର ଟ୍ରାଫିକ ଛକ ଓ ପେଟ୍ରୋଲ ପମ୍ପ ସମ୍ମୁଖରେ ମୋଦୀ ସରକାର ବିରୁଦ୍ଧରେ ସ୍ୱର ଉତୋଳନ କରି ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ସାଧାରଣତଃ କୋରୋନା ମହାମାରୀ କାଳରେ ଲୋକଙ୍କୁ କାମ ମିଳୁନାହିଁ ଏବଂ ରୋଜଗାରର ଠିକଣା ନାହିଁ , ଠିକ୍ ଏହି ସମୟରେ କେନ୍ଦ୍ର ର ମୋଦୀ ସରକାର ପେଟ୍ରୋଲ ଡିଜେଲ ଦର ଅକଳ୍ପନୀୟ ଭାବେ ମହଙ୍ଗା କରିବା ସହ ନିତ୍ୟ ବ୍ୟବହାର୍ଯ୍ୟ ଖାଦ୍ୟ ସାମଗ୍ରୀର ଦରଦାମ ଦୁଇଗୁଣ ତିନିଗୁଣ ବଢ଼ିଛି । ଦରଦାମ ନିୟନ୍ତ୍ରଣ କେନ୍ଦ୍ର ସରକାର ଓ ଆବଶ୍ୟକ ସ୍ଥଳେ ରାଜ୍ୟ ସରକାରଙ୍କ କାମ । କିନ୍ତୁ ଆଜି ଦେଖିବାକୁ ମିଳୁଛି ଯେ ପେଟ୍ରୋଲ ଡିଜେଲ ଗ୍ୟାସ୍ ଦର ଯାହା କେନ୍ଦ୍ର ସରକାର ଙ୍କ ନିର୍ଦ୍ଦେଶନାରେ ସ୍ଥିରୀକୃତ ହୁଏ ତାହା ଲିଟର ପିଛା ଶହେ ଟଙ୍କା ପାର୍ କରିଛି । ଆଜି ଯେତେବେଳେ ଆନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳଦର ଯଥେଷ୍ଟ ହ୍ରାସ ପାଇଛି , ଯାହାକି ଆମେ ଆମଦାନୀ କରୁଛୁ ତଥାପି ପେଟ୍ରୋଲ ଡିଜେଲ ଦର ଶହେ ଟଙ୍କା ପାର୍ କରିଛି । ପ୍ରକାଶ ଥାଉ କି ୨୦୧୩/ ୨୦୧୪ ରେ ଯେତେବେଳେ ଅଶୋଧିତ ତୈଳଦର ବ୍ୟରେଲ୍ ପିଛା ୧୪୦/ଡଲାର ହୋଇଥିଲା ସେତେବେଳେ ମଧ ପେଟ୍ରୋଲ ଡିଜେଲ ଦର ୮୦ ଟଙ୍କା ରୁ ଉର୍ଦ୍ଧ୍ୱ ହୋଇନଥିଲା । ଏଣୁ ମୋଦୀ ସରକାର ଯେତେବେଳେ ଫେଲ୍ ହୋଇଛି ପେଟ୍ରୋଲ ଡିଜେଲ ଦର ନିୟନ୍ତ୍ରଣ କରିବାରେ ଯେତେବେଳେ କି ଆନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳଦର ଯଥେଷ୍ଟ ହ୍ରାସ ପାଇଛି ତେଣୁ ମୋଦୀ ସରକାରକୁ ହଟେଇବା ପାଇଁ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ଆହ୍ୱାନ ଦେଇ ଆନ୍ଦୋଳନ ଜାରି ରଖିଛି ଏବଂ କୋଭିଡ ୧୯ ନିୟନ୍ତ୍ରଣ କରିବା ରେ ବିଫଳ ହୋଇଥିବା ମୋଦୀ ସରକାର କୁ ଯାହାକୁ କି ଦେଶର ସୁପ୍ରିମକୋର୍ଟ ମଧ ଭର୍ତ୍ସନା କରିଛନ୍ତି ସେହି ସରକାର ତୁରନ୍ତ ଗାଦି ଛାଡ୍ ପାଇଁ କମ୍ୟୁନିଷ୍ଟ ପାର୍ଟି ର କର୍ମୀ ମାନେ ସ୍ଲୋଗାନ ଦେଇ ଆନ୍ଦୋଳନ ଜାରି ରଖିଛନ୍ତି । ଏଥିରେ ଦେଖାଯାଇଛି ଯେ ଡାଲି, ଚାଉଳ, ତେଲର ଦର ଦୁଇଗୁଣରୁ ଉର୍ଦ୍ଧ୍ୱ ବଢ଼ି ସାରିଛି । ସାଧାରଣ ଲୋକ ହାତରେ କାମ ନାହିଁ କି ରୋଜଗାର ନାହିଁ । ଏ ସରକାର ଅକ୍ସିଜେନ୍ ଯୋଗାଇବାରେ ବିଫଳ ହୋଇଛି । କୋରୋନା ମହାମାରୀ କାଳରେ ଅନେକ ବାହାସ୍ଫୋଟ ମାରି କୋରୋନାକୁ ଜିତିଗଲୁ ବୋଲି ପ୍ରଚାର କଲେ , କିନ୍ତୁ ସାଧାରଣ ରୋଗୀମାନଙ୍କୁ ଚିକିତ୍ସା ବ୍ୟବସ୍ଥା ମିଳିପାରୁ ନାହିଁ । ପେଟ୍ରୋଲ୍ ଡିଜେଲ ଦର ନିୟନ୍ତ୍ରଣ କରିପାରୁନଥିବାରୁ ଏବଂ ସାଧାରଣ ଖାଉଟି ସାମଗ୍ରୀ ର ଦର ଆକାଶଛୁଆଁ ହୋଇଥିବାରୁ ଏବଂ କୋରୋନା ମହାମାରୀ କୁ ସାମ୍ନା କରିବାରେ ବିଫଳ ହୋଇଥିବା ମୋଦୀ ସରକାରକୁ ହଟେଇବା ପାଇଁ ଆହ୍ୱାନ ଦେଇ କମ୍ୟୁନିଷ୍ଟ ପାର୍ଟି ମାନେ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି ।

## ଆଉ ନୂଆ ୨୬୨ କରୋନା ଆକ୍ରାନ୍ତ ଚିହ୍ନଟ

ଭଦ୍ରକ: ଜିଲ୍ଲାରୁ ଆଉ ୨୬୨ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସେହି ଆକ୍ରାନ୍ତମାନେ ହେଲେ ବାସୁଦେବପୁର ପୌରପାଳିକାର ୱାର୍ଡ ନଂ ୧୧, ୧୪, ୧୮, ୨୨ରୁ ମୋଟ ୯ଜଣ, ଭଦ୍ରକ ପୌରପାଳିକାର ଅପର୍ତିବିନ୍ଧା, ଚନ୍ଦନବଜାର, ଗରଦପୁର, ଡଗରାସାହି, ମଠସାହି, କଂଟାବଣିଆ, ଜାନୁଗଞ୍ଜ, କୁଆଁସ, ବଙ୍କସାହି, ପୁରୁଣାବଜାର, ଡାହାଣିଗଡିଆ, ବାଗୁରାଇରୁ ମୋଟ ୨୪ଜଣ, ଧାମନଗର ଏନ୍‌ଏସିର ୩ ନଂ ୱାର୍ଡ ଓ ୧୧ ନଂ ୱାର୍ଡରୁ ୪ଜଣ, ତିହିଡ଼ି ବ୍ଲକର ବାରୋ, ଚାରିବୃତି, ଭାଟପଡା, ପୀରହାଟ, ଗୋବିନ୍ଦପୁର, କୋହ୍ଲ, କୁବେରା, ମହରମପୁର, ଗୁଡୁପାଳ, ତାଳପଦା, ବାଲିଚତୁରୀ, ହରିପୁର, ରାଜେନ୍ଦ୍ରପୁର, ହାଟୁରୀ, ନରେନ୍ଦ୍ରପୁର ଓ ବୋଡକ ଗ୍ରାମରୁ ୩୫ଜଣ, ଚାନ୍ଦବାଲି ବ୍ଲକ ଗୋପାଳପୁର, ବାଲିଆପାଳ, ଭାଟପଡା, ଧମାରା, ବଳଭଦ୍ରପ୍ରସାଦ, ଜଳେଶ୍ୱରପୁର, ନଳଗୋହିରା, ହଳଦିଆ, ଖଦାଳପୋଖରୀ ଗ୍ରାମରୁ ୨୪ଜଣ, ଚାନ୍ଦବାଲି ଏନ୍‌ଏସିର ୬ ନଂ ୱାର୍ଡରୁ ଜଣେ, ବନ୍ତ ବ୍ଲକର ଆଡିଆ, ଗୋପିନାଥପୁର, ଅଣିଜୋ, କେନ୍ଦୁଆପଦା, ନିଳୋକ, କ୍ଷେଣ୍ଟତୀରା, ତୋଡଗାଁ, ଛୟାଳସିଂହ, ବସନ୍ତିଆ ଗ୍ରାମରୁ ୧୩ଜଣ, ଭଦ୍ରକ ବ୍ଲକର ଚରମ୍ପା, ବେନ୍ତାଳ, ବେତରା, ଭୀମପୁର, ଏରେଇଁ, ସାମରାଇପୁର, ଲାଙ୍ଗୁଡି, କଲେଇ, ଜିତାନଗା, ଖଣ୍ଡତଡା, ରାନ୍ଦିଆ, ରାହାଞ୍ଜ, ଆଟୋ, ବାଉଦପୁର, ଜଗଦଳପୁର, କାଉପୁର, କୋରକୋରା, ରାଇପୁର, ଓଲଙ୍ଗ, ପରସିଂଗା ଗ୍ରାମରୁ ୪୦ଜଣ, ବାସୁଦେବପୁର ବ୍ଲକର ଅରଣ୍ଡୁଆ, ବରଣ୍ଡୁଆ, ବ୍ରାହ୍ମଣୀଗାଁ, ନୂଆଗାଁ, ସୁଦର୍ଶନପୁର, ବେତଡା, ବାଲିମେଦ, ବିଦେଇପୁରରୁ ୧୨ଜଣ, ଅନ୍ୟ ଜିଲ୍ଲାରୁ ୮ଜଣ, ଭଣ୍ଡାରିପୋଖରୀ ବ୍ଲକର ମଡିଆଳି, ବୟାଁବନାପୁର, ସାନଶାସନ, ବିଷ୍ଣୁପୁର, ଦକ୍ଷିଣବାଡ, ଶାରଦାପୁର, ଷୋଳମପୁର, ଡଗରପଡା, ନେରଡା, ରହଣିଆ, ରାଜେନ୍ଦ୍ରପୁର, ସରପଦା, ତେସିଙ୍ଗା, ପାଟୁଳି ଗ୍ରାମରୁ ୩୯ ଜଣ, ଧାମନଗର ବ୍ଲକର ଧୁଷୁରୀ, ଗଡିଆଳି, ପଙ୍ଗଟା, କାସିମପୁର, କୋଠାର, ନନ୍ଦୀଗାଁ, ପାଳସାହି ଗ୍ରାମରୁ ୨ଜଣ, ଭଦ୍ରକ ଜିଲ୍ଲାର ବିଭିନ୍ନ ଅଂଚଳର ୧୨ଜଣ ଜିଲ୍ଲା ବାହାରେ ଚିହ୍ନଟ ହୋଇଥିବା ଜଣାଯାଇଛି ।

## କନ୍ଧମାଳରେ ନୂଆ ୧୧୨ କୋଭିଡ୍ ସଂକ୍ରମିତ ଚିହ୍ନଟ

କନ୍ଧମାଳ: କନ୍ଧମାଳ ଜିଲ୍ଲାରେ କୋଭିଡ ସଂକ୍ରମଣ ଗତ କିଛି ଦିନ ହେଲା ପୁଣି ବୃଦ୍ଧି ପାଇବାରେ ଲାଗିଛି । ଆଜି ମିଳିଥିବା ସୂଚନା ଅନୁସାରେ, ଗତ ୨୪ ଘଣ୍ଟା ଭିତରେ ଜିଲ୍ଲାରେ ପୁଣି ୧୧୨ ଜଣ ନୂଆ କରୋନା ସଂକ୍ରମିତଙ୍କୁ ଚିହ୍ନଟ କରାଯାଇଛି । ଚିହ୍ନଟ ହୋଇଥିବା ସଂକ୍ରମିତଙ୍କ ମଧ୍ୟରୁ ଫୁଲବାଣୀ ପୌରାଂଚଳରେ ୯ ଜଣ ସଂକ୍ରମିତଙ୍କୁ ଚିହ୍ନଟ କରାଯାଇଛି । ସେହିପରି ଜିଲ୍ଲାର ବାଲିଗୁଡା ବିଜ୍ଞାପିତ ଅଂଚଳରେ ଜଣେ ଏବଂ ଗ୍ରାମାଂଚଳରେ ୭ ଜଣଙ୍କୁ ମିଶାଇ ମୋଟ୍ ୮ ଜଣଙ୍କୁ ଚିହ୍ନଟ କରାଯାଇଛି ।

## କଷିପଦା ପଞ୍ଚାୟତରେ ପାନୀୟ ଜଳ ଅବ୍ୟବସ୍ଥା ବିରୋଧରେ ସରପଞ୍ଚଙ୍କ ଧାରଣା




ବାଲେଶ୍ୱର :ସଦର ବ୍ଲକ ଅନ୍ତର୍ଗତ କଷିପଦା ଗ୍ରାମ ପଞ୍ଚାୟତର ପାନୀୟ ଜଳ ଯୋଗାଣ ନହେବା ଯୋଗୁଁ ସରପଞ୍ଚ ଅନିତା ବେହେରା ବାରମ୍ବାର ଜଳ ଯୋଗାଣ ବିଭାଗ ଉପରିସ୍ଥ ଅଫିସରମାନଙ୍କୁ ବାରମ୍ବାର ଜଣାଇଲେ ମଧ କାର୍ଯ୍ୟଧାରା ନ ଆଗେଇବା ଏବଂ ମିରିଗିମୁଣ୍ଡି ଛକରେ ନଳକୂପ ନହେବା ଯୋଗୁଁ, ତାର ପ୍ରତିବାଦରେ ସରପଞ୍ଚ ଏବଂ ଗ୍ରାମବାସୀମାନେ କୋଭିଡ କଟକଣା ପାଳନ କରି ଜଳ ଯୋଗାଣ ବିଭାଗ ଏସ.ଡି.ଓ ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ । ଶାସକ ଦଳର ନେତାମାନଙ୍କ ଚାପ ବଶବର୍ତ୍ତୀ ହୋଇ କାର୍ଯ୍ୟ ନକରିବା ଯୋଗୁଁ ଧାରଣା ଦେବା ଫଳରେ ଏସ.ଡି.ଓ ଙ୍କ ଲିଖିତ ପ୍ରତିଶୃତି ଦେଲେ କି ରଜ ପରେ ତଥା ୧୫ ରୁ ୨୦ ତାରିଖ ଭିତରେ କାର୍ଯ୍ୟ ଆରମ୍ଭ ହେବ ବୋଲି ପ୍ରତିଶୃତି ପରେ ସରପଞ୍ଚ ଧାରଣା ପ୍ରତ୍ୟାହର କରିଥିଲେ । ଭାରତୀୟ ଜନତା ପାର୍ଟି, ବାଲେଶ୍ୱର ସଦରର ଏକ ପ୍ରତିନିଧି ଦଳ ବିଭାଗୀୟ ଅଧିକାରୀଙ୍କୁ ଭେଟି ସମସ୍ୟା ବିଷୟରେ ଅବଗତ କରାଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନେତା ରବିନାରାୟଣ ମହାପାତ୍ର, ଗୌରାଙ୍ଗ ଦାସ, ଗଙ୍ଗାଧର ରାଉତ, ଅନ୍ତର୍ଯ୍ୟାମୀ ବେହେରା, ଗୋପାଳ ବିଶି, ଗୌରାଙ୍ଗ ପରିଡା, ବାବୁରାମ ବେହେରା, ସଞ୍ଜୟ ଗିରି, ମିଥୁନ ଗିରି, ମଧୁସୂଦନ ବେହେରା, ରାଜେଶ ବେହେରା, ଗୌତମ ବେହେରା, ଦାମୋଦର ବେହେରା, ରାଜେନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

## ଲୁହାପଥର ବୋଝେଇ ଟ୍ରକ୍ ଧକ୍କାରେ ସ୍କୁଲ ଛାତ୍ର ମୃତ

ବାରିପଦା: ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ଥାନା ଅନ୍ତର୍ଗତ ରାଂଚି-ବିଜୟୱାଡ଼ା ୨୨୦ ନମ୍ବର ଜାତୀୟ ରାଜପଥର ପୁରୁଣାପାଣି ନିକଟରେ ଆଜି ଏକ ଲୁହାପଥର ବୋଝେଇ ଟ୍ରକ ଧକ୍କାରେ ଜଣେ ସ୍କୁଲ ଛାତ୍ରର ମୃତ୍ୟୁ ହୋଇଛି । ପ୍ରାପ୍ତ ସୂଚନାରୁ ଜଣାପଡ଼ିଛି, ଆଜି ସକାଳ ପ୍ରାୟ ସାଢ଼େ ୫ ସମୟରେ ରାଇରଙ୍ଗପୁର ଟାଉନ ଥାନା ଅଧୀନ ତମାଳବନ୍ଧ ଗ୍ରାମର ସୁମନ୍ତ ଗିରିଙ୍କ ପୁଅ ଓମଶ୍ରୀ ଗିରି( ୧୪) ପରିବା କିଣିବା ପାଇଁ ସାଇକେଲ ଯୋଗେ ରାଇରଙ୍ଗପୁର ଆସୁଥିବା ବେଳେ ପୁରୁଣାପାଣି ଛକ ନିକଟରେ ଏକ ଲୁହାପଥର ବୋଝେଇ ଟ୍ରକ ସାଇକେଲକୁ ଧକ୍କା ଦେବାରୁ ଓମଶ୍ରୀ ତଳେ ପଡ଼ିଯାଇଥିଲେ ଓ ଟ୍ରକଟି ତାଙ୍କ ଉପରଦେଇ ମାଡ଼ି ଯିବାରୁ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା । ଦୁର୍ଘଟଣା ଘଟାଇବା ପରେ ଟ୍ରକଟି ଫେରାର ହୋଇଯାଇଥିଲା । ଉତ୍ୟକ୍ତ ଲୋକମାନେ ଓମଶ୍ରୀଙ୍କ ପରିବାରକୁ ୫ ଲକ୍ଷ ଟଙ୍କା କ୍ଷତି ପୂରଣ ଦେବା ସାଙ୍ଗକୁ ଫେରାର ହୋଇଥିବା ଲୁହାପଥର ବୋଝେଇ ଟ୍ରକକୁ ଜବତ କରିବା ଦାବିରେ ଜାତୀୟ ରାଜପଥକୁ ଅବରୋଧ କରିଥିଲେ । ଫଳରେ ୨୨୦ ନମ୍ବର ଜାତୀୟ ରାଜପଥରେ ଗାଡ଼ି ମୋଟର ଚଳାଚଳ ବାଧାପ୍ରାପ୍ତ ହୋଇଥିଲା । ରାସ୍ତାର ଉଭୟ ପାର୍ଶ୍ୱରେ ଶହ ଶହ ସଂଖ୍ୟାରେ ଯାନବାହନ ଅଟକି ରହିଥିଲା । ଖବର ପାଇ ରାଇରଙ୍ଗପୁର ଏସଡ଼ିପିଓ ଗାୟତ୍ରୀ ପ୍ରଧାନ ଓ ରାଇରଙ୍ଗପୁର ଟାଉନ ଥାନା ଅଧିକାରିଣୀ ରେଣୁବାଳା ସାହୁ ଘଟଣାସ୍ଥଳରେ ପହଁଚି ଆନ୍ଦୋଳନକାରୀମାନଙ୍କୁ ବୁଝାସୁଝା କରିବାକୁ ଉଦ୍ୟମ କରିଥିଲେ । ଏହି ସମୟରେ ରାଇରଙ୍ଗପୁର ବିଧାୟକ ନବ ଚରଣ ମାଝି ଆସି ପହଁଚିଥିଲେ ଏବଂ ଜିଲ୍ଲା ପ୍ରଶାସନ ସହ ଆଲୋଚନା କରିଥିଲେ । ପ୍ରଶାସନ ପକ୍ଷରୁ ମୃତ ବାଳକର ପରିବାରକୁ ୫୦ ହଜାର ଟଙ୍କାର କ୍ଷତିପୂରଣ ଦିଆଯିବାର ଘୋଷଣା କରାଯିବା ପରେ ରାସ୍ତା ଅବରୋଧ ହଟିଥିଲା । ଏହାପରେ ପୁଲିସ ଶବକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟକୁ ପଠାଇବା ସହିତ ଥାନାରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି । ତେବେ ଖବର ଲେଖାଯିବା ପର୍ଯ୍ୟନ୍ତ ଦୁର୍ଘଟଣା ଘଟାଇ ଫେରାର ହୋଇଯାଇଥିବା ଟ୍ରକକିକୁ ଧରିବାରେ ପୁଲିସ ସଫଳ ହୋଇପାରିନଥିବାର ଜଣାପଡ଼ିଛି ।

## ଜିଲ୍ଲା ସଡକ ସୁରକ୍ଷା କମିଟି ବୈଠକ




ବାଲେଶ୍ୱର : ବାଲେଶ୍ୱର ଜିଲ୍ଲା ସଡକ ସୁରକ୍ଷା କମିଟି ବୈଠକର ଅଧ୍ୟକ୍ଷ ଜିଲ୍ଲାପାଳ କେ.ସୁଦର୍ଶନ ଚକ୍ରବର୍ତୀଙ୍କ ଅଧ୍ୟକ୍ଷତାରେ ସଦଭାବନା ସମ୍ମିଳନୀ ଗୃହରେ ଚଳିତ ଜୁନ ମାସ ପାଇଁ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକର ଆବାହକ ଆଂଚଳିକ ପରିବହନ ଅଧିକାରୀ ରଶ୍ମି ରିତ ଦଳବେହେରା ଗତ ବୈଠକର ବିବରଣୀ ଉପସ୍ଥାପନା କରିବା ସହ ଗତ ମଇ ମାସ ପର୍ଯ୍ୟ' ସଡକ ସୁରକ୍ଷା ସମ୍ବଳିତ ତଥ୍ୟ ରଖିଥିଲେ । ଉକ୍ତ ବିବରଣୀ ଓ ତଥ୍ୟ ଆଧାରରେ ଜିଲ୍ଲାପାଳ ସମ୍ପୃକ୍ତ ଅଧିକାରୀଙ୍କ ଜରିଆରେ ରାସ୍ତା ଦୁର୍ଘଟଣା ଓ ଜୀବନହାନୀ ହ୍ରାସ କରାଯିବା ଦିଗରେ ଜିଲ୍ଲାପାଳ ଅଧିକ ଗୁରୁତ୍ୱ ଦେଇଥିଲେ । ଏହି ଆଧାରରେ ସେ ରାସ୍ତା ମରାମତି , ପୋଲଗୁଡିକୁ ସଂଯୋଗ ହୋଇଥିବା ରାସ୍ତା, ଲକ୍ଷ୍ମଣନାଥ ଠାରୁ ମାର୍କୋଣା ପର୍ଯ୍ୟ' ସମସ୍ତ ସର୍ଭିସ୍ ରୋଡର ଅବସ୍ଥା, ସାଇନବୋର୍ଡ଼, ନାବାଳକ ଗାଡି ଚାଳନା ରୋକିବା ଆଦି ଉପରେ ଅଧିକ ଆଲୋଚନା କରିଥିଲେ । ମଇ ମାସ ସୁଦ୍ଧା ୨୦୨୦ ବର୍ଷ ତୁଳନାରେ ୨୦୨୧ ରେ ଦୁର୍ଘଟଣା ଓ ମୃତ୍ୟୁ ବୃଦ୍ଧି ପାଇଥିବା ବେଳେ ଗୁରୁତର ଆଘାତ ହ୍ରାସ ପାଇଥିବା ନେଇ ସୂଚନା ଦିଆଯାଇଥିଲା । ୨୦୨୧ ବର୍ଷ ପାଇଁ ଥାନା ଗୁଡିକର ଦୁର୍ଘଟଣା ରିପୋର୍ଟ ଅନୁଯାୟୀ ମଇ ମାସ ସୁଦ୍ଧା ସମୁଦାୟ ୧୮୨ଟି ଦୁର୍ଘଟଣା ଘଟିଛି । ବାଲେଶ୍ୱର ସଦର, ବସ୍ତା, ଇଣ୍ଡଷ୍ଟ୍ରିଆଲ ଏରିଆ, ଖଂ'ାପଡା, ସିମୁଳିଆ, ସୋର ଏହି ଛଅଟି ଥାନା ଅଂଚଳରେ ଅନ୍ୟ ଥାନା ତୁଳନାରେ ଅଧିକ ଦୁର୍ଘଟଣା ଘଟିଥିବାର ସୂଚନା ଦିଆଯାଇଥିଲା । ଅଧିକ ବେଗ, ଅଧିକ ବୋଝେଇ, ଦ୍ରବ୍ୟ ପରିବହନ ଯାନରେ ଯାତ୍ରୀ ପରିବହନ, ଯାନ ଚାଳନା ସମୟରେ ମୋବାଇଲ ବ୍ୟବହାର, ନିଶାସେବନ କରି ଗାଡି ଚାଳନା, ବିନା ହେଲମେଟ୍‌ରେ ଗାଡି ଚାଳନା ଆଦି ଅପରାଧରେ ଆର.ଟି.ଓ.ଙ୍କ ଦ୍ୱାରା ଚିହ୍ନଟ ହୋଇଥିବା ୨୮୫୬ ଅପରାଧିଙ୍କ ମଧ୍ୟରୁ ୯୫୩ଜଣଙ୍କର ଡି.ଏଲ. ରଦ୍ଦ କରାଯାଇଛି । ସେହିପରି ଜାନୁଆରୀ ୨୧ରୁ ମଇ ୨୧ ମଧ୍ୟରେ ପୁଲିସ ଦ୍ୱାରା ସମୁଦାୟ ୭୭ଜଣଙ୍କର ଡି.ଏଲ. ରଦ୍ଦ କରାଯାଇଥିବା କଥା ବୈଠକରେ ପ୍ରକାଶ କରାଯାଇଥିଲା । ଜାତୀୟ ରାଜପଥରେ ଦୁର୍ଘଟଣା ପ୍ରବଣ ଅଂଚଳ ବା ବ୍ଲାକ ସ୍ପଟ୍ ଚିହ୍ନଟ ନେଇ ରିପୋର୍ଟ ପ୍ରଦାନ ପାଇଁ ଏନ.ଏଚ.-୧୬ ଏବଂ ଏନ.ଏଚ-୬୦ର କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ସେହିପରି ସଡକ ସୁରକ୍ଷା ଉପରେ ମାନ୍ୟବର ସୁପ୍ରିମ କୋର୍ଟ କମିଟିର ନିର୍ଦ୍ଦେଶ ମତେ ଯୁଗ୍ମ ତଦର୍ଂ ରିପୋର୍ଟ ସଠିକ୍ ସମୟରେ ପ୍ରଦାନ କରାଯିବା ଉପରେ ଜିଲ୍ଲାପାଳ ଗୁରୁତ୍ୱ ଦେଇଥିଲେ । ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା.ଦୁଲାଳସେନ ଜଗଦେବ,ଉପ-ଜିଲ୍ଲାପାଳ ତଥା ମ୍ୟୁନିସିପାଲିଟି କାର୍ଯ୍ୟ ନିର୍ବାହୀ ଅଧିକାରୀ ଆଶିଷ ଈଶ୍ୱର ପାଟିଲ ପ୍ରମୁଖଙ୍କ ସହ ଉକ୍ତ କମିଟିର ସଦସ୍ୟ ରୂପରେ ସମ୍ପୃକ୍ତ ବିଭାଗୀୟ ଅଧିକାରୀ, ଗଣମାଧ୍ୟମ ପ୍ରତିନିଧି ଓ ସମ୍ପୃକ୍ତ ଆନୁଷ୍ଠାନିକ କର୍ମକର୍ତ୍ତା ଏହି ବୈଠକରେ ଯୋଗ ଦେଇଥିଲେ ।

## ମହାମାରୀ ବେଳେ ପରୀକ୍ଷା ପାଇଁ ନିର୍ଦ୍ଦେଶ କାହା ସ୍ୱାର୍ଥରେ !

ଭୁବନେଶ୍ୱର : ଗତ ସପ୍ତାହରେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଯୁକ୍ତ୨ ପରୀକ୍ଷାକୁ ରାଜ୍ୟ ସରକାର ବାତିଲ୍ କରିଥିଲେ । ଏହି ପରିପ୍ରେକ୍ଷୀରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡ଼ିଶାବାସୀଙ୍କୁ ଉଦ୍‌ବୋଧନରେ କହିଥିଲେ ଜୀବନ ଆଗ, ଆଉ ସବୁ ପଛ । ଜୀବନ ସୁରକ୍ଷିତ ରହିଲେ ଆଗକୁ ଅନନ୍ତ ସମ୍ଭାବନା ରହିବ ଏବଂ ସମାଜ ଓ ସଭ୍ୟତା ଆଗକୁ ବଢିବ । ତେଣୁ ଆମ ଦେଶ ଓ ଜାତିର ଭବିଷ୍ୟତ ଆମ ପିଲାମାନଙ୍କର ସ୍ୱାସ୍ଥ୍ୟ ସୁରକ୍ଷା ପରୀକ୍ଷା ଠାରୁ ବହୁ ଅଧିକ ଗୁରୁତ୍ୱପୂର୍ଣ୍ଣ । ଏପରି ସମ୍ବେଦନଶୀଳ ସମୟରେ ପରିସ୍ଥିତିକୁ ସମ୍ଭାଳିବାରେ ଛାତ୍ର, ଛାତ୍ରୀ ଓ ସେମାନଙ୍କ ପରିବାରର ସଦସ୍ୟଙ୍କ ଉଦ୍ୟମ, ଦୃଢ ମନୋବଳ ଓ ଧୈର୍ଯ୍ୟକୁ ସେ ଉଚ୍ଚ ପ୍ରଶଂସା କରିଥିବା ସମୟରେ ଏବେ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର ଅନ୍‌ଲାଇନରେ ଛାତ୍ରଛାତ୍ରୀଙ୍କ ପରୀକ୍ଷା କରିବା ପାଇଁ ତାରିଖ ଓ ସମୟ ଘୋଷଣା କରିଛି । ଯାହା ସାମ୍ନାକୁ ଆସିଛି । ରାଜ୍ୟର ତାଲାବନ୍ଦ ଜୁନ୍ ୧୭ ତାରିଖରେ ଶେଷ ହେଉଥିବା ବେଳେ ବିଶ୍ୱବିଦ୍ୟାଳୟ ଜୁନ୍ ୧୬ରୁ ପରୀକ୍ଷା ଆରମ୍ଭ କରି ଜୁନ୍ ୨୪ ତାରିଖରେ ଶେଷ କରିବାକୁ ନିଷ୍ପତ୍ତି ନେଇଛି । ବର୍ତ୍ତମାନ ପ୍ରଥମ ଓ ତୃତୀୟ ବର୍ଷ ସେମିଷ୍ଟାରର ଛାତ୍ରଛାତ୍ରୀ ଯଥା-ପିଜି, ୟୁଜି, ପିଜି ଡିପ୍ଲୋମା, ଡିପ୍ଲୋମା, ସାର୍ଟିଫିକେଟ୍ କୋର୍ସ କରୁଥିବା ପିଲାମାନଙ୍କ ପାଖରେ ପହଞ୍ଚିଛି ପରୀକ୍ଷାର ତାରିଖ ଓ ସୂଚୀ । ଯାହାକୁ ନେଇ ଅଭିଭାବକ ଓ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ସୂଚନାଯୋଗ୍ୟ, ଆମ ରାଜ୍ୟର ଅନେକ ଗରିବ, ମଧ୍ୟବିତ୍ତ ଶ୍ରେଣୀର ବିଦ୍ୟାର୍ଥୀ ଏହି ବିଶ୍ୱବିଦ୍ୟାଳୟରେ ଦୂରଶିକ୍ଷା ମାଧ୍ୟମରେ ଶିକ୍ଷା ଗ୍ରହଣ କରିଥାନ୍ତି । ସେମାନଙ୍କ ମଧ୍ୟରୁ ଅନେକଙ୍କ ପାଇଁ ସ୍ମାର୍ଟ ଫୋନ୍ ସାତ ସପନ । ଅନ୍‌ଲାଇନରେ ପରୀକ୍ଷା ସେମାନଙ୍କ ପାଇଁ ସମ୍ଭବ ନୁହେଁ । ଦ୍ୱିତୀୟରେ ଗାଁ ଗହଳିରେ ଥିବା ଇଣ୍ଟରନେଟ୍ କେଫ୍ ଗୁଡ଼ିକ ମହାମାରୀ କରୋନା ଭୟରେ ଆଉ ଖୋଲୁନାହାଁନ୍ତି । ସାଙ୍ଗ ସାଥୀଙ୍କୁ ଘରକୁ ଡ଼ାକିଲେ କରୋନା ଭୟରେ ଦୁଆର ବି ମାଡୁନାହାଁନ୍ତି । ଏଭଳି ଅନେକ ସମସ୍ୟା ସାମ୍ନାକୁ ଆସିଛି । ଲକ୍ଷ୍ୟ କଲେ ଜଣାପଡ଼େ ଉପକୂଳରୁ ଉପାନ୍ତ, ଦୁର୍ଗମ ପାହାଡ଼ ଇଲାକାରେ ଅନେକ ଛାତ୍ରଛାତ୍ରୀ ଏହି ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରିଥାନ୍ତି । ଏପରିକି ଅନେକ ଦୁର୍ଗମ ପାହାଡ଼ିଆ ଅଞ୍ଚଳରେ ବି ମୋବାଇଲ ଟାୱାର ନାହିଁ । ସେମାନେ ଗାଁ ଦାଣ୍ଡ ଦୁଆରେ ୨୪ ଘଣ୍ଟା ମୋବାଇଲକୁ ଝୁଲାଇ ରଖିଥାନ୍ତି । ସେଠି ଅନ୍‌ଲାଇ ପରୀକ୍ଷା ଆଦୌ ସମ୍ଭବପର ନୁହେଁ । ଦ୍ୱିତୀୟରେ ମହାମାରୀ କରୋନରେ କିଏ ବାପାକୁ ହରାଇଛିତ ତ କିଏ ମା ଓ ଆତ୍ମୀୟସ୍ୱଜନକୁ ହରାଇ ଏକ ଶୋକାକୁଳ ପରିବେଶ ମଧ୍ୟରେ ରହିଛନ୍ତି । ଏଭଳି କ୍ଷେତ୍ରରେ ବିଦ୍ୟାର୍ଥୀଙ୍କ ମାନସିକ ସନ୍ତୁଳନ ଆସିବ ବା କୋଉଠୁ ? ଏପରିକି ବାତ୍ୟା ୟାସ୍ ପ୍ରଭାବିତ ଅଞ୍ଚଳରେ ଲୋକଙ୍କ ଅବସ୍ଥାରେ ସୁଧାର ବି ଆସିନି । ଅନେକ ଜିଲ୍ଲାରେ ପ୍ରତ୍ୟହ ଅଘୋଷିତ ବିଦ୍ୟୁତ କାଟ ଚାଲିଛି । ସକାଳେ ବିଦ୍ୟୁତ୍ ଗଲେ ଆସୁଛି ଯାଇ ରାତିରେ । ସମ୍ପ୍ରତି ରାଜ୍ୟରେ ପ୍ରବଳ ବର୍ଷା ନେଇ ସତର୍କ ସୂଚନା ଜାରିକରି ସାରିଲେଣି ଏସ୍‌ଆରସି । ଆକାଶରେ କଳା ବାଦଲ ଆସିଲେ ନେଟୱର୍କ ବାଧାପ୍ରାପ୍ତ ହୋଇଥାଏ । ଅନ୍‌ଲାଇନର ଏଭଳି ବିକଳ ଚିତ୍ର ଏବେ ବିଧି ବ୍ୟବସ୍ଥା ଉପରେ ପ୍ରଶ୍ନ ଚିହ୍ନ ସୃଷ୍ଟି କରିଛି । ସବୁଠୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ବିଶ୍ୱବିଦ୍ୟାଳୟରେ ଅନେକ ଦୃଷ୍ଟିବାଧିତ ଛାତ୍ରଛାତ୍ରୀ ରହିଛନ୍ତି । ସେମାନଙ୍କ ପରୀକ୍ଷା ପାଇଁ ରାଇଟରର ଆବଶ୍ୟକ ହୋଇଥାଏ । ଏବେ କରୋନା ଭୟରେ ସେମାନଙ୍କ ପାଖକୁ ରାଇଟର ଆସିବାକୁ ରୋକ୍‌ଠୋକ୍ ମନା କରି ଦେଉଛନ୍ତି ବୋଲି ବିଶ୍ୱବିଦ୍ୟାଳୟରେ +୩ ପଢୁଥିବା ପ୍ରଥମ ବର୍ଷର ନୟାଗଡ଼ ଜିଲ୍ଲାର ଦୃଷ୍ଟିବାଧିତ ଛାତ୍ର ବାପିନା ନାୟକ ପ୍ରକାଶ କରିଛନ୍ତି । ସେହିପରି ମୟୁରଭଞ୍ଜ ଜିଲ୍ଲାର ରୁରାଲ ଡ଼େଭଲପମେଣ୍ଟରେ ପିଜି କରୁଥିବା ଦୃଷ୍ଟିବାଧିତ ଛାତ୍ର ରାକେଶ ନାଥ ସମାନ କଥା ଦୋହରାଇଛନ୍ତି । ପରିସ୍ଥିତି ସୁଧାର ଆସିଲେ ଆମେ ପଛେ ଦୁଇବର୍ଷର ପାଠ ଗୋଟିଏ ବର୍ଷରେ ଅଫ୍‌ଲାଇନରେ ଦେବୁ କିନ୍ତୁ ଅନ୍‌ଲାଇନରେ ଦେଇପାରିବୁ ନାହିଁ ବୋଲି ରାକେଶ ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ବର୍ତ୍ତମାନସୁଦ୍ଧା ମହାମାରୀ କରୋନାର ସ୍ଥିତିରେ ସୁଧାର ଆସିନାହିଁ । ମହାମାରୀ ପାଇଁ ଉପୁଜିଥିବା ସମସ୍ୟା ଗୁଡ଼ିକୁ ବିଚାରକୁ ନେଇ ପରୀକ୍ଷା ଘୋଷଣା କରାଯାଉ ଯାହା ଅଭିଭାବକ ଓ ଛାତ୍ରଛାତ୍ରୀମାନେ ସରକାରଙ୍କୁ ଅନୁରୋଧ କରିଛନ୍ତି । ଦ୍ୱିତୀୟରେ ଆମର ଡ଼ିଜିଟାଲ ଇନ୍‌ଫ୍ରାଷ୍ଟ୍ରକଚରକୁ ସୁଦୃଢ ଓ ସଜାଡ଼ିବାକୁ ପଡ଼ିବ । ନଚେତ୍ ଅନ୍‌ଲାଇନ୍ ପରୀକ୍ଷା ସମ୍ଭବ ନୁହେଁ ବୋଲି ପୂର୍ବରୁ ଏ ନେଇ ଅନେକ ବୁଦ୍ଧିଜୀବୀ, ଶିକ୍ଷାବିତ୍ ପ୍ରସ୍ତାବ ରଖିସାରିଛନ୍ତି । ଏଣୁ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର ନେଇଥିବା ପରୀକ୍ଷା ନିଷ୍ପତ୍ତିକୁ ରାଜ୍ୟର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁତର ସହ ବିଚାରକୁ ନେଇ ତୁରନ୍ତ ଏ ବିଷୟରେ ପଦକ୍ଷେପ ନିଅନ୍ତୁ ବୋଲି ଜାତୀୟ ଦୃଷ୍ଟିବାଧିତ ଅନୁଷ୍ଠାନ (ଏନ୍‌ଏବି)ର ସାଧାରଣ ସମ୍ପାଦକ ଅଜୟ ସାମଲ ଏବଂ ଜାତୀୟ ଯୁବପୁରସ୍କାରପ୍ରାପ୍ତ ସମାଜସେବୀ ସୁଶାନ୍ତ ସାହୁ ଏକ ପ୍ରେସ୍ ବିବୃତ୍ତିରେ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି ।

## କେନ୍ଦୁଝରଠାରେ ବିଜୁ ଯୁବ ଜନତା ଦଳ ଓ ଇଲେଭନ ବୁଲେଟ କ୍ଲବ ଆନୁକୂଲ୍ୟରେ ରକ୍ତଦାନ ଶିବିର, ୧୦୪ ୟୁନିଟ୍ ରକ୍ତ ସଂଗୃହିତ

କେନ୍ଦୁଝର: କେନ୍ଦୁଝର ପୁରୁଣାସହର ସ୍ଥିତ ଇଲେଭେନ ବୁଲେଟ କ୍ଲବ ପରିସରରେ ଶୁକ୍ରବାର ଦିନ ଓଡିଶା ମୋ ପରିବାର, ଇଲେଭେନ ବୁଲେଟ୍ସ କ୍ଲବ ଏବଂ କେନ୍ଦୁଝର ଟ୍ରକ ମାଲିକ ସଂଘ ମିଳିତ ଆନୁକୂଲ୍ୟରେ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି । ଏହି ଶିବିରକୁ କେନ୍ଦୁଝର ସାଂସଦ ଚନ୍ଦ୍ରାଣୀ ମୁର୍ମୁ,ଘଷିପୁରା ବିଧାୟକ ବଦ୍ରୀନାରାୟଣ ପାତ୍ର,ବିଜେଡି ଜିଲ୍ଲା ସଭାପତି ମାଧବ ସର୍ଦ୍ଦାର,ଆନନ୍ଦପୁର ବିଧାୟକ ଭାଗିରଥି ସେଠୀ,ପାଟଣା ବିଧାୟକ ଜଗନ୍ନାଥ ନାୟକ,ଜିଲ୍ଲା ପରିଷଦ ଅଧକ୍ଷା କମଳିନୀ ପାତ୍ର,ପୂର୍ବତନ ଜିଲ୍ଲା ସଭାପତି ଆଶିଷ ଚକ୍ରବର୍ତ୍ତୀ,ଜିଲ୍ଲା ଯୁବ ବିଜେଡି ସଭାପତି ରାକେଶ କୁମାର ରାମ,ଓଡିଶା ମୋ ପରିବାର ଜିଲ୍ଲା ସଂଯୋଜକ ପ୍ରଦୀପ କୁମାର ସାହୁ,କେନ୍ଦୁଝର ଜିଲ୍ଲା ଟ୍ରକ ମାଲିକ ସଂଘର ସଭାପତି ରମାକାନ୍ତ ନାୟକ,ସାଧାରଣ ସମ୍ପାଦକ ସୂର୍ଯ୍ୟନାରାୟଣ କର,ଯୁବ ବିଜେଡି ସଂପାଦକ ଅନ କୁମାର ବେଜ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ରକ୍ତଦାନ ମହତ ଦାନ,ପ୍ରତ୍ୟେକ ମଣିଷ ଅନ୍ତତଃପକ୍ଷେ ଥରେ ହେଲେ ରକ୍ତଦାନ କରି ଆଉ ଜଣଙ୍କର ଜୀବନ ରକ୍ଷା କରିବାରେ ସହାୟକ ହେବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ । କେନ୍ଦୁଝର ଜିଲ୍ଲାରେ ଦୈନିକ ୩୦ ୟୁନିଟରୁ ଅଧିକ ରକ୍ତ ଆବଶ୍ୟକ ରହିଛି । କରୋନା ଲକ୍‌ଡାଉନ ସମୟରେ ରକ୍ତଦାନ ଶିବିର କମ ହେବା ଏବଂ ରକ୍ତଦାତା କମୁଥିବାସ୍ଥଳେ ବହୁ ପରିମାଣର ରକ୍ତର ଆବଶ୍ୟକତା ରହିଥିବାବେଳେ ଏହି ରକ୍ତ ଦାନ ଶିବିର ରକ୍ତଭଣ୍ଡାର ର ଆବଶ୍ୟକତା ପୂରଣରେ ବେଶ ସହାୟକ ହେବ । ଜିଲ୍ଲାରେ ରକ୍ତର ବ୍ୟାପକ ଆବଶ୍ୟକତା ଥିବାବେଳେ ନବଜୀବନବିନ୍ଦୁ କାର୍ଯ୍ୟକ୍ରମନ୍ତ ରେ ଦୈନନ୍ଦିନ ରକ୍ତ ସଂଗ୍ରହ ରକ୍ତର ଆବଶ୍ୟକତାକୁ ଅନେକାଂଶରେ ପୂରଣ କରିବାରେ ସହାୟକ ହେବ ବୋଲି କହିଥିଲେ । ଏହି କାର୍ଯ୍ୟକ୍ରମରେ କେନ୍ଦୁଝର ଟ୍ରକ ମାଲିକ ସଂଘର ଯୁଗ୍ମ ସମ୍ପାଦକ ଦେବାଶିଷ ପଟ୍ଟନାୟକ,ବିଜେଡି ଜିଲ୍ଲା ସମ୍ପାଦକ ବରଦା ପ୍ରସନ୍ନ ଦାସ,ନଗର ବିଜେଡି ସଭାପତି ପୂର୍ଣ୍ଣଚନ୍ଦ୍ର ସାହୁ,ଜିଲ୍ଲା ଯୁବ ବିଜେଡି ଉପସଭାପତି ଜଗଦୀଶ ଆପଟ୍ଟ,ଛାତ୍ର ବିଜେଡି ସଭାପତି ଅବିନାଶ ପଟ୍ଟନାୟକ,ଯୁବ ବିଜେଡି ଉପସଭାପତି ଏସକେ ଇମରାନ,ଇଲେଭେନ ବୁଲେଟ୍ସ କ୍ଲବର ସଭାପତି ସୁରେନ୍ଦ୍ର କୁମାର ଦାସ,ସମ୍ପାଦକ ଦେବୀ ପ୍ରସାଦ ରଥ ଏବଂ କ୍ଲବର ସଦସ୍ୟ ମାନେ ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ । ଏହି ଶିବିରରେ ମୋଟ ୧୦୪ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା ।




# କନ୍ୟାସନ୍ତାନ ପାଇଁ ବିଶ୍ୱ ଆନ୍ଦୋଳନ-ଏକ ଆହ୍ୱାନ

ରାଷ୍ଟ୍ରର ନାଗରିକ ହିସାବରେ, ପରିବାରର ସଦସ୍ୟ ହିସାବରେ, ଗୋଷ୍ଠୀ ସଦସ୍ୟ ଭାବରେ ତଥା ସାମାଜିକ ଅନୁଷ୍ଠାନ ଆଦିର ସଭ୍ୟ ହିସାବରେ ଏହି ଶପଥ ଗ୍ରହଣ କରିବା ଯେ କନ୍ୟାସନ୍ତାନମାନଙ୍କ ପାଇଁ ବିଶ୍ୱ ଆନ୍ଦୋଳନକୁ ଯଥାସାଧ୍ୟ ସହାୟତା ଯୋଗାଇ କ୍ରିୟାଶୀଳ କରିବା। କନ୍ୟାସନ୍ତାନର ଅଧିକାରକୁ ବାଦ୍ ଦେଇ ମାନବିକ ଅଧିକାର ଉପରେ ଆଲୋଚନା କରିବା ହାସ୍ୟାସ୍ପଦ ହେବ। ଏଣୁ ଲିଙ୍ଗଭେଦ ନ ରଖି କନ୍ୟାସନ୍ତାନମାନଙ୍କୁ ସେମାନଙ୍କୁ ସମାନ ଅଧିକାର, ସ୍ୱାଧୀନତା ଓ ସୁଯୋଗ ଯୋଗାଇ ଦିଆଯିବା ବାଞ୍ଛନୀୟ। ସେଇମାନଙ୍କର କୌଣସି କଥାକୁ ହେୟ ନ ମଣି ପ୍ରାଧାନ୍ୟ ଦେବାର ଆବଶ୍ୟକତା ରହିଛି। ସେଇମାନେ ହିଁ ଆମ ସମସ୍ତଙ୍କର ଭବିଷ୍ୟତର କର୍ଣ୍ଣଧାର, ବିଶ୍ୱବାସୀ ପାଖରେ ଜ୍ଞାନ, ସାଧନ ଓ ଆଇନସମ୍ମତ ନିୟମମାନ ରହିଛି। ଏଣୁ ଏକ କନ୍ୟାସନ୍ତାନର ଜୀବନ ଆରମ୍ଭ କରିବା ପାଇଁ ପରିପୁଷ୍ଟ ବାତାବରଣ ଯୋଗାଇ ଦିଆଯାଇପାରିଲେ ତଥା ପରିବାରରେ ସ୍ନେହ ଆଦର ତଥା ଯତ୍ନ, କନ୍ୟାସନ୍ତାନକୁ ଜ୍ଞାନ ଆହରଣରେ ସହାୟକ ହେବା ସଙ୍ଗେ ସଙ୍ଗେ ପରିପୂର୍ଣ୍ଣ ବିକାଶ ନିଶ୍ଚିତ କରିପାରିବ। କନ୍ୟା ଭ୍ରୂଣହତ୍ୟାକୁ ପ୍ରଥମେ ରୋକିବାକୁ ପଡ଼ିବ। ଏଣୁ ପ୍ରଥମେ ଲିଙ୍ଗ ନିରୂପଣ କରିବା ଉପରେ ରୋକ୍ ଲଗାଇବା ପାଇଁ କଠୋରରୁ କଠୋରତର ଦଣ୍ଡବିଧାନର ବ୍ୟବସ୍ଥା ରହିବା ଦରକାର।

କୌଣସି ପରିସ୍ଥିତିରେ ବି ସେମାନଙ୍କୁ ଶୋଷଣ ହେବାର ଦେବାନାହିଁ। ସେଥିପାଇଁ ସରକାରୀ ତଥା ବେସରକାରୀ ସ୍ତରରେ ଆମକୁ ସମସ୍ତଙ୍କୁ ଯତ୍ନବାନ ହେବାକୁ ପଡ଼ିବ। ସେମାନେ ଯେପରି ସେମାନଙ୍କର କୌଣସିପ୍ରକାର ମୌଳିକ ଅଧିକାର ପାଇବାରୁ ବଞ୍ଚିତ ନ ହୁଅନ୍ତି, ସେଥିପ୍ରତି ଧ୍ୟାନ ଦେବାକୁ ପଡ଼ିବ। ସେଇମାନଙ୍କୁ ପ୍ରତ୍ୟେକ ସ୍ତରରେ ନିରାପତ୍ତା ଯୋଗାଇଦେବାକୁ ପଡ଼ିବ, ଯାହାକି ସମାଜର ପ୍ରଥମ ଦାୟିତ୍ୱ ଏବଂ କର୍ତ୍ତବ୍ୟ ମଧ୍ୟ। ସମସ୍ତଙ୍କୁ ମାଆଟିଏ ଦରକାର, ସ୍ତ୍ରୀଟିଏ ଦରକାର, କିନ୍ତୁ କନ୍ୟାସନ୍ତାନ (ଝିଅ)ଟିଏ କାହିଁକି ନୁହଁ? ପ୍ରଦୂଷିତ



ଜଳବାୟୁ ମଧ୍ୟରେ ଶିଶୁମାନଙ୍କ ମଧ୍ୟରେ ରୋଗ ସଂକ୍ରମଣ ହାର ବୃଦ୍ଧି ପାଇବାର ବେଶୀ ସମ୍ଭାବନା ଥାଏ। ଏଣୁ ସେମାନଙ୍କର ଭବିଷ୍ୟତ ଉଜ୍ଜ୍ୱଳମୟ ହେବାପାଇଁ ପୃଥିବୀକୁ ପ୍ରଦୂଷଣମୁକ୍ତ ରଖିବା ଆମ ସମସ୍ତଙ୍କର ନୈତିକ ଦାୟିତ୍ୱ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା, ପ୍ରତ୍ୟେକ ବାଳିକା ଯେପରି ଉଚ୍ଚମାନର ବାଧ୍ୟତାମୂଳକ ଶିକ୍ଷାରୁ ବଞ୍ଚିତ ନ ହୁଅନ୍ତି, ଏଥିପ୍ରତି ସମସ୍ତେ ଧ୍ୟାନ ଦେବା ଜରୁରୀ। ବିଦ୍ୟାଳୟ ଏପରି ଏକ ସ୍ଥାନରେ ହେବା ଉଚିତ, ଯେଉଁଠାରେ ଲିଙ୍ଗଭେଦ ନ ଥିବ କି ସହରରେ ଗୋଟିଏ ଆଦିବାସୀ ତଥା ହରିଜନଙ୍କ ଗରିବ ଘରର ଝିଅ ସହଜରେ ଯାଇ ପାଠ ପଢ଼ିପାରୁଥିବେ। ସେମାନେ ଯେପରି ନିରାପଦ ଓ ଉତ୍ସାହିତ ନିଜକୁ ଅନୁଭବ କରିପାରୁଥିବେ। ପାତରଅନ୍ତରର ଶିକାର ସେମାନଙ୍କୁ ହେବାକୁ ପଡୁ ନ ଥିବ, ସେମାନଙ୍କର ମତାମତକୁ ସମ୍ମାନର ସହ ଗ୍ରହଣ କରାଯାଉଥିବ। ମୌଳିକ ଓ ଉଚ୍ଚମାନର ଶିକ୍ଷା ପାଇବା ପ୍ରତ୍ୟେକ ଶିଶୁ (କନ୍ୟାସନ୍ତାନ)ର ଜନ୍ମଗତ ଅଧିକାର। ଆଦିବାସୀ ହୁଅନ୍ତୁ, ହରିଜନ ହୁଅନ୍ତୁ, ଆର୍ଥିକ ଦୁର୍ବଳ ଶ୍ରେଣୀର ହୁଅନ୍ତୁ ଅବା ଭିନ୍ନକ୍ଷମ ହୁଅନ୍ତୁ ସେମାନଙ୍କୁ ଆଦୌ ମୌଳିକ ତଥା ଉଚ୍ଚଶିକ୍ଷାରୁ ବଞ୍ଚିତ କରାଯାଇପାରିବ ନାହିଁ। ସେମାନଙ୍କ ପକ୍ଷରେ ନିରନ୍ତର ଶିକ୍ଷାର ଆବଶ୍ୟକତା ରହିଛି। କୌଣସି ପରିସ୍ଥିତିରେ ବି ଜଣେ କନ୍ୟାସନ୍ତାନ ଏଥିରୁ ବଞ୍ଚିତ ହେବା ଅନୁଚିତ।

ଏପର୍ଯ୍ୟନ୍ତ କନ୍ୟାସନ୍ତାନ ଉପରେ ହୋଇଆସିଥିବା ଅତ୍ୟାଚାର ଏବଂ ଶୋଷଣର ଅନ୍ତ ହେବା ଉଚିତ। ବିଶେଷ କରି ଯୌନ ଅତ୍ୟାଚାର ଏବଂ ଶୋଷଣର ଅନ୍ତ ହେବା ଉଚିତ। ନାବାଳିକା ଚାଲାଣ ବନ୍ଦ ହେବା ଦରକାର। ଏକ ନିରାପଦ ଓ ସହାୟକ ବାତାବରଣ ମଧ୍ୟରେ କନ୍ୟାସନ୍ତାନର ବିକାଶ ଘଟିବା ତା'ର ଅଧିକାର। ତାକୁ ନିରାପତ୍ତା ଯୋଗାଇଦେବା ଓ ମାର୍ଗ ପ୍ରଦର୍ଶନ କରିବା ବୟସ୍କମାନଙ୍କ ଦାୟିତ୍ୱ। ଘରେ ହେଉ ବା ବିଦ୍ୟାଳୟରେ, ରାସ୍ତାରେ ହେଉ ବା କାର୍ଯ୍ୟାଳୟରେ ସେହିମାନଙ୍କୁ କେବେହେଲେ ବି ଆଘାତ ଦେବା ଆଦୌ ଉଚିତ ନୁହେଁ। ଶିଶୁମାନଙ୍କୁ ତଥା କନ୍ୟାସନ୍ତାନମାନଙ୍କୁ ଏଚ୍‌ଆଇଭି/ଏଡ୍‌ସ ସଂକ୍ରମଣରୁ ରକ୍ଷାକରିବାକୁ ପଡ଼ିବ।

ପ୍ରଥମେ ମାଆମାନଙ୍କର ଯତ୍ନ ନେଲେ ଶିଶୁମାନଙ୍କର (କନ୍ୟାସନ୍ତାନ-ମାନଙ୍କର) ସୁରକ୍ଷା ପ୍ରତି ଧ୍ୟାନ ଦେଇହେବ। ଏକ ସର୍ବେକ୍ଷଣରୁ ଜଣାପଡ଼ିଛି, ପ୍ରତିବର୍ଷ ୩,୦୦,୦୦୦ ମା' ଗର୍ଭକାଳୀନ ସ୍ୱାସ୍ଥ୍ୟ ସମସ୍ୟାରେ ମୃତ୍ୟୁବରଣ କରିଥା'ନ୍ତି। ମା'ମାନଙ୍କର ମୃତ୍ୟୁ ଶିଶୁମାନଙ୍କର ଜୀବନକୁ ନିରାଶଜନକ ଭାବେ ପ୍ରଭାବିତ କରିଥାଏ। ଦେଖାଯାଇଛି, ଯେଉଁ ଶିଶୁ ଜନ୍ମରୁ ମାଆକୁ ହରାଇଥାଏ, ପ୍ରାୟତଃ ଏକବର୍ଷରୁ ଅଧିକା ବଞ୍ଚିପାରନ୍ତି ନାହିଁ। ଏଣୁ ଗର୍ଭାବସ୍ଥାରେ ତା'ପୂର୍ବରୁ ଓ ପରେ ମାଆର ଯତ୍ନ ନେବାକୁ ପଡ଼ିବ। ପରିଚ୍ଛନ୍ନତା ଓ ପରିମଳ ପ୍ରତି ଧ୍ୟାନଦେବା ସଙ୍ଗେ ସଙ୍ଗେ ପୋଷଣ ନିହାତି ଜରୁରୀ। ଲିଙ୍ଗ ନିରୂପଣରେ ପ୍ରତିବନ୍ଧକ ଲାଗିବା ନିହାତି ଆବଶ୍ୟକ। ଶିଶୁମାନଙ୍କର ସୁରକ୍ଷା କ୍ଷେତ୍ରରେ ୟୁନିସେଫ୍ ଯଥେଷ୍ଟ ଦୃଷ୍ଟାନ୍ତମୂଳକ ପଦକ୍ଷେପମାନ ନେଇଛନ୍ତି। ଗର୍ଭାବସ୍ଥାରେ ମାଆମାନଙ୍କୁ ଏବଂ ଛୁଆମାନଙ୍କୁ ଯେପରି ପୌଷ୍ଟିକ ଖାଦ୍ୟ ଯୋଗାଇ ଦିଆଯାଏ, ସେଥିପ୍ରତି ସମସ୍ତ ପ୍ରକାର ବ୍ୟବସ୍ଥା କରିଛନ୍ତି। ୧୯୮୯ରେ ଅନୁଷ୍ଠିତ ହୋଇଥିବା ଶିଶୁ ଅଧିକାର ସମ୍ମିଳନୀକୁ ବିଶ୍ୱ ସମ୍ପ୍ରଦାୟ ସ୍ୱୀକୃତି ପ୍ରଦାନ କରିଥିଲା। ଏହି ସମ୍ମେଳନରେ ଉଲ୍ଲିଖିତ ଥିଲା ଯେ ସମସ୍ତ ସ୍ଥାନରେ ପ୍ରତ୍ୟେକ ଶିଶୁର (କନ୍ୟା) ବଞ୍ଚିବା ଓ ସମସ୍ତ ପ୍ରକାର ସୁଯୋଗ ପାଇବାର ଅଧିକାର ଅଛି, ଭେଦଭାବ ଓ ଦୁର୍ବ୍ୟବହାରର ସୁରକ୍ଷା ପାଇବାର ଅଧିକାର ରହିଛି ଏବଂ ବିଭିନ୍ନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବାର ଅଧିକାର ରହିଛି। ବିଶେଷତଃ ସେଇ ନିଷ୍ପତ୍ତିରେ ଯାହା ସେମାନଙ୍କ ଜୀବନକୁ ପ୍ରଭାବିତ କରିଥାଏ। ସମ୍ମେଳନରେ ସ୍ୱୀକୃତିଧାରାଗୁଡ଼ିକ ଅପରିବର୍ତ୍ତନୀୟ। ବିଶ୍ୱର ରାଷ୍ଟ୍ରସମୂହ ଏହି ଧାରାସବୁକୁ ସ୍ୱୀକୃତି ଦେବା ସଙ୍ଗେ ସଙ୍ଗେ ଶିଶୁମାନଙ୍କ ଅଧିକାର ଏବଂ ସୁରକ୍ଷା ନିଶ୍ଚିତ କରିବା ପାଇଁ ଅଙ୍ଗୀକାରବଦ୍ଧ ହୋଇଛନ୍ତି। ତେଣୁ ପ୍ରତିଶ୍ରୁତି ପାଳନ କରିବାକୁ ସମସ୍ତ ରାଷ୍ଟ୍ର ବାଧ୍ୟ। ପ୍ରଚୁର ପୁଞ୍ଜିନିବେଶ କରିବାର ଆବଶ୍ୟକତା ମଧ୍ୟ ରହିଛି, ଯେପରିକି ଶିଶୁମାନଙ୍କ ତଥା କନ୍ୟାସନ୍ତାନମାନଙ୍କ କ୍ଷେତ୍ରରେ ଅର୍ଥର ଅଭାବ ରହିବ ନାହିଁ। ଶିଶୁମାନଙ୍କ ସ୍ୱାସ୍ଥ୍ୟସେବାରେ ଆଖିଦୃଶିଆ ଉନ୍ନତି ପରିଲକ୍ଷିତ ହେଉନାହିଁ। ବିଶ୍ୱରେ ପ୍ରତିବର୍ଷ ପାଂଚବର୍ଷରୁ କମ୍ ବୟସର ୧୩ ନିୟୁତ ଶିଶୁ ମୃତ୍ୟୁବରଣ କରିଥା'ନ୍ତି। ଏମାନଙ୍କ ମଧ୍ୟରୁ ଅଧିକାଂଶଙ୍କୁ ମୃତ୍ୟୁମୁଖରୁ ବଞ୍ଚାଯାଇ ପାରନ୍ତା। ଯେପରିକି ଟୀକାକରଣ ଦ୍ୱାରା ମିଳିମିଳା, ଧନୁଷ୍ଟଙ୍କାର ଭଳି ଦୁରାରୋଗରୁ ମୁକ୍ତି ମିଳିଥାଏ। ନିମୋନିଆ ମ୍ୟାଲେରିଆ ଭଳି ରୋଗ ଠିକ୍ ସମୟରେ ଚିକିତ୍ସା ଏବଂ ଔଷଧ ବ୍ୟବସ୍ଥା ଦ୍ୱାରା କମ୍ କରାଯାଇପାରନ୍ତା। ଯାହାହେଉ, ଏହା ଏକ ସୁସମ୍ବାଦ ଯେ ପାଞ୍ଚବର୍ଷ ବୟସରୁ କମ୍ ଶିଶୁମାନଙ୍କ ମୃତ୍ୟୁହାର ହ୍ରାସ ପାଉଛି। ତେଣୁ ଏଥିପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେବାକୁ ପଡ଼ିବ।

**ପ୍ରତାପ ଚନ୍ଦ୍ର ସାହୁ**
**ନବରଙ୍ଗପୁର**

# ଆଶାର ସୂର୍ଯ୍ୟୋଦୟ ଓ ଆମେ ଭାରତୀୟ



ସ୍ୱାଧୀନତା ପ୍ରାପ୍ତିପରେ ଭାରତରେ ୧୯୪୯ ମସିହା ନଭେମ୍ବର ୨୬ ତାରିଖ ଦିନ ନୂତନ ଭାବେ ପ୍ରଣୀତ ସମ୍ବିଧାନକୁ କାର୍ଯ୍ୟକାରୀ କରାଗଲା। ଏବଂ ସେଦିନଠାରୁ ସେହି ଦିନଟି ଦେଶପାଇଁ ଏକ ଐତିହାସିକ ଦିବସ ରୂପେ ଲିପିବଦ୍ଧ ହୋଇ ରହିଲା। ସେହି ଗୁରୁତ୍ୱପୂର୍ଣ୍ଣ ତଥା ଐତିହାସିକ ଘଟଣାର ୭୨ତମ ସାଧାରଣତନ୍ତ୍ର ଦିବସ ୧୯୫୦ ଜାନୁଆରୀ, ୨୬ରେ ପୂର୍ଣ୍ଣାଙ୍ଗ ରୂପେ ସ୍ୱାଧୀନ ଭାରତ ପାଇଁ ସୁଦୃଢ଼ ଭିତ୍ତିଭୂମି ସ୍ଥାପନ କରିଥିଲା। ଏବେ ଆମ୍ଭମାନଙ୍କ ମନରେ ପ୍ରଶ୍ନ ଆସୁଛି ଯେ, ଭାରତୀୟ ଗଣତନ୍ତ୍ରର ଭବିଷ୍ୟତ କିପରି? ଉତ୍ତରଟି ନିଶ୍ଚୟ ହେବ ଉଜ୍ଜଳ, ସୁଦୃଢ଼, ନିରାପଦ ଏବଂ ଶକ୍ତିଶାଳୀ। ଏହାର ଗଣତାନ୍ତ୍ରିକ ସ୍ତମ୍ଭ ଏତେ ଗଭୀର ସ୍ତରକୁ ଯାଇଛି ଯେ ଭବିଷ୍ୟତରେ କୌଣସି ରାଜନୈତିକ ଦଳ, ବ୍ୟକ୍ତି କିମ୍ବା ସାମରିକ ଶକ୍ତି ଆମ ଦେଶରେ ଏକଛତ୍ରବାଦ ଶାସନ କରିପାରିବେ ନାହିଁ କିମ୍ବା କୌଣସି ଦଳ ନିରବଚ୍ଛିନ୍ନ ଭାବରେ କ୍ଷମତାକୁ ଜାବୁଡ଼ି ଧରିପାରିବେ ନାହିଁ। ଦେଶର ଜନତା ବା ଜନଶକ୍ତି ହିଁ ସକଳ କ୍ଷମତାର ଆଧାର। ଭାରତୀୟ ଗଣତନ୍ତ୍ରରେ ନୈରାଶ ବାଦର ସ୍ଥାନ ନାହିଁ। ବିଶ୍ୱର ସର୍ବବୃହତ ଏବଂ ସର୍ବଜନାଦୃତ ସମ୍ବିଧାନ ପ୍ରଣୟନରେ ଡକ୍ଟର ରାଜେନ୍ଦ୍ର ପ୍ରସାଦ, ପଣ୍ଡିତ ଜବାହରଲାଲ ନେହେରୁ, ଡକ୍ଟର ଭୀମ ରାଓ ଆମ୍ବେଦକର, ସର୍ଦ୍ଦାର ବଲ୍ଲଭଭାଇ ପଟେଲ, ଶ୍ରୀମତୀ ସୁଚେତା କ୍ରିପାଳିନୀ, ଶ୍ରୀମତୀ ସରୋଜିନୀ ନାଇଡୁ, ଶ୍ରୀ ବି.ଏନ.ରାଓ, ପଣ୍ଡିତ ଗୋବିନ୍ଦ ବଲ୍ଲଭ ପନ୍ଥ, ଶ୍ରୀ ଶରତ ଚନ୍ଦ୍ର ବୋଷ, ଶ୍ରୀ ରାଜ ଗୋପାଳଚାରୀ, ଶ୍ରୀ ଏନ. ଗୋପାଳ ସ୍ୱାମୀ, ଆୟାଙ୍ଗାର, ଡ଼କ୍ଟର ଶ୍ୟାମା ପ୍ରସାଦ ମୁଖାର୍ଜୀ, ଶ୍ରୀ ଗୋପିନାଥ ବର୍ଦ୍ଦୋଲୋଇ, ଶ୍ରୀ ଜେ.ବି କ୍ରିପ ଲାନୀଙ୍କ ଭଳି ମହାନ୍ ବିଦ୍ୱାନମାନଙ୍କର ବିଶେଷ ଅବଦାନ ରହିଛି। ବିଶ୍ୱର ଯେତେ ରାଷ୍ଟ୍ରଙ୍କ କାର୍ଯ୍ୟକ୍ଷମ ସମ୍ବିଧାନ ରହିଚି, ଭାରତର ସମ୍ବିଧାନ ପ୍ରଣୀତ ହେବା ପୂର୍ବରୁ ସେସବୁକୁ ତନ୍ନତନ୍ନ କରି ଅଧ୍ୟୟନ କରାଯାଇ ତାହା ଉପରେ ବ୍ୟାପକ ତର୍ଜମା, ଆଲୋଚନା କରାଯାଇଥିଲା ଏବଂ ସେସବୁର ସୁଗୁଣ ଗୁଡ଼ିକୁ ଆହରଣ କରାଯାଇ ଭାରତର ସମ୍ବିଧାନ ଚିଠା ପ୍ରସ୍ତୁତ କରାଯାଇଥିଲା। ଏହା ଉପରେ ଆଲୋଚନା ସକାଶେ ଅନୁନ୍ୟ ୧୪୧ ଟି ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଏବଂ ଏଥିପାଇଁ ମୋଟ ୨ ବର୍ଷ ୧୧ ମାସ ଓ ୧୭ ଦିନ ସମୟ ଲାଗିଥିଲା। ସମ୍ବିଧାନ ସଭାର ନିଖୁଣ ବିଶ୍ଳେଷଣର ନିର୍ଯାସ ସ୍ୱରୁପ ଏକ ପ୍ରସ୍ତାବନା ସହିତ ୩୯୫ଟି ଧାରା ଓ ୮ ଟି ପରିଶିଷ୍ଟ ସହିତ ସ୍ୱାଧୀନ ଭାରତର ନୂତନ ସମ୍ବିଧାନ ଗ୍ରନ୍ଥ ପ୍ରସ୍ତୁତ କରାଯାଇଥିଲା ଯାହାକି ସ୍ୱାଧୀନ ଭାରତ ନିମନ୍ତେ ଏକ କାର୍ଯ୍ୟକ୍ଷମ ଓ ଜନମଙ୍ଗଳ ସମ୍ବିଧାନର ରୂପ ଧାରଣ କରିଥିଲା। ପ୍ରଣୀତ ହେବାର ସାତ ଦଶନ୍ଧି ମଧ୍ୟରେ ଭାରତର ମୂଳ ସମ୍ବିଧାନ ଦୀର୍ଘ ପଥ ଅତିକ୍ରମ କରିଛି ଏବଂ ଏହି ଅବଧି ମଧ୍ୟରେ ଦେଶର ତଥା ଦେଶବାସୀଙ୍କ ନିମନ୍ତେ ସମୟର ଆବଶ୍ୟକତାକୁ ନେଇ ଏଥିରେ ଅନେକ ସଂଶୋଧନ କରାଯାଇଛି। ଅଧୁନା ଆମର ସମ୍ବିଧାନରେ ଚାରିଶହରୁ ଅଧିକ ଧାରା ଏବଂ ବାରଟି ପରିଶିଷ୍ଟ ରହିଛି। ଯାହାକି ଶାସନ ବ୍ୟବସ୍ଥା ପାଇଁ ବ୍ୟାପକ ପ୍ରାବଧାନର ବ୍ୟାପ୍ତିକୁ ସୂଚିତ କରେ। ଦେଶର ନାଗରିକଙ୍କ ଆଶା ଆକାଂକ୍ଷା ତଥା ସମୟର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏଥିରେ ସଂଶୋଧନ ସହିତ ସୁଶାସନ ବ୍ୟବସ୍ଥାର ସକଳ ପ୍ରକାର ପ୍ରାବଧଶନ ରହିଛି। ଆଜିଭାରତର ଗଣତନ୍ତ୍ର ସକଳ ପ୍ରକାର ଆହ୍ୱାନକୁ ସାମ୍ନା କରିବା ସହିତ କେବଳ ସୁଦୃଢ଼ ଭାବେ ସୁପ୍ରତିଷ୍ଠିତ ହୋଇନାହିଁ ଅପରନ୍ତୁ ବୈଶ୍ୱିକ ସ୍ତରରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ମଧ୍ୟ ସୃଷ୍ଟି କରିବାକୁ ସକ୍ଷମ ହୋଇପାରିଛି। ଏହାର ସମସ୍ତ ଶ୍ରେୟ ସମ୍ବିଧାନର ସୁଦୃଢ଼ ଢ଼ାଞ୍ଚା ତଥା ସକ୍ରିୟ ଆନୁଷ୍ଠାନିକ ସୁପରିଚାଳନାର ବ୍ୟବସ୍ଥା ନିମନ୍ତେ ଏଥିରେ ଥିବା ପ୍ରାବଧାନକୁ ହିଁ ଯାଏ। ଭାରତର ସମ୍ବିଧାନ ଦେଶବାସୀଙ୍କ ନିମନ୍ତେ ଏକ ସାମାଜିକ ଆର୍ଥିକ ତଥା ରାଜନୈତିକ ଗଣତନ୍ତ୍ର ବ୍ୟବସ୍ଥାକୁ ସୁନିଶ୍ଚିତ କରିଛି। ଏହା ଭାରତର ସମସ୍ତ ନାଗରିକ ସେମାନଙ୍କର ଜାତୀୟ ଲକ୍ଷ୍ୟକୁ ଶାନ୍ତିପୂର୍ଣ୍ଣ ତଥା ଗଣତାନ୍ତ୍ରିକ ବ୍ୟବସ୍ଥା ମଧ୍ୟରେ ହାସଲ କରିବା ସକାଶେ ଥିବା ଅଙ୍ଗୀକାରବଦ୍ଧତାକୁ ମଧ୍ୟ ସ୍ପଷ୍ଟ ଭାବେ ବି ନିର୍ଦ୍ଦିଷ୍ଟ କରେ। ପରିଣାମତଃ ଆମର ସମ୍ବିଧାନ ବେଳ ଏକ ବିଧି ଗ୍ରନ୍ଥ ଭାବେ ପରିଗଣିତ ହୁଏ ନାହିଁ ବରଂ ଏହା ଏପରି ଏକ ଗୁରୁତ୍ୱପୂର୍ଣ୍ଣ ସାଧନ ଯାହା ସମାଜର ସମସ୍ତ ବର୍ଗଙ୍କ ସ୍ୱାଧୀନତାକୁ ସୁରକ୍ଷା ପ୍ରଦାନ କରେ ଓ ଦେଶର ପ୍ରତ୍ୟେକ ନାଗରିକଙ୍କ ସମାନତାର ଅଧିକାରକୁ ଜାତି, ଗୋତ୍ର, ଲିଙ୍ଗ, ଧର୍ମ, ସମ୍ପ୍ରଦାୟ କିମ୍ବା ଭାଷା ନିର୍ବିଶେଷରେ ସୁନିଶ୍ଚିତ କରେ ଏବଂ ଏକଥା ମଧ୍ୟ ସୁନିଶ୍ଚିତ କରେ ଯେ ରାଷ୍ଟ୍ର ଯେଭଳି ନିରନ୍ତର ତା'ର ପ୍ରଗତି ତଥା ସମୃଦ୍ଧ ପଥରେ ଧାବମାନ ରହିପାରିବ। ଏହା ଆମର ସମ୍ବିଧାନ ନିର୍ମାତାଙ୍କ ସୁଦୂରପ୍ରସାରୀ ଦୂରଦୃଷ୍ଟିକୁ ମଧ୍ୟ ସୂଚିତ କରେ ଏବଂ ସେମାନଙ୍କର ଭାରତୀୟ ଜାତୀୟତା ଉପରେ କେତେ ମାତ୍ରାରେ ଆସ୍ଥା ଓ ବିଶ୍ୱାସ ଥିଲା ତାହାକୁ ମଧ୍ୟ ଦର୍ଶାଏ। ବିଗତ ସାତ ଦଶନ୍ଧି ମଧ୍ୟରେ ଏହି ସମ୍ବିଧାନ ବଳବତ୍ତର ରହିଆସିଛି। ଏବଂ ଏହାକୁ ପାଥେୟ କରି ଆମ୍ଭେମାନେ ଅନେକ ମାଇଲଖୁଣ୍ଟ ଅତିକ୍ରମ କରିଛୁ ଓ ଅନେକ ସଫଳତା ହାସଲ କରିଛୁ। ଆମେ ବିଶ୍ୱର ସର୍ବବୃହତ ଓ ସଫଳ ଗଣତନ୍ତ୍ରର ମାନ୍ୟତା ହାସଲ କରିବାର ଗୌରବର ଅଧିକାରୀ ମଧ୍ୟ ହୋଇଛୁ। ଆମର ବିଶାଳ ସଂଖ୍ୟକ ମତଦାତାଙ୍କ ସତ୍ତ୍ୱେ ଆମର ନିର୍ବାଚନ ଧାରା ନିରବଚ୍ଛିନ୍ନ ଭାବେ ଜାରି ରହିଛି। ଆମର ଗଣତାନ୍ତ୍ରିକ ବ୍ୟବସ୍ଥା କୌଣସି ପରିସ୍ଥିତିରେ ଅକ୍ଷମତାର ଶିକାର ହୋଇନାହିଁ। ବରଂ ସଫଳତାର ସହ ଅନୁଷ୍ଠିତ ପ୍ରତ୍ୟେକଟି ନିର୍ବାଚନ ଆମର ଗଣତନ୍ତ୍ରର ସୁବ୍ୟବସ୍ଥାକୁ ପ୍ରମାଣସିଦ୍ଧ କରିଛି ଏବଂ ସମୟର କଷଟି ପଥରରେ ଏହା ସୁପରିକ୍ଷିତ ହୋଇଛି। ଗଣତାନ୍ତ୍ରିକ ଜୟଯାତ୍ରା ଅବଧି ଯାହାକି ସାତ ଦଶନ୍ଧି ଧରି ବ୍ୟାପ୍ତ ସେଥି ମଧ୍ୟରେ ଦେଶରେ ୧୭ଟି ଲୋକସଭା ନିର୍ବାଚନ ଏବଂ ତିନିଶହରୁ ଅଧିକଟି ରାଜ୍ୟ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହୋଇଛି। ଏହି ସବୁ ନିର୍ବାଚନରେ ଅଧିକରୁ ଅଧିକ ସଂଖ୍ୟକ ମତଦାତାଙ୍କ ସକ୍ରିୟ ଅଂଶଗ୍ରହଣ ଆମ ଗଣତନ୍ତ୍ରର ସଫଳତାର ଔଜ୍ଜଲ୍ୟକୁ ପ୍ରମାଣିତ କରେ। ଭାରତର ଗଣତନ୍ତ୍ର ସମଗ୍ର ବିଶ୍ୱକୁ ପ୍ରଦର୍ଶନ କରିଛି ଯେ ରାଜନୈତିକ କ୍ଷମତା କିଭଳି ଭାବେ ଓ ଶାନ୍ତିପୂର୍ଣ୍ଣ ତଥା ଗଣତାନ୍ତ୍ରିକ ପ୍ରକ୍ରିୟାକୁ ରୂପାନ୍ତରିତ ହୋଇପାରେ। ଭାରତୀୟ ସମ୍ବିଧାନରେ ରାଜ୍ୟମାନଙ୍କ ମଧ୍ୟରେ କ୍ଷମତାର ସୁସଂଗତ ବିଭାଜନ ଓ ବଣ୍ଟନ ବିନିର୍ଦ୍ଦିଷ୍ଟ ଭାବେ କରାଯାଇଛି। ରାଷ୍ଟ୍ରର ତିନିଗୋଟି ପ୍ରମୁଖ ଅଙ୍ଗ ଯଥା ବିଧାନପାଳିକା, କାର୍ଯ୍ୟପାଳିକା ଓ ନ୍ୟାୟପାଳିକାର ନିଜସ୍ୱ ନିର୍ଦ୍ଦିଷ୍ଟ ତଥା ସ୍ୱାଧୀନ ପରିଚୟ ରହିଛି ଏବଂ ସେମାନେ ସଭିଏଁ ନିଜ ନିଜ କ୍ଷେତ୍ର ମଧ୍ୟରେ ସ୍ୱାଧୀନ ଓ ସ୍ୱଚ୍ଛନ୍ଦରେ କାର୍ଯ୍ୟରତ। ଏହିଭଳି ଭାବେ ସେମାନେ କେହି କାହାର କର୍ମକ୍ଷେତ୍ର ମଧ୍ୟକୁ ସୀମା ଅତିକ୍ରମ କରିବାର କୌଣସି ଅବସର ନାହିଁ। ଭାରତୀୟ ଗଣତାନ୍ତ୍ରିକ ବ୍ୟବସ୍ଥାରେ ସଂସଦର ସ୍ଥାନ ସର୍ବୋଚ୍ଚ କିନ୍ତୁ ତାହାର ମଧ୍ୟ ନିର୍ଦ୍ଦିଷ୍ଟ ସୀମାରେଖା ରହିଛି। ଭାରତୀୟ ସମ୍ବିଧାନର ବିଧି ବ୍ୟବସ୍ଥା ତଥା ଆଦର୍ଶରେ ପରିଚାଳିତ ହୋଇ ସଂସଦୀୟ ବ୍ୟବସ୍ଥା କାର୍ଯ୍ୟ କରିଥାଏ। ସମ୍ବିଧାନକୁ ସଂଶୋଧନ କରିବାର କ୍ଷମତା ସଂସଦଠାରେ ନ୍ୟସ୍ତ କିନ୍ତୁ ଏହାର ମୌଳିକ ଢ଼ାଞ୍ଚାରେ କୌଣସି ପରିବର୍ତ୍ତନ କରାଯାଇ ପାରିବନାହିଁ। କାର୍ଯ୍ୟକାରୀ ହେବା ଦିନଠାରୁ ଏଯାବତ୍ ସମ୍ବିଧାନରେ ଶହେରୁ ଅଧିକ ଥର ସଂଶୋଧନ କରାଯାଇସାରିଛି। କିନ୍ତୁ ଏତେସବୁ ସଂଶୋଧନ ପରେ ସୁଦ୍ଧା ଆମର ସମ୍ବିଧାନର ମୂଳ ବୈଶିଷ୍ଟ୍ୟ ଓ ଆଭିମୁଖ୍ୟ ଅପରିବର୍ତ୍ତିତ ଓ ଅତୁଟ ରହିଛି। ଭାରତର ସମ୍ବିଧାନ ଦେଶର ନାଗରିକଙ୍କ ସ୍ୱାର୍ଥ ଉପରେ ସ୍ୱତନ୍ତ୍ର ଭାବେ ପ୍ରାଧାନ୍ୟ ଆରୋପ କରେ ଏବଂ ଏଥିପାଇଁ ସମ୍ବିଧାନର ତୃତୀୟ ଅନୁଚ୍ଛେଦରେ ଧାରା ୧୨ ଠାରୁ ଧାରା ୩୫ ପର୍ଯ୍ୟନ୍ତ ମୌଳିକ ଅଧିକାରର ବ୍ୟବସ୍ଥା ରହିଛି ଯାହାକି ଡେଉଛି ଏହାର ପ୍ରମୁଖ ପ୍ରମାଣ। ଏଭଳି ବ୍ୟବସ୍ଥା ଭାରତର ସମସ୍ତ ନାଗରିକଙ୍କୁ ସମାନ ଦୃଷ୍ଟିରେ ଦେଖିବାକୁ ସୁନିଶ୍ଚିତ କରେ ଓ ସେମାନଙ୍କୁ ଐକବଦ୍ଧ କରିବାର ଏକ ବିଶେଷ ଶକ୍ତି ରୂପେ କାର୍ଯ୍ୟକରେ ; ମୂଳ ସମ୍ବିଧାନରେ ନାଗରିକଙ୍କ ନିମନ୍ତେ ସାତଟି ମୌଳିକ ଅଧିକାରର ପ୍ରାବଧାନ ଥିଲା। କିନ୍ତୁ ୪୪ଟୀ ସମ୍ବିଧାନ ସଂଶୋଧନ ଆଇନ ବଳରେ ସମ୍ପତ୍ତିଗତ ଅଧିକାରକୁ ସେଥିରୁ ପୃଥକ କରାଯାଇଥିଲା। ତେଣୁ ଏହି ଅଧିକାରକୁ ସେବେଠାରୁ ସମ୍ବିଧାନରେ ଏକ ଆଇନଗତ ଅଧିକାର ଭାବେ ସାମିଲ କରାଯାଇଥିଲା। ଅଧୁନା ଆମ ସମ୍ବିଧାନ ଛଅଗୋଟି ମୌଳିକ ଅଧିକାରକୁ ଏହାର ନାଗରିକଙ୍କ ସକାଶେ ସୁନିଶ୍ଚିତ କରେ। ସେହିସବୁ ମୌଳିକ ଅଧିକାରଗୁଡ଼ିକ ହେଲା ସମାନତାର ଅଧିକାର, ସ୍ୱାଧୀନତାର ଅଧିକାର, ଶୋଷଣ ବିରୋଧି ଅଧିକାର, ଧର୍ମାଚରଣ ସ୍ୱାଧୀନତାର ଅଧିକାର ଅଧିକାର ସାଂସ୍କୃତିକ ଓ ଶୈକ୍ଷିକ ଅଧିକାର ତଥା ସାମ୍ବିଧାନିକ ପ୍ରତି ବିଧାନଗତ ଅଧିକାର। ଏହିସବୁ ମାଧ୍ୟମରେ ଆମ ସମ୍ବିଧାନ ଆମର ସାଂସ୍କୃତିକ ବିବିଧତା ସତ୍ତ୍ୱେ ସମସ୍ତ ନାଗରିକଙ୍କ ନିମନ୍ତେ ଏକାପ୍ରକାର ସୁବିଧା ସୁଯୋଗ ପ୍ରଦାନ ପାଇଁ ସତତ ଚେଷ୍ଟା କରିଥାଏ। ବସ୍ତୁତଃ ନାଗରିକଙ୍କୁ ପ୍ରଦାନ କରାଯାଇଥିବା ଏହିସବୁ ଅଧିକାରଗୁଡ଼ିକ ହେଉଛି ଆମ ସମ୍ବିଧାନର ନିଚ୍ଛକ ମାନସିକତା ତଥା ଆଭିମୁଖ୍ୟ। ଆମର ସମ୍ବିଧାନ ଏଥିରେ ଥିବା ମୌଳିକ ଅଧିକାର ଗୁଡ଼ିକ ସହିତ ନାଗରିକଙ୍କ ନିମନ୍ତେ କେତେଗୁଡ଼ିଏ ମୌଳିକ କର୍ତ୍ତବ୍ୟର ମଧ୍ୟ ପ୍ରାବଧାନ ରହିଛି। ମୌଳିକ ଅଧିକାର ସବୁ ମୂଳ ସମ୍ବିଧାନରେ ହିଁ ସାମିଲ ହୋଇଥିଲା। ଯଦ୍ୟପି ସମୟ ସ୍ରୋତରେ ଆଗକୁ ଅଗ୍ରସର ହେବା ପ୍ରକ୍ରିୟାରେ ଏହା ଅନୁଭୂତ ହୋଇଥିଲା ଯେ ଭାରତର ନାଗରିକଗଣଙ୍କ ପାଇଁ ମୌଳିକ ଅଧିକାର ସହିତ କେତେଗୋଟି ମୌଳିକ କର୍ତ୍ତବ୍ୟ ମଧ୍ୟ ରହିବା ବାଞ୍ଛନୀୟ। ତେଣୁ ସମ୍ବିଧାନ ସେମାନଙ୍କ କାନ୍ଧରେ କେତୋଟି ମୌଳିକ କର୍ତ୍ତବ୍ୟ ମଧ୍ୟ ସ୍ଥାପନ କରିଛି। ସମ୍ବିଧାନର ୪୨ ଟୀ ସମ୍ବିଧାନ ସଂଶୋଧନରେ ଏଭଳି ସକ୍ରିୟ ମୌଳିକ ଅଧିକାରକୁ ଏଥିଷର ସଂଯୋଗ କରାଯାଇଥିଲା। ଆଜି ଆମ ସମ୍ବିଧାନର ଧାରା ୫୧ (ଏ) ରେ ମୋଟ ୧୧ ଗୋଟି ମୌଳିକ କର୍ତ୍ତବ୍ୟ ସାମିଲ କରାଯାଇଛି। ୪୨ଟା ସମ୍ବିଧାନ ସଂଶୋଧନ ଦ୍ୱାରା ୧୦ ଟି କର୍ତ୍ତବ୍ୟ ଯୋଡ଼ା ଯାଇଥିବାବେଳେ ଏକାଦଶ କର୍ତ୍ତବ୍ୟଟି ୨୦୦୨ ମସିହାରେ ଗୃହୀତ ୮୬ ଟୀ ସମ୍ବିଧାନ ସଂଶୋଧନ ଆଇନ ମାଧ୍ୟମରେ ସମ୍ବିଧାନରେ ସଂଯୋଗ କରାଯାଇଛି। ସମ୍ବିଧାନରେ ସାମିଲ କରାଯାଇଥିବା ମୌଳିକ କର୍ତ୍ତବ୍ୟ ସୁନିଶ୍ଚିତ କରେ ଯେ, ଦେଶର ନାଗରିକମାନେ ଯେଭଳି ଅଖଣ୍ଡ କ୍ଷମତାର ଅଧିକାରୀ ନହୋଇ ପାରନ୍ତି ବରଂ ସେମାନଙ୍କୁ ସମ୍ବିଧାନ ପ୍ରଦାନ କରିଥିବା ମୌଳିକ ଅଧିକାର ଭଳି ସେମାନେ ମଧ୍ୟ କେତେକ ମୌଳିକ ଗଣତାନ୍ତ୍ରିକ ଆଚରଣ ଓ ମାନସିକତାର ସହ ନିଜର କର୍ତ୍ତବ୍ୟ ସଂପାଦନ କରିବେ ଯଦ୍ୱାରା ଅଧିକାର ଓ କର୍ତ୍ତବ୍ୟ ସମତାଳରେ ଚାଲିପାରିବ। ଏହି ପରିପ୍ରେକ୍ଷୀରେ ଆଜି ଆମ ଦେଶ ଯେଉଁ ସବୁ ଚାଲେଞ୍ଜର ସମ୍ମୁଖୀନ ହେଉଛି ଏବଂ ଆମମାନଙ୍କ ଉଚ୍ଚତର ଆଶା ଆକାଂକ୍ଷାକୁ ସାକାର କରିବା ନିମନ୍ତେ ଦେଶର ସମସ୍ତ ନାଗରିକମାନଙ୍କର ରାଷ୍ଟ୍ର ପ୍ରତି ସମର୍ପିତ ଭାବେ କିଛି କର୍ତ୍ତବ୍ୟ ସଂପାଦନର ମଧ୍ୟ ଦାୟୀତ୍ୱ ରହିଛି। ଆମେମାନେ ଯଦି ଏକବିଂଶ ଶତାବ୍ଦୀକୁ ଭାରତର ଶତାବ୍ଦୀ ଭାବେ ଦେଖିବାକୁ ଚାହୁଁ ତେବେ ଏହାର ସମସ୍ତ ନାଗରିକଙ୍କୁ ମଧ୍ୟ ତଦନୁସାରେ ସମର୍ପଣ ଭାବନାର ସହ କାର୍ଯ୍ୟ କରିବାକୁ ପଡ଼ିବ। ନିର୍ବିବାଦରେ ଏହା କୁହାଯାଇପାରିବ ଯେ ଭାରତର ସମସ୍ତ ନାଗରିକଙ୍କୁ ନିଜର ନାଗରିକର ପରମ ଓ ଚରମ ପରାକାଷ୍ଠା ପ୍ରଦର୍ଶନ ପୂର୍ବକ ଦେଶପାଇଁ କିଛି କର୍ତ୍ତବ୍ୟ କରିବାକୁ ପଡ଼ିବ ଯାହା ଫଳରେ ରାଷ୍ଟ୍ର ପ୍ରଗତି ଓ ସମୃଦ୍ଧି ପଥରେ ଆଗକୁ ଅଗ୍ରସର ହୋଇପାରିବ। ଏହା ନୂତନ ଭାରତ ନିର୍ମାଣର ପରିକଳ୍ପନା ହୋଇଥାଉ ଅଥବା ଆତ୍ମ ନିର୍ଭର ଭାରତ ଲକ୍ଷ୍ୟ ହାସଲ କରିବା ସଂକଳ୍ପ ହୋଇଥାଉ, ଏହିସବୁ ଲକ୍ଷ୍ୟ ସେତିକିବେଳେ ସହଜରେ ହାସଲ ହୋଇପାରିବ ଯେତେବେଳେ ଦେଶର ସମସ୍ତ ନାଗରିକ ନିଜକୁ ସଂପୂର୍ଣ୍ଣ ରୂପେ ସମର୍ପଣ କରିବେ ଏବଂ ନିଜ ନିଜର ସାମ୍ବିଧାନିକ କର୍ତ୍ତବ୍ୟ ସଂପାଦନ କରିବେ। ଆମର ଆଶା ଓ ବିଶ୍ୱାସ ଯେ ଦେଶଣ ପ୍ରତ୍ୟେକ ସଚେତନ ନାଗରିକ ବିଶେଷ କରି ଆମର ଯୁବ-ସମାଜ ସେମାନଙ୍କରମୌଳିକ କର୍ତ୍ତବ୍ୟ ଯାହାକି ସମ୍ବିଧାନରେ ସ୍ପଷ୍ଟରୂପେ ଉଲ୍ଲେଖ ରହିଛି ସେଥିପ୍ରତି ସଚେତନ ରହିବେ ତଥା ସେମାନଙ୍କର ପ୍ରତ୍ୟକ କାର୍ଯ୍ୟରେ ଏହା ପ୍ରତିଫଳିତ ହେଉଥିବ। ସମ୍ବିଧାନ ପ୍ରଣୀତ ହେବାର ୭୨ ବର୍ଷ ପୂରଣ ହୋଇଛି। ଏହି ଅବସରରେ ଆମେ ଆମର ସମ୍ବିଧାନ ପ୍ରଣୋତାମାନଙ୍କ ଦୂରଦୃଷ୍ଟି ଓ ଚିନ୍ତନକୁ ନମସ୍କାର ପୂର୍ବକ ସପଥ ନେବା ଆବଶ୍ୟକ ଯେ ସେମାନେ ଯେଉଁ ସାମ୍ବିଧାନିକ ନିତୀ ଓ ବ୍ୟବସ୍ଥା ଆମ ପାଇଁ ରଖିଯାଇଛନ୍ତି ସେଥିପ୍ରତି ଆମେମାନେ ସଦାସର୍ବଦା ଆଙ୍ଗୀକାରବଦ୍ଧ ରହିବା ଏବଂ ରାଷ୍ଟ୍ରକୁ "ଏକ ଭାରତ ଶ୍ରେଷ୍ଠ ଭାରତ" ନିର୍ମାଣ ଦିଗରେ ଆଗକୁ ଆଗେଇ ନେବା ସକାଶେ ସଂକଳ୍ପବଦ୍ଧ ହେବା। ବସ୍ତୁତଃ ଆଜି ଭାରତର ଜଣେ ଜଣେ ସଚେତନ ନାଗରିକ ଭାବେ, ସମ୍ବିଧାନ ଆମମାନଙ୍କୁ ଯେଉଁ ଅଧିକାର ପ୍ରଦାନ କରିଛି ସେଥିପ୍ରତି ଆମେ ସଦାବେଳେ ସଚେତନ ରହିବା ବାଞ୍ଛନୀୟ। ସମ୍ବିଧାନ ଆମ ମାନଙ୍କୁ ଅଧିକାର ପ୍ରଦାନ କରିଛି ଏବଂ ତାହା ଆମ ନିକଟରେ ସଦାବେଳେ ରହିବ। କିନ୍ତୁ ସଚେତନ ନାଗରିକ ହିସାବରେ ଆମକୁ ମଧ୍ୟ ରାଷ୍ଟ୍ରପ୍ରତି ଏବଂ ଅନ୍ୟ ନାଗରିକଙ୍କ ପ୍ରତିଥିବା ଆମର କର୍ତ୍ତବ୍ୟ ଓ ଦାୟୀତ୍ୱ ନିଷ୍ଠାର ସହ ସଂପାଦନ କରିବାକୁ ହେବ। ତା'ହେଲେ ହିଁ ଏକବିଂଶ ଶତାବ୍ଦୀ ନିଶ୍ଚିତ ଭାବେ ଭାରତର ଶତାବ୍ଦୀ ହୋଇପାରିବ।

**ପ୍ରଦୀପ ସେନାପତି, ରାଜ୍ୟ ସଭାପତି, ଓଡ଼ିଶା ସାମ୍ବାଦିକ ସୁରକ୍ଷା ସଂଗଠନ, ଓଡ଼ିଶା, ଜିଲ୍ଲାପାଳ ରୋଡ଼, ଭଦ୍ରକ-ମୋ-୯୪୩୮୪୪୬୫୭୫**


## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ଟାଟା ସ୍କାଏ ବି ଆପ୍ ଏବେ ଆପଣଙ୍କ ସ୍ମାର୍ଟଫୋନ୍‌ରେ ଉପଲବ୍ଧ




ଭୁବନେଶ୍ୱର, ଜୁନ ୧୦, ୨୦୨୧ :ଭାରତର ଅଗ୍ରଣୀ ପେ’ ଟିଭି ପ୍ଲାଟ୍‌ଫର୍ମ ଟାଟାସ୍କାଏ ପକ୍ଷରୁ ଏହାର ଓଟିଟି କଂଟେଂଟ୍ ଆଗ୍ରିଗେଟର୍ ସର୍ଭିସ୍ ’ଟାଟାସ୍କାଏ ବି’ର ଲାଭକୁ ଟାଟାସ୍କାଏ ବି୍ ମୋବାଇଲ ଆପ୍‌ର ଶୁଭାରମ୍ଭ ସହିତ ମୋବାଇଲକୁ ବିସ୍ତାର କରାଯାଇଛି । ଆସନ୍ତାକାଲିକୁ ଆଜିଠାରୁ ଉନ୍ନତ କରିବା ପାଇଁ ଏହାର ବ୍ରାଣ୍ଡ ଉଦ୍ଦେଶ୍ୟ ସହିତ ଜଡିତ ହୋଇ ଟାଟାସ୍କାଏ ବି୍‌ଟିଭିରେ ଏବଂ ବର୍ତମାନ ମୋବାଇଲରେ ମଧ୍ୟ ସମସ୍ତ ଦର୍ଶକଙ୍କ ପାଇଁସେମାନଙ୍କ ପସନ୍ଦର ସ୍କ୍ରିନ୍‌ରେ ଗୁଣାତ୍ମକ ମନୋରନ ଉପଲବ୍ଧ କରିବା ପାଇଁ ପ୍ରୟାସ କରିଛି । ଏହି ଇଂଟିଗ୍ରେଟେଡ୍ ଓ ଟିଟି କଂଟେଂଟ୍ ଅନୁଭୂତିକୁ ଏକ ବିସ୍ତୃତ ସବ୍‌ସ୍କ୍ରାଇବର ଆଧାର ପାଇଁ ଉପଲବ୍ଧ କରିବାର ଉଦ୍ଦେଶ୍ୟ ସହିତ ଟାଟାସ୍କାଏ ବି୍ ମୋବାଇଲଆପ୍‌କୁ ଦୁଇଟି ଆକର୍ଷଣୀୟ ପ୍ଲାନ୍ ସହ ଉନ୍ମୋଚନ କରାଯାଇଛି । ଏକ ଟାଟାସ୍କାଏବି୍ ୨୯୯ ପ୍ଲାନ୍‌କୁ ଚୟନ କରୁଥିବାସବ୍‌ସ୍କ୍ରାଇବରମାନେ ଗୋଟିଏଟିଭିସ୍କ୍ରିନ୍‌ରେ (ଆମାଜନ ଫାୟାରଟିଭିଷ୍ଟିକ୍- ଟାଟ ।ସ୍କାଏଏଡିଶନ କିମ୍ବାବି୍+ ଏସ୍‌ଟିବି ମାଧ୍ୟମରେ) ୧୦ଟି ଓଟିଟି ଆପ୍‌ର କଂଟେଂଟ୍ ଆକ୍‌ସେସ୍ କରିବାକୁ ସକ୍ଷମ ହେବେ । ସେହିପରି ୧୪୯ ଟଙ୍କାର ମୋବାଇଲ-ଓନ୍‌ଲି ପ୍ଲାନ୍ ୩ଟି ମୋବାଇଲସ୍କ୍ରିନ୍‌ରେ ୭ଟି ପ୍ରିମିୟମ ଓଟିଟି ଆପ୍‌ର କଂଟେଂଟ୍ ସହିତ ବି୍‌ସର୍ଭିସ୍ ଗୁଡିକ ପାଇଁ ଆକ୍‌ସେସ୍ ପ୍ରଦାନ କରୁଛି ।ଏହି ମୋବାଇଲ ଆପ୍‌କୁ ଡାଉନ୍‌ଲୋଡ୍ କରିଥିବା ସମସ୍ତ ନୂତନ ବି ଉପଭୋକ୍ତା ମାନେ ଏକ ୭ ଦିନର ମାଗଣା ଟ୍ରାଏଲ୍ ପାଇପାରିବେ । ଏହ ଲଂଚ୍ ଅବସରରେ ଟାଟାସ୍କାଏର ଚିଫ୍ କଂଟେଂଟ୍ ଆଣ୍ଡ କମର୍ସିଆଲ ଅଫିସର୍ ପଲ୍ଲବୀ ପୁରୀ କହିଛନ୍ତି, ଟାଟାସ୍କାଏ ବି୍ ମୋବାଇଲ ଆପ୍‌ର ଶୁଭାରମ୍ଭ, ଆମର ଉତ୍ପାଦଗୁଡିକୁ ଏକ ବୃହତ୍ ଦର୍ଶକ ଆଧାର ନିକଟରେ ଉପଲବ୍ଧ କରିବା ଦିଗରେ ଆମର ପ୍ରୟାସ ସହିତ ଜଡିତ ରହିଛି । ଆମର ସବ୍‌ସ୍କ୍ରାଇବର୍ ମାନେ ଏବେ ଘରେ କିମ୍ବା ଯାତ୍ରା ସମୟରେ, ବଡ କିମ୍ବା ଛୋଟ ସ୍କ୍ରିନ୍‌ରେ, କେବଳ ଏକ ୟୁନିଫାଏଡ୍ ଇଂଟରଫେସ୍, ସିଙ୍ଗଲ୍‌ସବ୍‌ସ୍କ୍ରିପ୍‌ଶନ ଓ ସାଇନ୍-ଅନ୍ ସହିତ ନିଜ ପସନ୍ଦରଓଟିଟି କଂଟେଂଟ୍‌ଗୁଡିକୁ ଆକ୍‌ସେସ୍ କରିପାରିବେ । ସେ ଆହୁରି ମଧ୍ୟ କହିଥିଲେ, ଆମାଜନ୍ ଫାୟାରଟିଭିଷ୍ଟିକ୍-ଟାଟାସ୍କାଏ ଏଡିଶନରେ ଟାଟାସ୍କାଏବି୍, ଓଟିଟିରେ ଆମର ପ୍ରଥମ ପଦକ୍ଷେପ ଥିଲା । ପରବର୍ତୀ ପଦକ୍ଷେପ ସହିତ ଆମେ ଉଭୟ ଦୁନିଆର ସର୍ବୋତମକୁ ଗୋଟିଏ ଇଂଟରଫେସ୍‌ରେ ଏକତ୍ରିତ କରିବାକୁ ଚାହୁଁଥିଲୁ । ଟାଟାସ୍କାଏବି୍ ୧୦ଟି ପ୍ରିମିୟମଓଟିଟି ଆପ୍‌ରୁ କଂଟେଂଟ୍ ଏକତ୍ରିତ କରିଥାଏ । ସିଙ୍ଗଲ୍ ସବ୍‌ସ୍କ୍ରିପ୍‌ଶନ ଓ ଏକ ୟୁନିଫାଏଡ୍‌ୟୁଜର ଇଂଟର ଫେସ୍ ପାର୍ଟନର୍ ଆପ୍ ଯେପରିକି ଡିଜ୍‌ନି+ ହଟ୍‌ଷ୍ଟାର ପ୍ରିମିୟମ, ଜୀ୫, ସନ୍‌ନେକ୍ସଟ୍, ହଙ୍ଗାମାପ୍ଲେ, ଏରୋସ୍ ନାଓ, ସିମାରୁମି, ଭୁଟ୍‌ସିଲେକ୍ଟ, ଭୁଟ୍‌କିଡ୍‌ସ, ସୋନିଲିଭ୍ ଓ କ୍ୟୁରୋସିଟିଷ୍ଟ୍ରିମ୍ ଆଦି ପାଇଁ ଆକ୍‌ସେସ୍ ପ୍ରଦାନ କରୁଛି । ପ୍ରଡକ୍ଟଏଭି ଲିଙ୍କ୍: Tata Sky Binge Mobile App | #KhojoNahiDekho - YouTube, Launch film: https://youtu.be/teZTCwi9NcU

## ଗଣପର୍ବ ରଜ ପାଇଁ ବାଧକ ସାଜିଲା କରୋନା

ଘଷିପୁରା: ଆଉ ମାତ୍ର ଦୁଇଦିନ ପରେ ୧୪ ତାରିଖରୁ ୧୬ତାରିଖ ପର୍ଯ୍ୟନ୍ତ କେନ୍ଦୁଝର ଜିଲ୍ଲାର ଗଣପର୍ବ ରଜ ଧୁମ୍‌ଧାମ୍‌ରେ ପାଳନ ପାଇଁ ପ୍ରାୟତଃ ମାସକ ତଳୁ ପ୍ରସ୍ତୁତି ଆରମ୍ଭ ହୋଇଥାଏ । ବନ୍ଧୁ ବାନ୍ଧବ ଗହଳି ସାଙ୍ଗକୁ ବାହାରେ ରହି ଜୀବିକା ଅର୍ଜନ କରୁଥିବା ଲୋକମାନେ ସ୍ୱଗୃହକୁ ପ୍ରତ୍ୟାବର୍ତ୍ତନ କରିଥାନ୍ତି । ବିଭିନ୍ନ ପ୍ରକାର ଦୋଳି, ରଜଗୀତ ପ୍ରତିଯୋଗିତା ତଥା ଗାଁ ଗହଳିରେ ତାସ ଖେଳର ପ୍ରତିଯୋଗିତା ଏକ ନିଆରା ମାହୋଲ ସୃଷ୍ଟି କରିଥାଏ । ଆନନ୍ଦପୁର ଉପଖଣ୍ଡ ଅନ୍ତର୍ଗତ ବିଶେଷ କରି ଆନନ୍ଦପୁର, ଘଷିପୁରା, ବେଲବହାଳି, ଦେଓଗାଁ, ଭଣ୍ଡାରିଡିହା, ନରସିଂହପୁର, ନାରଙ୍ଗପୁର,ସୀତାଦେଇ ଟାଙ୍ଗର ପ୍ରଭୃତି ସ୍ଥାନରେ ରଜ ପର୍ବକୁ ସ୍ୱତନ୍ତ୍ର ଭାବେ ପାଳନ କରାଯାଇଥାଏ । ଏଥିସହ ଉକ୍ତ ତିନିଦିନ ବିଭିନ୍ନ ମଂଚରେ ଉତ୍ସବ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ସାଙ୍ଗକୁ ବହୁ ବିଶିଷ୍ଟ କଳାକାର ଓ ରାଜନେତା ମଧ୍ୟ ନିମନ୍ତ୍ରିତ ସହ ବିପୁଳ ଜନସମାଗମ ହୋଇଥାଏ । ମାତ୍ର ବିଡମ୍ବନା ଯେ ଗତବର୍ଷ ଭଳି ଚଳିତ ବର୍ଷ ମଧ୍ୟ କୋରନା ପ୍ରକୋପ ଯୋଗୁଁ ଲକ୍‌ଡାଉନ୍ ଲାଗୁ ହୋଇଥିବାରୁ ରଜ ପର୍ବ ପାଳନ ଉପରେ ଜିଲ୍ଲା ପ୍ରଶାସନ ତରଫରୁ ପ୍ରତିବନ୍ଧକ ଲାଗିଛି । କେନ୍ଦୁଝର ଜିଲ୍ଲାପାଳ ମଧ୍ୟ ଜିଲ୍ଲାରେ ଦୋଳି ପଡିବା ଓ ଉତ୍ସବ ପାଳନ ଉପରେ କଟକଣା ଲଗାଇଛନ୍ତି ।

# ଦଳିତ ବ୍ୟକ୍ତିଙ୍କ ବାସଗୃହ ସମ୍ମୁଖ ରାସ୍ତାକୁ ଅବରୋଧ ଅଭିଯୋଗ



କେନ୍ଦ୍ରାପଡ଼ା : ଜନୈକ ଦଳିତ ସଂପ୍ରଦାୟର ବ୍ୟକ୍ତିଙ୍କ ବାସଗୃହ ସମ୍ମୁଖ ରାସ୍ତାକୁ କେତେକ ସବର୍ଣ୍ଣ ସଂପ୍ରଦାୟର ଲୋକ ଅବରୋଧ କରିବା ନେଇ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି । ମାର୍ଶାଘାଇ ଥାନା ଅନ୍ତର୍ଗତ ପାଟଳିପଙ୍କ ଗ୍ରାମର ଧରଣୀଧର ବେହେରାଙ୍କ ପୁଅ ୭୪ବର୍ଷର ବୃଦ୍ଧ ମଧୁସୁଦନ ବେହେରା ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି ଯେ ସେହି ଗ୍ରାମର ୪୭୪ନମ୍ବର ପ୍ଲଟରେତାଙ୍କ ପରିବାର ଦୀର୍ଘ ୭୪ବର୍ଷ ଧରି ବାସ କରିଆସୁଥିବା ବେଳେ ସେହି ଘର ସମ୍ମୁଖରେ ଥିବା ୪୮୨ନମ୍ବର ସରକାରୀ ପ୍ଲଟକୁ ରାସ୍ତା ଭାବରେ ବ୍ୟବହାର କରିଆସୁଛନ୍ତି । କିନ୍ତୁ କେତେକ ଖଳ ପ୍ରକୃତିର ସବର୍ଣ୍ଣ ସଂପ୍ରଦାୟର ଲୋକ ସେହି ସରକାରୀ ପ୍ଲଟ ଉପରେ ଏକ ଠାକୁରାଣୀ ମନ୍ଦିର ସ୍ଥାପନା କରିଛନ୍ତି ଏହା ବ୍ୟତିତ ସେହି ମନ୍ଦିରକୁ ଏକ ଅନୁଷ୍ଠାନର ଆଖ୍ୟା ଦେଇ ତା ଚାରିପାଖରେ ପାଚେରୀ ବୁଲାଇ ମଧୁସୁଦନଙ୍କ ବାସଗୃହକୁ ଥିବା ରାସ୍ତାକୁ ଅବରୋଧ କରିଦେଇଥିବା ସେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି । ମଧୁସୁଦନଙ୍କ ପରିବାର ଏକ ପ୍ରକାର ଗୃହବନ୍ଦୀ ହୋଇ ରହିଥିବା ବେଳେ ନିକଟସ୍ଥ ସରକାରୀ ନଳକୂପରୁ ପିଇବା ପାଣି ଆଣିବାକୁ ତାଙ୍କ ପରିବାରକୁ ବାରଣ କରାଯାଉଥିବା ଅଭିଯୋଗ ହୋଇଛି । ତାଙ୍କ ଛୋଟ ପିଲାମାନେ ମନ୍ଦିର ନିକଟକୁ ଗଲେ ତାଙ୍କୁ ଅଛୁଆଁ କହି ମାରି ଗୋଡାଉଥିବା ମଧ୍ୟ ଅଭିଯୋଗ ହୋଇଛି । ତେଣୁ ଘଟଣାର ସରଜମିନ ତଦନ୍ତ କରାଯାଇ ତାଙ୍କ ବାସଗୃହକୁ ରାସ୍ତା ଦିଆଯିବାର ବ୍ୟବସ୍ଥା କରାଯିବାକୁ ମଧୁସୁଦନ ଜିଲ୍ଲାପାଳଙ୍କୁ ନିବେଦନ କରିଛନ୍ତି ।

## ତୈଳ ଦର ବୃଦ୍ଧି ପ୍ରତିବାଦରେ କେନ୍ଦୁଝର କଂଗ୍ରେସର ବିକ୍ଷୋଭ

କେନ୍ଦୁଝର:ଗତ ୧୩ ମାସ ଭିତରେ ପେଟ୍ରୋଲ ଦର ୨୫ଟଙ୍କା ୭୨ପଇସା ଓ ଡିଜେଲ ଦର ୨୩ଟଙ୍କା ୯୩ପଇସା ବଢିଛି । ଗତ୫ ମାସ ଭିତରେ ୪୨ଥର ତୈଳ ଦର ବଢିଛି । ଏମିତିକି ଦେଶର କେତେକ ସ୍ଥାନରେ ପେଟ୍ରୋଲ ଦର ଲିଟର ପିଛା ଶହେ ଟଙ୍କା ଟପିଲାଣି । ଏହାକୁ ତୀବ୍ର ବିରୋଧ କରି ଆନ୍ଦୋଳନକୁ ଓହ୍ଲାଇଛି କଂଗ୍ରେସ । ଏ.ଆଇ.ସି.ସି. ଓ ପି.ସି.ସି.ର ଆହ୍ୱାନ କ୍ରମେ ସାରା ଦେଶରେ ବିଭିନ୍ନ ପେଟ୍ରୋଲ ପମ୍ପ ସମ୍ମୁଖରେ ଦଳୀୟ କର୍ମୀମାନେ ଧାରଣା ଦେଇଥିବା ବେଳେ କେନ୍ଦୁଝର କଂଗ୍ରେସ ମଧ୍ୟ ଏଥିରେ ସାମିଲ ହୋଇଛି । ଟ୍ୟାକ୍ସ ପ୍ରତ୍ୟାହାର କରି ତୈଳ ଦର କମ୍ କରିବାକୁ ଦଳ ଦାବି କରିଛି । ଦଳ ଅଭିଯୋଗ କରିଛି ଯେ କରୋନା ମାଡରେ ଲୋକଙ୍କ ଜୀବନ ହାନୀ ହେଉଥିବା ବେଳେ ଲକ୍‌ଡାଉନ୍ ଓ ସଟ୍‌ଡାଉନ୍ ଯୋଗୁଁ ଲୋକଙ୍କ ଆର୍ଥିକ ମେରୁଦଣ୍ଡ ଦୋହଲି ଗଲାଣି । ଏପରି ସମୟରେ ଲୋକଙ୍କ ଆର୍ଥିକ ସ୍ଥିତିକୁ ମଜଭୂତ କରିବା ବଦଳରେ ବେଢି ଉପରେ କରୋଡା ମାଡ କରି ଚାଲିଛନ୍ତି କେନ୍ଦ୍ର ସରକାର । ଲଗାତର ଭାବେ ପେଟ୍ରୋଲ ଓ ଡିଜେଲ ଦାମ ବୃଦ୍ଧି ଯୋଗୁଁ ଅନ୍ୟ ସାମଗ୍ରୀର ଦରଦାମ ବି ଆକାଶ ଛୁଆଁ ହେଲାଣି । କେନ୍ଦୁଝର ଜିଲ୍ଲାର ସମସ୍ତ ବ୍ଲକରେ ଥିବା ପେଟ୍ରୋଲ ପମ୍ପ ସମ୍ମୁଖରେ ବ୍ଲକ ସଭାପତି ସୁବ୍ରତ ଚକ୍ର, ଘଷିପୁରାରେ ବ୍ଲକ ସଭାପତି ପ୍ରଭାକର ନାଏକ, ଘଟଗାଁ ଠାରେ ବ୍ଲକ ସଭାପତି ଶଶିକାନ୍ତ ଧିର, ତେଲକୋଇ ଠାରେ ବ୍ଲକ ସଭାପତି ଲକ୍ଷ୍ମଣ ମହାନ୍ତ, ହରିଚନ୍ଦନପୁର ଠାରେ ବ୍ଲକ ସଭାପତି ଉତ୍ତମ କୁମାର ସାହୁଙ୍କ ନେତୃତ୍ୱରେ କେନ୍ଦୁଝର ଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଜିଲ୍ଲା କଂଗ୍ରେସ ସଭାପତି ବିପ୍ଳବ ମିଶ୍ର ପ୍ରକାଶ କରିଛନ୍ତି ଯେ କେନ୍ଦ୍ର ସରକାର ଅତ୍ୟନ୍ତ ଅମାନବୀୟ ଓ ନିଷ୍ଠୁର ହୋଇ ଯାଇଛି । ନିର୍ବାଚନ ସମୟରେ ଦେଇଥିବା ପ୍ରତିଶୃତିକୁ ପାଳନ ନକରି ଜନବିରୋଧି ନୀତି ଆପଣାଉଅଛି । ନିର୍ବାଚନ ସମୟରେ ତୈଳ ଦର କମାଇବାକୁ ଯେଉଁ ପ୍ରତିଶୃତି ଦେଇଥିଲା ତାହା ପୂରଣ କରିପାରି ନାହିଁ । ସରକାର ପେଟ୍ରୋଲ ଓ ଡିଜେଲ ଉପରେ ନେଉଥିବା ୨୬୦% ଟିକସକୁ ତୁରନ୍ତ ପ୍ରତ୍ୟାହାର କରି ନିଅନ୍ତୁ ।

# ପେଟ୍ରୋଲ, ଡିଜେଲ ଏବଂ ଜାଳେଣୀ ଗ୍ୟାସର ଅହେତୁକ ଦରବୃଦ୍ଧି ବିରୁଦ୍ଧରେ ଓଡ଼ିଶା ରାଜ୍ୟ କଂଗ୍ରେସ ଓ ଭୁବନେଶ୍ୱର ଜିଲ୍ଲା କଂଗ୍ରେସର ପ୍ରତିବାଦ




ଭୁବନେଶ୍ୱର :ସାରା ରାଜ୍ୟ ଏବଂ ଦେଶ ଅତ୍ୟନ୍ତ ସଂକଟମୟ ପରିସ୍ଥିତି ଦେଇ ଦୀର୍ଘ ୧୬ ମାସ ଧରି କରୋନା ମହାମାରୀକୁ ସାମନା କରୁଥିଲା ବେଳେ କେନ୍ଦ୍ରରେ ମୋଦି ସରକାର ଏବଂ ଓଡ଼ିଶାର ନବୀନ ସରକାର ଉଭୟ ମିଳିତ ଭାବରେ ଓଡ଼ିଶାର ଜନସାଧାରଣଙ୍କୁ ଏଭଳି ଦୁଃଖ ଏବଂ ଦୁଃସ୍ଥିତି ଭିତରେ ଅଧିକ କର ଏବଂ ସେସ ବସାଇ ରାଜ୍ୟର ପ୍ରତ୍ୟେକ ବର୍ଗଙ୍କୁ ଲୁଟ କରିବାରେ ଲାଗିପଡ଼ିଛନ୍ତି । ଓଡ଼ିଶାର ଉପାନ୍ତ ଓ ପଶ୍ଚିମାଂଚଳରେ ବହୁ ଜିଲ୍ଲାରେ ପେଟ୍ରୋଲର ଦାମ ୧୦୦ ଟଙ୍କା ପ୍ରତି ଲିଟରକୁ ପାର ହୋଇଗଲାଣି ଏବଂ ଡିଜେଲ ପାଖାପାଖି ୯୪ଟଙ୍କାରୁ ୯୫ ଟଙ୍କାକୁ ବୃଦ୍ଧି ପାଇଗଲାଣି ଏବଂ ଘରୋଇ ଗ୍ୟାସ ୧୪.୨ କେଜିର ମୂଲ୍ୟ ଆଜି ୮୫୦ ଟଙ୍କାରୁ ୯୦୦ ପର୍ଯ୍ୟନ୍ତ ବୃଦ୍ଧି ପାଇସାରିଲାଣି । ସାରା ରାଜ୍ୟରେ ୨୦୨୦ ମସିହା ମାର୍ଚ୍ଚମାସ ୨୪ ତାରିଖ ରୁ ୨୦୨୧ ମସିହା ଜୁନ ମାସ ୧୧ ତାରିଖ ପର୍ଯ୍ୟନ୍ତ ପାଖାପାଖି ୩ କୋଟିରୁ ଅଧିକ ଲୋକ ନିଜର ରୋଜଗାରୀ ହରାଇସାରିଛନ୍ତି ଏବଂ ସେମାନଙ୍କୁ ମଧ୍ୟରୁ ଖଟିଖିଆ ଶ୍ରମିକ, ଉଠା ବ୍ୟବସାୟୀ, କୃଷକ, କୃଷି ଶ୍ରମିକ, ନିମ୍ନ ମଧ୍ୟବିତ, ସ୍ୱଳ୍ପଆୟକାରୀ ଏ ସମସ୍ତ ବର୍ଗର ଲୋକ ଆଜି ହନ୍ତସନ୍ତ ହେଉଥିଲା ବେଳେ, ପାଖରେ ଅର୍ଥ ନଥିବା ବେଳେ କେନ୍ଦ୍ରର ଜନିବରୋଧୀ ମୋଦି ସରକାର ଏବଂ ରାଜ୍ୟରେ ନବୀନ ସରକାର ଉଭୟ ଲୋକଙ୍କର ପକେଟ କାଟି ରାଜ୍ୟ ରାଜକୋଷକୁ ପୂରଣ କରିବାରେ ଲାଗିପଡ଼ିଛନ୍ତି । ଆଜି ପ୍ରତ୍ୟେକ ମହିଳା ତାଙ୍କ ଆଖିରୁ ଅନବରତ ଲୁହ ଝରୁଛି କାରଣ ତାଙ୍କ ପରିବାରର ସେତିକି ସାମର୍ଥ୍ୟ ନାହିଁ ପାଖା ପାଖି ୮୫୦ ରୁ ୯୦୦ ଟଙ୍କା ଦେଇ ଗୋଟେ ରନ୍ଧନଗ୍ୟାସ କଣିବାପାଇଁ । ଏହି ଦରଦାମ ବୃଦ୍ଧି ପ୍ରତିବାଦରେ ଆଜି ସର୍ବଭାରତୀୟ ଜାତୀୟ କଂଗ୍ରେସର ନିଷ୍ପତିକ୍ରମେ ପିସିସି ସଭାପତି ଶ୍ରୀଯୁକ୍ତ ନିରନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ସାରା ରାଜ୍ୟରେ ଆଜି ସକାଳ ୭ଟାରୁ ଦିନ ୧୧ ଟା ପର୍ଯ୍ୟନ୍ତ ୪ ଘଂଟା ପାଇଁ ସମସ୍ତ ପେଟ୍ରୋଲ ପମ୍ପ ସମ୍ମୁଖରେ କୋଭିଡ ମହାମାରୀର ଗାଇଡଲାଇନକୁ ଅନୁସରଣ କରି ଦରଦାମକୁ କମାଇବା ପାଇଁ ପ୍ରତିବାଦ କରାଯାଇଥିଲା ଏଥିରେ ଜନସାଧାରଣଙ୍କ ଅକୁଣ୍ଠ ସମର୍ଥନ ମିଳିଛି । ଆଜି ଯେଉଁମାନେ ଏ ବିକ୍ଷୋଭରେ ସାମିଲ ହୋଇ କାର୍ଯ୍ୟକ୍ରମକୁ ସଫଳ କରିଛନ୍ତି ତାଙ୍କୁ ଧନ୍ୟବାଦ ଦେବା ସହ କୃତଜ୍ଞତା ଜ୍ଞାପନ କରିଛନ୍ତି ଶ୍ରୀ ପଟ୍ଟନାୟକ । ଏହି ଅବସରରେ ରାଜଧାନୀର ସମସ୍ତ ପେଟ୍ରୋଲ ଟାଙ୍କି ସମ୍ମୁଖରେ ସକାଳ ୭ଟାରୁ ଦିନ ୧୧ ଟା ପର୍ଯ୍ୟନ୍ତ ବିଶେଷ କରି ୟୁନିଟ-୨, ରାମମନ୍ଦିର, କଳ୍ପନା,ବାଣୀବିହାର, ରସୁଲଗଡ଼, ନଖରା, ନୂଆଗାଁ, ରବିଟକିଜ, ଚନ୍ଦ୍ରଶେଖରପୁର, ପଟିଆ, ସିଆରପି, ଆଇଗିଣିଆ, ଡେଲଟା ଏବଂ କଳିଙ୍ଗ ଷ୍ଟାଡିଅମ ଛକ ପାଖ ପେଟ୍ରୋଲ ପମ୍ପ ସମ୍ମୁଖରେ ବିଧାୟକ ସୁରେଶ କୁମାର ରାଉତରାୟ ଏବଂ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ଶ୍ରୀ ବିଶ୍ୱଜିତ ଦାଶ ଓ ୧୦ଜଣ ବ୍ଲକ ସଭାପତିଙ୍କ ନେତୃତ୍ୱରେ ଧାରଣା ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା ଏହି ଆନ୍ଦୋଳନରେ ଓଡ଼ିଶା ପ୍ରଦେଶ କଂଗ୍ରେସ ଓ ଭୁବନେଶ୍ୱର ଜିଲ୍ଲା କଂଗ୍ରେସର ବହୁ ନେତୃବୃନ୍ଦ ମାନେ ଯୋଗଦେଇ ମୋଦି ସରକାରର ଜନମାରଣ ନୀତି ବିରୁଦ୍ଧରେ କଡ଼ା ସମାଲୋଚନା କରିବା ସହିତ ଟିକସ ଛାଡ଼ କରି ଦରଦାମକୁ କମାଇବା ପାଇଁ ଦାବୀ କରିଥିଲେ । ଆଜିର ଆନ୍ଦୋଳନରେ ପିସିସି କାର୍ଯ୍ୟକାରୀ ସଭାପତି ଶ୍ରୀ ପ୍ରଦୀପ ମାଝୀ, ପୂର୍ବତନ ପିସିସି ସଭାପତି ଶରତ ପଟ୍ଟନାୟକ, ଶିବାନନ୍ଦ ରାୟ, ଜାନକୀବଲ୍ଲଭ ପଟ୍ଟନାୟକ, ମନୋରନ ଦାଶ, ମୋହନ ହେମ୍ବ୍ରମ, ବିଦ୍ୟାଧର ଦେହୁରୀ, ସୁବ୍ରତ ମହାପାତ୍ର, ରଜନୀ ମହାନ୍ତି, ଅମୀୟ ପାଣ୍ଡବ, ଦୀପକ କୁମାର ମହାପାତ୍ର, ରିତ ପାତ୍ର, ରଶ୍ମି ମହାପାତ୍ର, ଦେବୀ ପ୍ରସାଦ ବାହାଲିଆ, ଅଶୋକ କୁମାର ସାହୁ, ମୋହନ ଜେନା, ଜୟକୃଷ୍ଣ ସୁବୁଦ୍ଧି, ସୁଶାନ୍ତ ତ୍ରିପାଠୀ,ସେକ୍ ଅଫତାବ ଅଲ୍ଲୀ, ମିହୀର ଆଚାର୍ଯ୍ୟ, ଅଶୋକ ଦାସ, ଦେଓ ପ୍ରସାଦ, ନାସିର ଖାନ, ଶ୍ରୀଧର ବଳିଆରସିଂ, ମନୋରନ ଜେନା, ବ୍ରହ୍ମାନନ୍ଦ ସାହୁ, ଇନ୍ଦ୍ରଜିତ ପରିଡ଼ା, ଅକ୍ଷୟ ଦାସ, ଦେବାଶିଷ ଦାସ, ଅନୱର ଖାନ, ଶୁଭ୍ରଜ୍ୟୋତି ଲେଙ୍କା, ଅନିଲ ଦାସ, ଜୟକୃଷ୍ଣ ମଲ୍ଲିଆ, ପ୍ରକାଶ ମିଶ୍ର, ଲିଙ୍ଗରାଜ ସାହୁ, ବିଶ୍ୱଭୂଷଣ ମହାପାତ୍ର, ସିପ୍ରା ସେନାପତି, ସୁଭଦ୍ରା ମିଶ୍ର, କ୍ଷୀରୋଦ ବେହେରା, କୁନା ମୁଦୁଲି, ସଂକୁନା କହଁର,ସାଗର ପଟ୍ଟନାୟକ, ମୁନି ଆପ୍ପା, ସେକ ନିଆଜୁଲ ଇସଲାମ, ରାଜକିଶୋର ବାରିକ, କୈଳାସ ସାହୁ, ମନୋରନ ରାଉତରାୟ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ ।

# ମହାପ୍ରଭୁ ତୁଳସୀକ୍ଷେତ୍ରାଧିପତି ଶ୍ରୀ ବଳଦବଜୀଉଙ୍କ ରଥଯାତ୍ରା ବନ୍ଦ କରିବା : ଜନଭାବନା ବିରୋଧି ଓ ଆଧାରହୀନ ନିଷ୍ପତି

କେନ୍ଦ୍ରାପଡ଼ା : ରାଜ୍ୟ ସରକାର ମହପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ଶ୍ରୀକ୍ଷେତ୍ର ପୁରୀରେ ହେବ ବୋଲି ଘୋଷଣା କରି ଆଶ୍ୱସ୍ତ କରିଥିବା ବେଳେ, ଆଉ କେଉଁଠି ହେବନି, ସେହି ନ୍ୟାୟରେ ତୁଳସୀକ୍ଷେତ୍ର କେନ୍ଦ୍ରାପଡାରେ ମହାବାହୁ ଶ୍ରୀବଳଦେବଜୀଉଙ୍କ ରଥଯାତ୍ରା ହେବନାହିଁ ବୋଲି କହି କେନ୍ଦ୍ରାପଡା ଜନସାଧାରଣଙ୍କୁ ଅତଙ୍କିତ କରିଛନ୍ତି । ବାର୍ଷିକ ନୀତିକାନ୍ତିର ଅଂଶବିଶେଷ ଭାବେ ନିଜ ବଡଦାଣ୍ଡରେ ରଥଯାତ୍ରା କେବଳ ପୁରୀ ଶ୍ରୀଜଗନ୍ନାଥଙ୍କର ନୁହେଁ କେନ୍ଦ୍ରାପଡାର ଶ୍ରୀବଳଦେବଜୀଉଙ୍କର ମଧ୍ୟ ସମାନ ପରମ୍ପରାରେ ଅନୁଷ୍ଠିତ ହୁଏ । ଏପରି ସ୍ଥଳେ କେନ୍ଦ୍ରାପଡା ରଥଯାତ୍ରା ବନ୍ଦ କରିବା ନିଷ୍ପତି ଯେଉଁମାନେ ନେଉଛନ୍ତି ସେମାନେ କିଏ ? ସ୍ୱାସ୍ଥ୍ୟ ବିଶେଷଜ୍ଞ, କର୍ମକାଣ୍ଡବିତ୍ , ବିଦ୍ୱାନ୍ ,ସଂସ୍କୃତି ବିଶେଷଜ୍ଞ, ପ୍ରଚ୍ଛଦରେ ଥିବା ରାଜନେତା ନା’ ଜନସେବୀ ସାଧାରଣ ପ୍ରଶାସକ ? କରୋନା ସଂକ୍ରମଣ ଓ ନିୟନ୍ତ୍ରଣ ଜନସଂପୃକ୍ତି ଆଧାରିତ । ଅତଏବ ଗତବର୍ଷ ଏଭଳି ଭୁଲ ନିଷ୍ପତିକୁ ସର୍ବୋଚ୍ଚ ନ୍ୟାୟାଳୟ ପରିବର୍ତ୍ତନ କରି ପୁରୀ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ନୀତିକାନ୍ତିକୁ ସମ୍ପନ୍ନ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଏ କ୍ଷେତ୍ରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି , କେନ୍ଦ୍ର ଗୃହମନ୍ତ୍ରୀ ଅମିତ୍ ଶାହା, ଇସ୍ପାତ ଓ ପେଟ୍ରୋଲିୟମ୍ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଜନଭାବନା ଅନୁରୂପ ସକ୍ରୀୟ ଭୂମିକା ଉଦାହରଣୀୟ ଥିଲା । ଅବଶ୍ୟ କୋଭିଡ ନିୟମ ପାଳନ ସହିତ ସୀମିତ ଲୋକଙ୍କ ସଂପୃକ୍ତିରେ ଯାହା ସଫଳତାର ସହିତ ସଂମ୍ପନ୍ନ ହୋଇ ସରକାର ବହାବା ନେଇଥିଲେ । କ’ଣ ସବୁସମାନ ପ୍ରସଙ୍ଗରେ ନିଷ୍ପତି ପାଇଁ ସର୍ବୋଚ୍ଚ ଅଦାଲତକୁ ଯିବାକୁପଡିବ ନିଜର ମୌଳିକ ଅଧିକାର ସାବ୍ୟସ୍ତ କରିବାକୁ ? ଯଦି ସେପରି କଥା , ଗତ ବର୍ଷ ଅହମ୍ମଦାବାଦ ରଥଯାତ୍ରା, ଯାଜପୁରରେ ମା ବିରଜାଙ୍କ ରଥଯାତ୍ରା ଓ ଭୁବନେଶ୍ୱରରେ ଲିଙ୍ଗରାଜ ମହାପ୍ରଭୁଙ୍କ ରୁକୁଣା ରଥଯାତ୍ରା ପାଇଁ ନିଷ୍ପତି କ’ଣ ଅଦାଲତରୁ ଆସିଥିଲା ନା ବିବେକପୂର୍ଣ୍ଣ ପ୍ରଶାସନିକ ବ୍ୟବସ୍ଥାରୁ ? ମୁଁ ସେତେବେଳେ ଓ ଆଜିବି ଧନ୍ୟବାଦ ଦେଉଛି ସେଠାକାର ସ୍ଥାନୀୟ ଜନପ୍ରତିନିଧି ପ୍ରଣବ ବାବୁ ଓ ଅଶୋକ ବାବୁଙ୍କୁ ଯେଉଁମାନେ ମହାମାରୀ ସମୟର ବିଧିନିଷେଧ ଅନୁପାଳନ ପୂର୍ବକ ସ୍ଥାନୀୟ ଜନତାର ମୌଳିକ ଧାର୍ମିକ ଅଧିକାର , ଭାବନା ଓ ସଂସ୍କୃତିକୁ ସମ୍ବର୍ଦ୍ଧନ କରିବାର ଉଦାହରଣ ଛାଡିଯାଇଛନ୍ତି । ଏଦିଗରେ ଆମ ଜନପ୍ରତିନିଧିମାନଙ୍କ ଠାରୁ ସେଭଳି ସକ୍ରିୟ ଦାୟିତ୍ୱପୂର୍ଣ୍ଣ ଭୂମିକା ଅପେକ୍ଷା କରାଯାଏ । ସତରେ କ’ଣ ସରକାରଙ୍କ ଏହି ନିଷେଧ ଆଜ୍ଞା ଜଗତର ସବୁସ୍ଥାନରେ ଥିବା ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରା ଠାକୁରଙ୍କୁ ବନ୍ଧା ନା କଣ ? ଲାଇସେନ୍ସ ପାଇଥିବା ନିଶା ଦୋକାନୀ କୋଭିଡ ନିୟମ ମାନି ବେପାର କରିପାରିବ । ମାତ୍ର କର୍ମକାଣ୍ଡର ନିୟମକୁ ମାନି ଶହ ଶହ ବର୍ଷ ଧରି ଚାଲିଆସିଥିବା ଭକ୍ତମାନେ କୋଭିଡ ନିୟମ ମାନି ରଥଯାତ୍ରାରେ ଚାଲିପାରିବେନି ? ୫ନମ୍ବର (କ) ଜାତୀୟ ରାଜପଥରେ ହଜାର ହଜାର ଟ୍ରକ, ଲରି, ଟ୍ୟାଙ୍କର ସବୁ ସମୟରେ ଯାଆସ କରିପାରିବ । ମାତ୍ର ନିଜ ବଡଦାଣ୍ଡରେ ମାଳିକ ମହାପ୍ରଭୁ ଶ୍ରୀ ବଳିଆରଭୁଜ ନିଜ ଭାଇ ଓ ଭଉଣୀକୁ ନେଇ ବ୍ରହ୍ମତାଳଧ୍ୱଜରେ ଯାଇପାରିବେନି ? କଣ ଏଥିପାଇଁ ମୋ ଠାକୁରଙ୍କୁ ପ୍ରତ୍ୟକ୍ଷତାର ପରୀକ୍ଷା ଦେବାକୁ ହେବ ? ବଡଦାଣ୍ଡର ସତ୍ୱାଧିକାର ପଟ୍ଟା ଦେଖାଇବାକୁ ପଡିବ ? ପ୍ୟାରୀ, ପ୍ରଶାନ୍ତଙ୍କ ପୃଷ୍ଠପୋଷ କତାରେ ତିଆରି ହୋଇଥିବା ମନ୍ଦିର ସହିତ ଧାଡିରେ ଛିଡାହେବାକୁ ପଡିବ ପଦ୍ମପୁରାଣ ବର୍ଣ୍ଣିତ ମୋଗଲ ବିଧ୍ୱଂସିତ, ମରହଟ୍ଟା ନିର୍ମିତ ତୁଳସୀ କ୍ଷେତ୍ରର ମନ୍ଦିରକୁ ? ପ୍ରାଚୀନତା, ପୌରାଣିକ ପୃଷ୍ଠଭୂମି, ଆଧ୍ୟାତ୍ମିକ ସ୍ୱତନ୍ତ୍ରତା ଓ କ୍ଷେତ୍ରୀୟମାନ୍ୟତା ଦୃଷ୍ଟିରୁ ଶ୍ରୀବଳଦେବଜୀଉଙ୍କ ରଥଯାତ୍ରା ଭଳି ନୀତିକାନ୍ତିରେ ବିଭ୍ରାଟ ସୃଷ୍ଟି କଲାଭଳି ନିଷ୍ପତି ଆଇନଗତ, ସମ୍ବିଧାନଗତ, ସଂସ୍କୃତିଗତ ଓ ଦେବାଧିକାରଗତ ତଥା ଜନଭାବନା ବିରୋଧି । ଏପରି ସ୍ଥଳେ ସରକାର ନିଜର ବେଆଇନ ତଥା ଅସମ୍ବିଧାନିକ ନିଷ୍ପତି ପ୍ରତ୍ୟାହାରକରି କୋଭିଡ ଅନୁରୂପ ବିଧିନିଷେଧ ସହିତ କେନ୍ଦ୍ରାପଡା ତୁଳସୀକ୍ଷେତ୍ର କ୍ଷେତ୍ରାଧିପତି ଶ୍ରୀବଳଦେବଜୀଉଙ୍କ ରଥଯାତ୍ରା ପାଳନରେ ସ୍ୱସୃଷ୍ଟ ବାଧା ଦୂରକରନ୍ତୁ । ଅନ୍ତତଃ କେନ୍ଦ୍ରାପଡା ଜିଲ୍ଲାର ୫ଟି ବିଧାନସଭା କ୍ଷେତ୍ରରେ ପ୍ରତିନିଧି ଓ ଲୋକସଭାକ୍ଷେତ୍ରର ସାଂସଦ ଏବଂ ସବୁଦଳର ବରିଷ୍ଠ ନେତୃମଣ୍ଡଳୀ ଏଦିଗରେ ଜନତା ଓ ସ୍ଥାନୀୟ ଅସ୍ମିତା ପ୍ରତିଥିବା ନିଜର ସକରାତ୍ମକ ଉତ୍ତରଦାୟିତ୍ୱ ନିର୍ବାହ କରିବାପାଇଁ ବିନମ୍ର ନିବେଦନ କରିଛନ୍ତି ଜିଲ୍ଲା ଜନ ଅଧିକାର ଅଭିଯାନର ସଭାପତି ଭୂବନ ମୋହନ ଜେନା ।

# ବେଆଇନ୍ ମଦ କାରବାର ରାଜଧାନୀରେ ବଢୁଛି

ଭୁବନେଶ୍ୱର : ଭୁବନେଶ୍ୱରରେ ଥିବା ମଦ ଦୋକାନ ସରକାରଙ୍କ କୌଣସି ଆଇନକୁ ମାନୁଥିବା ପରିଲକ୍ଷିତ ହେଉନାହିଁ । ଯେଉଁ ଭଳିଭାବେ ଲକ୍ ଡାଉନ୍ ଓ ସଟ୍ ଡାଉନ୍ ରେ ମଦଦୋକାନ ଖୋଲା ରହୁଛି ଅସାଧୁ ବ୍ୟବସାୟୀଙ୍କ ଅକ୍ତିଆରରେ ରହିଥିବା ଜଣାପଡୁଛି । ସମସ୍ତ ସରକାରୀ ନିୟମକୁ ଉଲଂଘନ କରି ତଥା ଭାରତର ସର୍ବୋଚ୍ଚ ନ୍ୟାୟାଳୟର ନିର୍ଦ୍ଦେଶ ଅମାନ୍ୟ କରି ସ୍କୁଲ, ଓ ଧର୍ମାନୁଷ୍ଠାନ ଭଳି ଜନଗହଳିପୂର୍ଣ୍ଣ ସ୍ଥାନ ନିକଟରେ ମଦ ଦୋକାନ ଖୋଲା ଯାଇଛି । ଭୁବନେଶ୍ୱରର ମୁଖ୍ୟ ରାସ୍ତା ଗ୍ୟାରେଜ୍ ଛକ ନିକଟରେ ରହିଛି ଏକ ମଦ ଦୋକାନ ଯାହାର ନିକଟରେ ରହିଛି ଦୁଇଟି ସ୍କୁଲ ଓ ନିକଟରେ ରହିଛି ମନ୍ଦିର । ଏପରିକି କିଛି ଦୂରରେ ରହିଛି ବିଶ୍ୱ ପ୍ରସିଦ୍ଧ ଶ୍ରୀଲିଙ୍ଗରାଜ ମହାପ୍ରଭୁଙ୍କ ଅଷ୍ଟ ଚଣ୍ଡି କାଳୀ ମନ୍ଦିର । ଏହି ସମ୍ବେଦନଶୀଳ ରାସ୍ତାରେ ମଦ ଦୋକନ ରହିବାରୁ ରାସ୍ତାରେ ହୁଏ ଭିଡ଼ । ଏବେ ଲକ୍ ଡାଉନ୍ ଓ ସଟ୍ ଡାଉନ୍ ରେ ମଦଦୋକାନ ଖୋଲା ରହୁଛି । କୋଭିଡ୍ କଟକଣା ନମାନି ବେପାର ଚାଲିଛି । ଏଠାରୁ ମଦ ଦୋକାନ ହଟାଇବାକୁ ୫୦୦ଲୋକ ସ୍ୱାକ୍ଷର ପ୍ରଦାନ କରିଥିଲେ ମଧ୍ୟ ଏହିଭଳି ସ୍ଥିତିରେ ଅବକାରୀ ବିଭାଗ ଜାଣି ଶୁଣି ଚୁପ୍ ରହିବା ମଦ ମାଫିଆଙ୍କ ଦୌରାତ୍ମ୍ୟକୁ ପ୍ରଶ୍ରୟ ଦେଉଛି । ଏହି ଦୋକାନ ଯଦି ଏଠାରୁ ନଉଠେ ସେଥିପାଇଁ ଯେଉଁ ଆଇନ ଶୃଙ୍ଖଳା ପରିସ୍ଥିତି ଉପୁଜିବ ସେଥିପାଇଁ ପ୍ରଶାସନ ହିଁ ଦାୟୀ ରହିବ ଭୁବନେଶ୍ୱର ସୁରକ୍ଷା କମିଟିର ସମ୍ପାଦକ ରନ ମହାନ୍ତି କହିଛନ୍ତି ।।

# ଚିହ୍ନଟ ହେଲେ ନୂଆ ୬୭ ଆକ୍ରାନ୍ତ

ଭଦ୍ରକ, (ପିଏନ)- ଭଦ୍ରକ ଜିଲ୍ଲାରୁ ଆଜି ନୂଆ କରୋନା ଆକ୍ରାନ୍ତ ୬୭ଜଣ ଚିହ୍ନଟ ହୋଇଛନ୍ତି । ଜିଲ୍ଲାରୁ ମୋଟ ୧ ଲକ୍ଷ ୩୦୪୯ ଜଣଙ୍କ ନମୁନା ପରୀକ୍ଷା ପରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ପହଂଚିଛି ୬୧୬୬ରେ । ତେବେ ଏମାନଙ୍କ ମଧ୍ୟରୁ ୫୫୯୧ଜଣ ସୁସ୍ଥ ହୋଇ ସାରିଛନ୍ତି । ଗତକାଲି ୧୧୪ ଜଣ ସୁସ୍ଥ ହେବା ପରେ ନୂଆ ଆକ୍ରାନ୍ତଙ୍କୁ ମିଶାଇ ଏବେ ମୋଟ ୫୬୦ଜଣ ଆକ୍ରାନ୍ତ ସକ୍ରିୟ ରହି ଚିକିତ୍ସିତ ହେଉଛନ୍ତି । ଚିହ୍ନଟ ହୋଇଥିବା ନୂଆ ଆକ୍ରାନ୍ତମାନେ ବାସୁଦେବପୁର ବ୍ଲକର ୨ଜଣ, ଭଦ୍ରକ ବ୍ଲକର ୪ଜଣ, ଭଦ୍ରକ ପୌରପାଳିକାର ୬ଜଣ, ବନ୍ତ ବ୍ଲକର ୧୯ଜଣ, ଭଣ୍ଡାରିପୋଖରୀ ବ୍ଲକର ୩ଜଣ, ଚାନ୍ଦବାଲି ବ୍ଲକର ଜଣେ, ଧାମନଗର ବ୍ଲକର ୨୬ଜଣ, ତିହିଡି ବ୍ଲକର ୬ଜଣ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି ।

## ଭଦ୍ରକ : ଅବକାରୀ କର୍ମଚାରୀଙ୍କୁ ମାଡ ମାରିଥିବା ୩ ମଦ ମାଫିଆ ଗିରଫ

ଭଦ୍ରକ, (ପିଏନ)- ଅବକାରୀ କର୍ମଚାରୀମାନଙ୍କୁ ମଦ ମାଫିଆଙ୍କ ଆକ୍ରମଣ ଘଟଣାରେ ଭଦ୍ରକ ପୁରୁଣାବଜାର ଥାନା ପୁଲିସ୍ ୩ ଜଣ ଅଭିଯୁକ୍ତଙ୍କୁ ଆଜି ଗିରଫ କରିଛି । ଖବର ଅନୁଯାୟୀ ଚଳିତ ମାସ ୭ ତାରିଖ ଦିନ ପୁରୁଣାବଜାର ଥାନା ମିର୍ଜାପୁର ଅଂଚଳରେ, ଅବକାରୀ ବିଭାଗ ପକ୍ଷରୁ ଚଢାଉ କରାଯାଇଥିଲା । ଏହି ଚଢାଉ ସମୟରେ ବିପୁଳ ପରିମାଣରେ ମଦ ସହ ୨ ଜଣ ଗିରଫ ହୋଇଥିଲେ । ହେଲେ ମଦ ମାଫିଆମାନଙ୍କ ପାଲଟା ଆକ୍ରମଣର ସମ୍ମୁଖୀନ ହୋଇଥିଲେ ଅବକାରୀ କର୍ମଚାରୀ । ଗିରଫ ହୋଇଥିବା ଅଭିଯୁକ୍ତମାନଙ୍କ ସହ ମଦକୁ ବି ଛଡାଇ ନେଇଥିଲେ ଆକ୍ରମଣକାରୀ । ଏବଂ ଅଭିଯୁକ୍ତମାନେ ସମସ୍ତ ୭ ଜଣ ଅବକାରୀ କର୍ମଚାରୀଙ୍କୁ ମାଡ ମାରି ଆହତ କରିବା ସହ ଗ୍ରାମରେ ଅଟକାଇ ରଖିଥିଲେ ।

# ଦୁତିପଡା ଏଏନଏମଙ୍କ ବିରୁଦ୍ଧରେ ଦାବିପତ୍ର ପ୍ରଦାନ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲା ଖଜୁରିପଡା ବ୍ଲକ ଅନ୍ତର୍ଗତ ଦୂତିପଡ଼ା ଗ୍ରାମ ପଂଚାୟତରେ ଥିବା ଉପ ସ୍ୱାସ୍ଥ୍ୟକେନ୍ଦ୍ରର ଏଏନଏମଙ୍କ ମନମୁଖୀ କାର୍ଯ୍ୟକୁ ନେଇ ଅଂଚଳବାସୀ ଏକ ଅଭିଯୋଗ ପତ୍ର ଜିଲା ପ୍ରଶାସନକୁ ପ୍ରଦାନ କରିଛନ୍ତି । ସେମାନେ ଦେଇଥିବା ଅଭିଯୋଗ ଅନୁସାରେ, ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଦୁତିପଡା ଏବଂ ଆଖପାଖର ଶତାଧିକ ଲୋକ ନିର୍ଭର କରୁଛନ୍ତି । ହେଲେ ସେହି କେନ୍ଦ୍ରର ଦାୟିତ୍ୱରେ ଥିବା ଏ.ଏନ.ଏମ ନିୟମିତ ନ ଆସିବାରୁ ମାସର ଅଧିକାଂଶ ସମୟ ଉକ୍ତ ଉପସ୍ୱାସ୍ଥ୍ୟକେନ୍ଦ୍ରରେ ତାଲା ଝୁଲୁଛି । ଉକ୍ତ ଉପସ୍ୱାସ୍ଥ୍ୟ କେନ୍ଦ୍ରରେ ଥିବା ଏଏନଏମ୍ ପ୍ରଭାସିନି ନାୟକଙ୍କ ମନମୁଖୀ କାର୍ଯ୍ୟରେ ଅଂଚଳବାସୀ ଅତିଷ୍ଠ ହୋଇ ଜିଲାପାଳ ଓ ଜିଲା ଅତିରିକ୍ତ ଚିକିତ୍ସା ଅଧିକାରୀଙ୍କୁ ଏକ ଲିଖିତ ଅଭିଯୋଗ ଦେଇଛନ୍ତି ।

# ଖେଳ



ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ
**ପର୍ଯ୍ୟବେକ୍ଷକ**
PARYABEKHYAK
ପର୍ଯ୍ୟବେକ୍ଷକ



Bhubaneswar Saturday June 12, 2021 | ଭୁବନେଶ୍ୱର ଶନିବାର, ଜୁନ୍ ୧୨,୨୦୨୧ | Daily Edition : R.N.I.No: ODIODI /1999/00717 | Postal Regd. No: BN/57/18-20 | www.paryabekhyak.com | 8


## ବେଦାନ୍ତ ପକ୍ଷରୁ ବିଶ୍ୱ ପରିବେଶ ସପ୍ତାହ ଅବସରରେ ବୃକ୍ଷ ରୋପଣ ଅଭିଯାନ



ଝାରସୁଗୁଡା : ବେଦାନ୍ତ, ଆଲୁମିନିୟମ ଏବଂ ମୂଲ୍ୟ ଯୁକ୍ତଉତ୍ପାଦର ଭାରତର ବୃହତମ ଉତ୍ପାଦକ, ଏହାର କର୍ମଚାରୀ, ବ୍ୟବସାୟିକ ଭାଗିଦାରୀ ଏବଂ ସମ୍ପ୍ରଦାୟ ସହିତ ଲିଗଡ଼ ଏବଂ ଏହାର ଝାରସୁଗୁଡା ସ୍ଥିତ ଆଲୁମିନିୟମ କେମ୍ପ୍ଲେକ୍ସରେ ମେଗା ପ୍ଲାଂଟ ଡ୍ରାଇଭ୍ ଆୟୋଜନ କରିଛି । ବିଶ୍ୱ ପରିବେଶ ସପ୍ତାହ ଅବସରରେ ବେଦାନ୍ତ ଝାରସୁଗୁଡ଼ାର ସିଇଓ ସିଏନ ସିଂ ଏବଂ ଲିଗଡ଼ର ଡେପୁଟି ସିଇଓ ଜିଜି ପଲ କର୍ମଚାରୀ ଏବଂ ବ୍ୟବସାୟିକ ଭାଗିଦାରୀ ମାନଙ୍କ ସହିତ ମିଳିତ ଭାବରେ ଏକ ବୃହତ ବୃକ୍ଷ ରୋପଣ ଅଭିଯାନର ଆୟୋଜନ କରିଥିଲେ । ବେଦାନ୍ତ ଚେୟାରମ୍ୟାନ ଅନୀଲ ଅଗ୍ରୱାଲ ବିଶ୍ୱ ପରିବେଶ ଦିବସ ଦିନ ଏହି ପଦକ୍ଷେପ ଆରମ୍ଭ କରିଥିଲେ, ଯାହାର ଅଂଶ ଭାବରେ କମ୍ପାନୀର ବ୍ୟବସାୟ ସ୍ଥାନରେ ୧୦ଲକ୍ଷରୁ ଅଧିକ ଗଛ ଲଗାଯିବ ବୋଲି ସେକହିଥିଲେ । ଏକ ସ୍ଥାୟୀ ଭବିଷ୍ୟତର ବୁନିୟାଦ ଗଢିବା ଦିଗରେ ନିଜର ପ୍ରତିବଦ୍ଧତା କୁ ନେଇ କମ୍ପାନୀ ସ୍ଥାନୀୟ ସମ୍ପ୍ରଦାୟ ସହିତ ଏକ ବୃକ୍ଷ ରୋପଣ ଡ୍ରାଇଭ ମଧ୍ୟ ଆୟୋଜନ କରିଥିଲା । ଝାରସୁଗୁଡା ସମ୍ପ୍ରଦାୟର ପିଲାମାନଙ୍କ ମଧ୍ୟରେ ଅଧିକ ପରିବେଶ ସଚେତନତା ସୃଷ୍ଟିକରି ବେଦାନ୍ତ ଏକ ଚିତ୍ରାଙ୍କନ ପ୍ରତିଯୋଗିତା କରିଥିଲେ । ଏହି ପ୍ରତିଯୋଗିତା ସମସ୍ତ କୋଭିଡ -୧୯ କଟକଣା ପାଳନକରି କରାଯାଇଥିଲା । ଯୁବ ମାନସିକତା ସହିତ ମିଳିତ ପ୍ରୟାସ ପ୍ରଭାବ ଶାଳୀ ଫଳା ଫଳପ୍ରଦାନ କରି ପାରିବ କାରଣ ଏହା ଏକ ସୁସ୍ଥ ପରିବେଶ ଗଠନ ପାଇଁ ପ୍ରତିଶୃତି ଦେଇଥାଏ । ଏହା ସହିତ, କମ୍ପାନୀ ଲିଗଡ଼ ସମ୍ପ୍ରଦାୟ ପରିବାରଙ୍କୁ ଫସଲଚାରା ଏବଂ ଇନ୍ଧନ-ଦକ୍ଷ କିମ୍ବା ମାଟି ଚୁଲା ବଂଟନ କରିଥିଲା ।ଏହି ଅବସରରେ ବେଦାନ୍ତ ଆଲୁମିନିୟମ ବ୍ୟବସାୟର ଡେପୁଟି ସିଇଓ ରାହୁଲ ଶର୍ମା କହିଛନ୍ତି ଯେନ୍ତ ଭାରତର ଆଲୁମିନିୟମର ବୃହତମ ଉତ୍ପାଦକ ଭାବରେ, ଆମେ ନିରନ୍ତର ବିକାଶ ଏବଂ କାର୍ଯ୍ୟରେ ସଂରକ୍ଷଣ ପ୍ରୟାସ ପ୍ରତିପ୍ରତିବଦ୍ଧ । ବେଦାନ୍ତ କେୟାର ଗ୍ରୀନ କଭର ପ୍ରୋଜେକ୍ଟ ଆମର ବୃହତ ଲକ୍ଷ୍ୟ 'ଜିରୋ ହର୍ମ, ଜିରୋ ଓ୍ୱେଷ୍ଟ ଏବଂ ଜିରୋ ଡିସଚାର୍ଜ' ଆଡକୁ ଏକ ଦୃଢ ପଦକ୍ଷେପ ଯାହା ଦ୍ୱାରା ଆମେ ଭବିଷ୍ୟତ ପିଢିଙ୍କ ପାଇଁ ଏକ ଉନ୍ନତ ଏବଂ ସବୁଜ ପରିବେଶ ନିର୍ମାଣ କରିବୁ । ଏକ ଦୀର୍ଘ ସ୍ଥାୟୀ ପରିବେଶ ପ୍ରତି ଥିବା ଆମର ପ୍ରତିବଦ୍ଧତା ଅନୁଯାୟୀ ଏକ ସ୍ଥାୟୀ ସକରାତ୍ମକ ପ୍ରଭାବ ସୃଷ୍ଟି କରିବାକୁ ବେଦାନ୍ତରେ ସୁଦୃଢ ଇଏସ୍‌ଜି ଅଭ୍ୟାସ ନିୟୋଜନ ଜାରି ରଖିଛୁ ।ଝାରସୁଗୁଡା ବାସୀ ହରି ଧୁରୁଆ କହିଛନ୍ତି ଯେ ଚାଲି ଥିବା ମହାମାରୀ ମଧ୍ୟରେ ସମସ୍ତ କୋଭିଡି କଟକଣାକୁ ଅନୁ ସରଣ କରି ଆଖପାଖ ଅଂଚଳରେ ବୃକ୍ଷ ରୋପଣ ଅଭିଯାନ ଆୟୋଜନ କରିଥିବାରୁ ମୁଁ ବେଦାନ୍ତଙ୍କୁ ଧନ୍ୟବାଦ ଦେଉଛି । ବେଦାନ୍ତ ନିଜର ଆଲୁମିନିୟମ ଉତ୍ପାଦନ ସହିତ ବିଭିନ୍ନକାର୍ଯ୍ୟକ୍ରମ ମାଧ୍ୟମରେ ପରିବେଶ ସୁରକ୍ଷା ଏବଂ ଇକୋ-ସଚେତନତା ଅଭିବୃଦ୍ଧି ଉପରେ ଦୃଢଧ୍ୟାନ ଦେଉଛି ଯାହାକି ଏକ ପ୍ରଶଂସନୀୟ ପ୍ରୟାସ । ଅର୍ଥନୈତିକ, ପରିବେଶ ଏବଂ ସାମାଜିକ ପ୍ରଭାବର ତିନୋଟି ପ୍ରାଥମିକ ସ୍ତମ୍ଭ ଉପରେ ଆଧାର କର ଦୀର୍ଘସ୍ଥାୟୀ-କୈନ୍ଦ୍ରିକ କାର୍ଯ୍ୟ ସୃଷ୍ଟି କରିବାକ ୁବେଦାନ୍ତ ଶ୍ରେଷ୍ଠ-ଶ୍ରେଣୀ ପ୍ରଯୁକ୍ତିବିଦ୍ୟା ଏବଂ ପରିବେଶ ସୁରକ୍ଷାକୁ ଏକୀ କୃତ କରିଛି । ଲକ୍ଷଲକ୍ଷ ବୃକ୍ଷ ରୋପଣ, ବର୍ଜ୍ୟ ବସ୍ତୁର ପୁନଃ ବ୍ୟବହାର, ନିର୍ଦ୍ଦିଷ୍ଟ ପରିମାଣ ର ଜଳ ଏବଂ ଶକ୍ତି ବ୍ୟବହାର ଦ୍ୱାରା ସବୁଜ ଆବରଣ ସୃଷ୍ଟି କରିବା ଦିଗରେ କମ୍ପାନୀ ମାନଦଣ୍ଡ ସ୍ଥିର କରିଛି ଏବଂ ପରିବେଶର ସୁରକ୍ଷା ଦିଗରେ ନିରନ୍ତର ପ୍ରୟାସ କରୁଛି । କମ୍ପାନୀ ବେଦାନ୍ତ ସ୍ଥିରତା ନିଶ୍ଚିତତା କାର୍ଯ୍ୟକ୍ରମ (ଠଝଇଚ) ପ୍ରତିଷ୍ଠା କରିଛି, ଆନ୍ତର୍ଜାତୀୟ ଅର୍ଥନିଗମ (ଆଇଏଫସି) ଏବଂ ଆନ୍ତର୍ଜାତୀୟ ମାଇନିଂ ଆଣ୍ଡ ମେଟାଲ ପରିଷଦ (ଆଇସିଏମ୍‌ଏମ୍) ନିର୍ଦ୍ଦେଶା ବଳୀ ଅନୁସରଣ କରି ଏକ ଦୃଢ ଶାସନ ବ୍ୟବସ୍ଥା ଅନୁସରଣ କରିଛି ଯାହା ସେମାନଙ୍କ କାର୍ଯ୍ୟକୁ ମାର୍ଗଦର୍ଶନ କରିଥାଏ ଏବଂ ସ୍ଥିରତାର ବ୍ୟାପକ ଆକାରରେ ୩୪ଉପାଦାନ ମଧ୍ୟରେ କାର୍ଯ୍ୟ ଦକ୍ଷତା ମାପ କରିଥାଏ ।ଯେପରି ନେତୃତ୍ୱ, ପ୍ରକ୍ରିୟା ନିରାପତା ଏବଂ ପରିବର୍ତନ ପରିଚାଳନା, ନିରନ୍ତର ଉନ୍ନତି, ସାମାଜିକ ସ୍ଥିରତା, ଉତ୍ସ ବ୍ୟବହାର ପରିଚାଳନା, ସ୍ୱାସ୍ଥ୍ୟ, ନିରାପତା, ପରିବେଶ (ଐଝର) ପରିଚାଳନା ଇତ୍ୟାଦି । ଭାରତରେ ସବୁଜ ଧାତୁ, ଆଲୁମିନିୟମର ବୃହତମ ଉତ୍ପାଦକ, ବେଦାନ୍ତ, ଓଡିଶାର ଝାରସୁଗୁଡାରେ ଏକ ବିଶ୍ୱସ୍ତରୀୟ ୧.୬ଏମଟିପିଏ ଆଲୁମିନିୟମ ସ୍ମେଲଟର ଏବଂ ୩୬୧୫ ମେଗାୱାଟ ତାପଜ ବିଦ୍ୟୁତ ଉତ୍ପାଦନ ବିଶିଷ୍ଟ ପ୍ରକଳ୍ପ ଚଳାଉଛି । ଭାରତର ଏହା ଏକମାତ୍ର ଆଲୁମିନିୟମ ଉତ୍ପାଦକ ଯିଏକି ବିଶ୍ୱର ନ୍ତ୧ମିଲିୟନଟନ୍ ଉତ୍ପାଦନ ଏବଂ ରପ୍ତାନୀ କ୍ଲବ୍‌ରେ ଜଣେ ସଦସ୍ୟ ଅଟେ ।ଏଥି ସହିତ ମୂଲ୍ୟଯୁକ୍ତ ଆଲୁମିନିୟମ୍ ଉତ୍ପାଦନରେ ଏହା ଏକ ଅଗ୍ରଣୀ କମ୍ପାନୀ ଯାହାକି ମୁଳ ଶିଳ୍ପଗୁଡିକରେ ଗୁରୁତ୍ୱପୂର୍ଣ୍ଣ ପ୍ରୟୋଗ କରିଥାଏ । ଦେଶର ଏକ ବୃହତ ବୈଷୟିକ ଯୋଗ୍ୟତା ଏବଂ ବିବିଧ କର୍ମଚାରୀ ସମୂହ ବିଶିଷ୍ଟ ଏହି କମ୍ପାନୀ, ଆଲୁମିନିୟମର ଉଦୀୟମାନ ପ୍ରୟୋଗ, 'ଭବିଷ୍ୟତର ଧାତୁ'ଦ୍ୱାରା ସମସ୍ତଙ୍କ ପାଇଁ ଏକ ସ୍ଥାୟୀ ତଥା ସବୁଜ ଭବିଷ୍ୟତସୃଷ୍ଟି କରିବା ଦିଗରେ କାର୍ଯ୍ୟରତ ରହିଛି ।

## ଯାଜପୁର ବ୍ଲକ କଂଗ୍ରେସ ପକ୍ଷରୁ ପେଟ୍ରୋଲ ଓ ଡିଜେଲ୍ ଦର ବୃଦ୍ଧି ବିରୁଦ୍ଧରେ ବିକ୍ଷୋଭ

ଯାଜପୁର: ଯାଜପୁର ବ୍ଲକର ଆଙ୍କୁଲାସ୍ଥିତ ନନ୍ଦ ପେଟ୍ରୋଲ ପମ୍ପ ସମ୍ମୁଖରେ ଯାଜପୁର ବିଧାନସଭା କଂଗ୍ରେସ ପ୍ରାର୍ଥୀ ସନ୍ତୋଷ କୁମାର ନନ୍ଦଙ୍କ ନେତୃତ୍ୱରେ ବହୁ କଂଗ୍ରେସ କର୍ମୀ ବିକ୍ଷୋଭରେ ଯୋଗ ଦେଇଥିଲେ। କେନ୍ଦ୍ର ସରକାର ଗତ ୫ ମାସ ମଧ୍ୟରେ ପେଟ୍ରୋଲରେ ଓ ଡିଜେଲରେ ମୂଲ୍ୟକୁ ୫୩ଥର ବୃଦ୍ଧି କରି ଟ. ୧୦୦.୦୦ରୁ ଅଧିକ ଦାମ୍‌ରେ ଜନସାଧାରଣଙ୍କୁ କିଣିବା ପାଇଁ ବାଧ କରୁଛନ୍ତି। ଜନସାଧାରଣ ଦୈନନ୍ଦିନ ଖାଦ୍ୟ ଓ ବ୍ୟବାହାଯ୍ୟ ଦ୍ରବ୍ୟର ମୂଲ୍ୟ ବୃଦ୍ଧି ତଥା ଲକ୍‌ଡାଉନ ଯୋଗୁ ନିଜ ପରିବାର ପ୍ରତିପୋଷଣ କରିବା ଅସମ୍ଭବ ହୋଇ ପଡିଥିବା ବେଳେ କେନ୍ଦ୍ର ଓ ରାଜ୍ୟ ସରକାର ଜନସାଧାରଣଙ୍କ ଭାବାବେଗ ସହିତ ଖେଳି ଚାଲିଛନ୍ତି। କରୋନା କାଳରେ ଜୀବନ ଜିବୀକା ପାଇଁ ଲୋକମାନେ ସଂଘର୍ଷ କରୁଥିବା ସମୟରେ ପେଟ୍ରୋଲ ଓ ଡିଜେଲର ଦୈନନ୍ଦିନ ମୂଲ୍ୟ ବୃଦ୍ଧି ବେଡି ଉପରେ କୋରଡା ମାଡ ସଦୃଶ ବୋଲି ଶ୍ରୀ ନନ୍ଦ ପ୍ରକାଶ କରିଥିଲେ। ଜିଲ୍ଲା କଂଗ୍ରେସ ଉପସଭାପତି ରାହାସ ବିହାରୀ ଦାସଙ୍କ ନେତୃତ୍ୱରେ କପାସି ଓ ଭରତ ଚନ୍ଦ୍ର ସାମଲଙ୍କ ନେତୃତ୍ୱରେ ମୀରଚନ୍ଦପୁର ପେଟ୍ରୋଲ ପମ୍ପ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହି ବିକ୍ଷୋଭରେ ଭାସ୍କର ମହାନ୍ତି, ଜିଲ୍ଲା କାର୍ଯ୍ୟକାରୀ ସଭାପତି ବଳଭଦ୍ର ଦାସ, ଜଗବନ୍ଧୁ ଜେନା, ରାଜ୍ୟ ଓବିସି ସେଲ୍ ଉପସଭାପତି ପ୍ରଶାନ୍ତ କୁମାର ସାହୁ, ସନ୍ତୋଷ ସାହୁ, କାହ୍ନୁ ଜେନା ପ୍ରମୁଖ ପେଟ୍ରୋଲ ପମ୍ପ ନିକଟରେ ବିକ୍ଷୋଭ ପ୍ରଦାର୍ଶନ କରିଥିଲେ।

## ଉତ୍କଳ କେମେଷ୍ଟି ଆଣ୍ଡ ଡ୍ରଗିଷ୍ଟ ଆସୋସିଏସନ ତରଫରୁ ସେରୋସରଭିଲାନ୍ସ (ଆଣ୍ଟିବଡ଼ି ଆଇଜିଜି) କ୍ୟାମ୍ପ ଅନୁଷ୍ଠିତ




ଭୁବନେଶ୍ୱର: ଉତ୍କଳ କେମେଷ୍ଟି ଆଣ୍ଡ ଡ୍ରଗିଷ୍ଟ ଆସୋସିଏସନ ଦ୍ୱାରା ଆୟୋଜିତ ଏବଂ ରିଜିଓନାଲ ମେଡ଼ିକାଲ ରିସର୍ଚ୍ଚ ସେଣ୍ଟର ଭୁବନେଶ୍ୱର ଆନୁକୂଲ୍ୟରେ ଏକ ସେରୋସରଭିଲାନ୍ସ କ୍ୟାମ୍ପ ୟୁସିଡ଼ିଏର ସଭାକକ୍ଷ ଅଟଳ ଭବନରେ ଆୟୋଜିତ ହୋଇଅଛି। ଏହା ୧୦ ଏବଂ ୧୧ ଜୁନ ଦୁଇଦିନ ଧରି ଅନୁଷ୍ଠିତ ହେବ। ଯେହେତୁ ଔଷଧ ବ୍ୟବସାୟୀ ସିଧାସଳଖ କରୋନା ରୋଗୀ ବା ସାଧାରଣ ଜନତାଙ୍କ ସଂସ୍ପର୍ଶରେ ଆସିଛନ୍ତି ତେଣୁ କରୋନା ହେବାର ସମ୍ଭାବନା ଅଧିକ। ଏହାକୁ ଆଖି ଆଗରେ ରଖି ଆରଏମ୍‌ଆରସିର ନିର୍ଦ୍ଦେଶିକା ଡଃ ଶ୍ରୀମତୀ ସଂଘମିତ୍ରା ପତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଡଃ ଦେବଦତ୍ତ ଭଟ୍ଟାଚାର୍ଯ୍ୟ, ଡଃ ଅମିୟ ରଞ୍ଜନ ମହାନ୍ତ, ଶ୍ରୀଯୁକ୍ତ ମାତୃଜ୍ୟୋତି ପଟ୍ଟନାୟକ, ମିସ୍ ଚିନ୍ମୟୀ ଡ଼ୋଲେ ଏବଂ ସାଥୀଙ୍କ ଦ୍ୱାରା ଏହି ସେରୋସରଭିଲାନ୍ସ କ୍ୟାମ୍ପ ଆୟୋଜିତ ହୋଇଛି। ଏହି କ୍ୟାମ୍ପର ମୂଳ ଲକ୍ଷ୍ୟ ଶରୀରରେ ଆଣ୍ଟିବଡ଼ି ଆଇଜିଜି ବୃଦ୍ଧିର ଅନୁଧାନ କରିବା ଯାହା କରୋନା ପ୍ରତିରୋଧକ ଶକ୍ତି କେତେ ବଢ଼ାଇଛି ତାହାର ଏକ ଆକଳନ କରିବା। ଦୁଇଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି କ୍ୟାମ୍ପରେ ପାଖାପାଖି ୨୦୦୦ ଲୋକମାନଙ୍କର ନମୂନା ସଂଗ୍ରହ କରିବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଏହି ସେରୋସରଭିଲାନ୍ସ କ୍ୟାମ୍ପ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ କରିବାର ଆୟୋଜନ କରାଯିବ ବୋଲି ସଭାପତି ଶ୍ରୀ ପି.ସତ୍ୟନାରାୟଣ କହିଥିବା ବେଳେ ସାଧାରଣ ସମ୍ପାଦକ ଶ୍ରୀଯୁକ୍ତ ପ୍ରଶାନ୍ତ ମହାପାତ୍ର ଏହି କ୍ୟାମ୍ପକୁ ପରିଚାଳନା କରିବା ସହିତ ସରକାରଙ୍କୁ ମଧ୍ୟ ଧନ୍ୟବାଦ ଅର୍ପଣ କରିଛନ୍ତି। ଯେହେତୁ ସରକାର ଔଷଧ ବ୍ୟବସାୟୀଙ୍କୁ ଟୀକାକରଣରେ ଅଗ୍ରାଧିକାର ଦେବାରେ ସାମିଲ୍ କରିଛନ୍ତି। ଗଣମାଧ୍ୟମକୁ ମଧ୍ୟ ଧନ୍ୟବାଦ ଜଣାଇଛନ୍ତି ଯେହେତୁ ସେମାନଙ୍କ ମାଧ୍ୟମରେ ଆମେ ସରକାରଙ୍କ ପାଖରେ ପହଞ୍ଚିପାରିଛୁ। ଏହି କ୍ୟାମ୍ପରେ ଖୋର୍ଦ୍ଧା ଜିଲ୍ଲାର ସଭାପତି ଶ୍ରୀ ପ୍ରଗତି ରଞ୍ଜନ ମହାନ୍ତିଙ୍କ ସମେତ ବହୁ ବରିଷ୍ଠ ସଭ୍ୟ ଉପସ୍ଥିତ ଥିଲେ।

## ଯାଜପୁର ନଗର କଂଗ୍ରେସ ପକ୍ଷରୁ ପେଟ୍ରୋଲ ପମ୍ପ ନିକଟରେ ବିକ୍ଷୋଭ

ଯାଜପୁର : ଯାଜପୁର ନଗର କଂଗ୍ରେସ ପକ୍ଷରୁ ସରଦସ୍ଥିତ ଟ୍ୟାକ୍ସି ଷ୍ଟାଣ୍ଡ ନିକଟସ୍ଥ ନାରଣ ଘୋଷ ପେଟ୍ରୋଲ ପମ୍ପ ଓ ଗରିଆପୁର ପେଟ୍ରୋଲ ସମ୍ମୁଖରେ ନଗର କଂଗ୍ରେସ ସଭାପତି ନାରାୟଣ ସାମନ୍ତଙ୍କ ନେତୃତ୍ୱରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କର ପେଟ୍ରୋଲ ଓ ଡିଜେଲର ଆକାଶଛୁଆଁ ମୂଲ୍ୟ ଉପରୁ କେନ୍ଦ୍ରୀୟ ଶୁଳ୍କ ଓ ରାଜ୍ୟର ଭାଟ୍ ହ୍ରାସ କରିବା ସଙ୍ଗେ ସଙ୍ଗେ ଜନସାଧାରଣ ଏ ବିଷୟରେ ସଚେତନ ହେବା ସହ ପେଟ୍ରୋଲ ଓ ଡିଜେଲ ଦରବୃଦ୍ଧି ବିରୋଧରେ ଜନମତ ଜାଗ୍ରତ କରିବା ପାଇଁ ଆଜି ସକାଳ ୭ଘଟିକା ଠାରୁ ଦିବା ୧୧ ଘଟିକା ପର୍ଯ୍ୟନ୍ତ ୪ ଘଣ୍ଟିଆ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହି ବିକ୍ଷୋଭ ପ୍ରଦର୍ଶନରେ ଯାଜପୁର ବିଧାନସଭା କଂଗ୍ରେସ ପ୍ରାର୍ଥୀ ସନ୍ତୋଷ ନନ୍ଦ, ପୂର୍ବତନ ଏମ୍‌ପି ଅଞ୍ଜଳ ଦାସ, ପିସିସି ସଂପାଦକ ଭାସ୍କର ମହାନ୍ତି, ପୂର୍ବତନ ପୌରାଧକ୍ଷ ଆଲୋକ ବେହେରା, ଜିଲ୍ଲା ମହିଳା କଂଗ୍ରେସ ପୂର୍ବତନ ସଭାନେତ୍ରୀ ପ୍ରତିମା କର, ଜିଲ୍ଲା ଦଳିତ କଂଗ୍ରେସ ସଭାପତି ଦୁର୍ଯ୍ୟୋଧନ ବେହେରା, ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ହୃଷିକେଶ ପତି, ବିଞ୍ଝାରପୁର ବିଧାନସଭା କଂଗ୍ରେସ ପ୍ରାର୍ଥୀ ମନୋରଂଜନ ଦାସ,ଆଦିତ୍ୟ ମହାନ୍ତି ପ୍ରମୁଖ ସାମିଲ ହୋଇ କେନ୍ଦ୍ର ସରକାରଙ୍କର ଅଗଣତାନ୍ତ୍ରିକ ଭାବେ ପେଟ୍ରୋଲ ଓ ଡିଜେଲ ଦର ବୃଦ୍ଧି ବିରୁଦ୍ଧରେ ସ୍ଲୋଗାନ ଦେଇଥିଲେ।

## ପେଟ୍ରୋଲ, ଡିଜେଲ ଓ ରନ୍ଧନ ଗ୍ୟାସର ଦରବୃଦ୍ଧି ପ୍ରତିବାଦରେ ରାଉରକେଲା ବିଭିନ୍ନ ପେଟ୍ରୋଲ ପମ୍ପ ସମ୍ମୁଖରେ କଂଗ୍ରେସର ବିକ୍ଷୋଭ

ରାଉରକେଲା : ଅଖିଳ ଭାରତ କଂଗ୍ରେସ କମିଟିର ଆହ୍ୱାନକ୍ରମେ ଆଜି ତା-୧୧.୬.୨୧ ରିଖରେ ପେଟ୍ରୋଲ, ଡିଜେଲ ଓ ରନ୍ଧନ ଗ୍ୟାସର ଅହେତୁକ ଦରବୃଦ୍ଧି ପ୍ରତିବାଦରେ ରାଉରକେଲା ଜିଲ୍ଲା କଂଗ୍ରେସ ତରଫରୁ ସହରର ବିଭିନ୍ନ ପେଟ୍ରୋଲ ପମ୍ପ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଜିଲ୍ଲା କଂଗ୍ରେସ ସଭାପତି ଜର୍ଜ ତିର୍କୀଙ୍କ ମାର୍ଗଦର୍ଶନରେ ଅନୁଷ୍ଠିତ ଏହି ବିକ୍ଷୋଭରେ ବିଭିନ୍ନ ସ୍ଥାନରେ ବରିଷ୍ଠ ନେତୃବୃନ୍ଦ ଓ ବ୍ଲକ୍ ସଭାପତିମାନେ କୋଭିଡ୍ ନିୟମ ଅନୁପାଳନ କରି କାର୍ଯ୍ୟକ୍ରମରେ ନେତୃତ୍ୱରେ ନେଇଥିଲେ । ଏଠାରେ ଉଲ୍ଲେଖଯୋଗ୍ୟ ଯେ, ସମ୍ପ୍ରତି ରାଉରକେଲା ସହରରେ ପେଟ୍ରୋଲ ଲିଟର ପ୍ରତି ଦର ଶତକ ଛୁଇଁବାକୁ ଯାଉଥିବା ବେଳେ ରାଜ୍ୟର କେତେକ ସହରରେ ଇତିମଧ୍ୟରେ ଶତକ ପାଲ କରିସାରିଲାଣି । ସେହିପରି ଡିଜେଲ ଦର ମଧ୍ୟ ଲିଟର ପ୍ରତି ମଧ୍ୟ ଶତକ ଅଭିମୁଖେ ବଢି ବଢି ଚାଲିଛି। ଅନୁରୂପ ଭାବେ ରନ୍ଧନ ଗ୍ୟାସ ସିଲିଣ୍ଡର ପ୍ରତି ଦର ୯୦୦ ଟଙ୍କା ଉପରେ । ପେଟ୍ରୋଲ, ଡିଜେଲ ଓ ରନ୍ଧନ ଗ୍ୟାସର ଏହି ଅହେତୁକ ଦରବୃଦ୍ଧି ପାଇଁ ଆଜି ପ୍ରାୟ ସମସ୍ତ ଅତ୍ୟାବଶ୍ୟକୀୟ ଖାଉଟି ସାମଗ୍ରୀର ଦର ହୁ ହୁ ହୋଇ ବଢିବାରେ ଲାଗିଛି। କଂଗ୍ରେସ ସରକାର ସମୟରେ ଗତ ୨୦୧୩ ମସିହା ଜୁନ୍ ମାସରେ ଆ'ର୍ଜାତୀୟ ବଜାରରେ ଅଶୋଧିତ ତୈଳର ବ୍ୟାରେଲ ପ୍ରତି ଦର ୧୦୧ ଡଲାର ଥିବାବେଳେ ଆମ ରାଜ୍ୟରେ ପେଟ୍ରୋଲ ଲିଟର ପ୍ରତି ଦର ୬୪ ଟଙ୍କା ଥିଲା । ସେହିପରି ଡିଜେଲର ଲିଟର ପ୍ରତି ଦର ମଧ୍ୟ ୫୦ ଟଙ୍କା ଥିବାବେଳେ ରନ୍ଧନ ଗ୍ୟାସ ସିଲିଣ୍ଡର ପ୍ରତି ମୂଲ୍ୟ ସାଢେ ୪୦୦ ଟଙ୍କା ମଧ୍ୟରେ ଥିଲା । ତେବେ ପେଟ୍ରୋଲ, ଡିଜେଲ ଓ ରନ୍ଧନ ଗ୍ୟାସର ଏହି ଦର ବୃଦ୍ଧିକୁ ନେଇ ସେତେବେଳେ ବିଜେପି ନେତାମାନେ ବିଭିନ୍ନ ସମୟରେ ରାସ୍ତାକୁ ଆସି ଆନ୍ଦୋଳନ କରୁଥିଲେ । କିନ୍ତୁ ଆଜି ବିଜେପି ଶାସନ ସମୟରେ ଆନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳର ବ୍ୟାରେଲ ପ୍ରତି ଦର ପ୍ରାୟ ୭୦ ଡଲାର ଥିବାବେଳେ ଆମ ରାଜ୍ୟରେ ପେଟ୍ରୋଲ ଲିଟର ପ୍ରତି ୧୦୦ ଟଙ୍କା ପାର କରିଥିବା ବେଳେ ଡିଜେଲ ୧୦୦ ଟଙ୍କା ସ୍ପର୍ଶ କରିବାକୁ ଯାଉଛି । ତେବେ ବିଡମ୍ବନାର ବିଷୟ ଯେ, କରୋନା ଭଳି ମହାମାରୀ ସମୟରେ ନରେନ୍ଦ୍ର ମୋଦି ସରକାର ଥରକୁ ଥର ପେଟ୍ରୋଲ, ଡିଜେଲ ଓ ରନ୍ଧନ ଗ୍ୟାସର ଦରବୃଦ୍ଧି କରି ଗରିବ ଓ ମଧ୍ୟବିତ୍ତ ଶ୍ରେଣୀର ଲୋକଙ୍କ ଅଣ୍ଟା ଭାଙ୍ଗି ଦେଇଛନ୍ତି । ତେଣୁ ଏହାର ପ୍ରତିବାଦରେ ଆଜି କଂଗ୍ରେସ ପକ୍ଷରୁ ଦେଶବ୍ୟାପି ଭାରତ ସରକାରଙ୍କ ବିଭିନ୍ନ ପେଟ୍ରୋଲ ପମ୍ପ ସମ୍ମୁଖରେ ପ୍ରତିବାଦ ବିକ୍ଷୋଭ ପ୍ରଦର୍ଶନ କରି ତୁରନ୍ତ ଏହି ଦରବୃଦ୍ଧି ପ୍ରତ୍ୟାହାର ପାଇଁ ଦାବି କରିଛି ।

## ରାଷ୍ଟ୍ରୀୟ ମଧ୍ୟବିତ ପରିବାର ମହାସଙ୍ଘ ପକ୍ଷରୁ ସ୍ୱାସ୍ଥ୍ୟ ନିଶ୍ଚତତା ଆଇନ ପ୍ରଣୟନ ପାଇଁ ରାଷ୍ଟ୍ରପତିଙ୍କ ଉଦେଶ୍ୟରେ ସ୍ମାରକପତ୍ର ପ୍ରଦାନ



କେନ୍ଦ୍ରାପଡ଼ା: ରାଷ୍ଟ୍ରୀୟ ମଧ୍ୟବିତ ପରିବାର ମହାସଙ୍ଘର ସଭାପତି ପ୍ରଦୀପ ମିଶ୍ରଙ୍କ ଆହ୍ୱାନ କ୍ରମେ କେନ୍ଦ୍ରାପଡା ଜିଲ୍ଲା କମିଟି ପକ୍ଷରୁ ଜିଲ୍ଲା ସଭାପତି ନିରଞ୍ଜନ ପରିଡାଙ୍କ ନେତୃତ୍ୱରେ ମହାସଙ୍ଘର ରାଜ୍ୟ ଉପସଭାପତି ସମ୍ପଦ ସ୍ୱାଇଁ, ସମ୍ପାଦକ ହରେକୃଷ୍ଣ ପାତ୍ର ପ୍ରମୁଖ ଏକ ତିନି ଜଣିଆ ପ୍ରତିନିଧି ମଣ୍ଡଳି କେନ୍ଦ୍ରାପଡା ଜିଲ୍ଲାପାଳଙ୍କ ଜରିଆରେ ରାଷ୍ଟ୍ରପତିଙ୍କ ଉଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ଆଜିର କରୋନା ମହାମାରୀ ସଙ୍କଟ ସମୟରେ ଦେଶ ପାଇଁ ଆବଶ୍ୟକ ହେଉଥିବା ସ୍ୱାସ୍ଥ୍ୟ ଓ ସ୍ୱାସ୍ଥ୍ୟ ସମ୍ପର୍କିତ ଶିକ୍ଷା ବ୍ୟବସ୍ଥାର ଭିତ୍ତିଭୂମିକୁ ସୁଦୃଢ କରାଯିବା ଉଚିତ । ସ୍ୱାସ୍ଥ୍ୟସେବାରେ ଉନ୍ନତି ପାଇଁ ବ୍ୟୟ ବରାଦ ଏବଂ କାର୍ଯ୍ୟକାରିତା ନିମନ୍ତେ ସଂସଦରେ ଏକ ସ୍ୱତନ୍ତ୍ର ଅଧିନିୟମ (ସ୍ୱାସ୍ଥ୍ୟ ନିଶ୍ଚିତତା ଆଇନ) ପ୍ରଣୟନ କରାଯିବା ଆବଶ୍ୟକ । ଏହା ଦ୍ୱାରା ସ୍ୱାସ୍ଥ୍ୟସେବା ଓ ଏହାର ଭିତ୍ତିଭୂମି ସୁଦୃଢ କରିବା ଆବଶ୍ୟକ ଅର୍ଥ ଜିଡିପିର ୬ପ୍ରତିଶତ ଖର୍ଚ୍ଚ କରିବାକୁ ରାଜ୍ୟ ତଥା କେନ୍ଦ୍ର ସରକାରଙ୍କ ଉପରେ ଏକ ଆଇନଗତ ଦାୟୀତ୍ୱ ପ୍ରଦାନ କରିପାରିବ । ଏଥିସହିତ ଉପଯୁକ୍ତ ସ୍ୱାସ୍ଥ୍ୟସେବା ଯୋଗାଇଦେବା ପାଇଁ ଆବଶ୍ୟକ ମାନବସମ୍ବଳ ପାଇଁ ଅର୍ଥ ଭାର କେନ୍ଦ୍ର ସରକାର ବହନ କରିବା ସହିତ ଇଂଲଣ୍ଡରେ ପ୍ରଚଳିତ ଜାତୀୟ ସ୍ୱାସ୍ଥ୍ୟସେବା ଯୋଜନା ପରି ଏକ ଯୋଜନା ଭାରତରେ ଆରମ୍ଭ ହେବା ସହ ପ୍ରତ୍ୟେକ ଭାରତୀୟଙ୍କୁ ମାଗଣା ସ୍ୱାସ୍ଥ୍ୟସେବା ଯୋଗାଇଦେବା ପାଇଁ ଏକ ନିଶ୍ଚିତ ବ୍ୟବସ୍ଥା ହୋଇପାରିବ। ଯଦି ବିଭିନ୍ନ ମାଗଣା ଯୋଜନାରେ ସରକାର ବ୍ୟୟ ବରାଦ କରି ଖର୍ଚ୍ଚ କରିପାରୁଛନ୍ତି ତେବେ ସ୍ୱାସ୍ଥ୍ୟସେବା ଉପରେ କରାଯାଇଥିବା ବିନିଯୋଗ ଦେଶର ଅର୍ଥନୀତି ଉପରେ କୌଣସି ପ୍ରଭାବ ପକାଇବ ନାହିଁ ବରଂ ଜନଜୀବନ ରକ୍ଷା ପାଇଁ ଏକ ଯୁଗାନ୍ତକାରୀ ପଦକ୍ଷେପ ହେବ ବୋଲି ମହାସଙ୍ଘ କହିଛି । ସ୍ୱାସ୍ଥ୍ୟସେବା ପାଇଁ ଖର୍ଚ୍ଚ ହୋଇଥିବା ଅର୍ଥର ପରିମାଣ ଆମର ଜୀବନଶୈଳିରେ ସୁସ୍ଥତା ଆଣିବା ସହିତ କାର୍ଯ୍ୟଦକ୍ଷତାକୁ ବୃଦ୍ଧି କରିବ । ଏହା ବ୍ୟତିତ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଦେଶର ଏକ ବୃହତ ଜନସଂଖ୍ୟା ଚିକିତ୍ସା ପାଇଁ ଖର୍ଚ୍ଚ ହେତୁ ପ୍ରତିବର୍ଷ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି । ଏଭଳି ଲୋକଙ୍କୁ ଦାରିଦ୍ର୍ୟ ସୀମାରୁ ଫେରାଇ ଆଣିବା ପାଇଁ କୋଟି କୋଟି ଖର୍ଚ୍ଚ କରୁଥିବା ସରକାର ନିଶ୍ଚିତ ସ୍ୱାସ୍ଥ୍ୟସେବା ଆଇନ ଲାଗୁହେଲେ ଏହି ଖର୍ଚ୍ଚ ମଧ୍ୟ ସଞ୍ଚୟ ହେବ । ଏହି ଅର୍ଥ ସ୍ୱାସ୍ଥ୍ୟସେବାରେ ବିନିଯୋଗ ହୋଇପାରିବ ଓ ଏକ ବୃହତ ଭାରତୀୟ ସମୁଦାୟ ନିଜର ସ୍ୱାସ୍ଥ୍ୟ ଅଧିକାର ପାଇପାରିବେ ବୋଲି ରାଷ୍ଟ୍ରୀୟ ମଧ୍ୟବିତ ପରିବାର ମହାସଙ୍ଘ ପକ୍ଷରୁ ରାଷ୍ଟ୍ରପତିଙ୍କ ଉଦେଶ୍ୟରେ ଅତିରିକ୍ତ ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଥିବା ସ୍ମାରକପତ୍ରରେ ଦାବି କରାଯାଇଛି ।


ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)
NURSERY (3+)
LKG, UKG, STD-I TO V



TUITION CLASSES
for Std I to Std V
Timing: 5 PM to 6.30 PM

FIND THE DIFFERENCE
- Surveillance through CCTV Camera
- Small Classes
- Congenial Environment
- Intimate, Safe & Secured Place
- Experienced & loving teachers
- Individual attention to each child
- Spacious Playground
- AC Activity Room
- Transport Facilities

MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act



Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray